ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ...

ଖୁବ୍‌ଶୀଘ୍ର ଆସୁଛି
ସାଗରିକା
(ବିଶ୍ୱବଫକ୍ଷ୍ୟା)
ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...
website : sagarika.in.net

ବାଲେଶ୍ୱର ❑ ବୁଧବାର ୨୯ ଏପ୍ରିଲ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 29 April 2026
Vol.No. 36 ■ No.112 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

## ସୁଧୁରିବ ଭାରତ-ଚୀନ୍ ସମ୍ପର୍କ

### ବ୍ରିକ୍ସ ସମ୍ମିଳନୀ ପାଇଁ ଭାରତ ଆସିପାରନ୍ତି ସି ଜିନପିଙ୍ଗ



ନୂଆଦିଲ୍ଲୀ,୨୮/୪ : ୨୦୨୦ ଗାଲୱାନ ସଂଘର୍ଷ ପରଠାରୁ ଭାରତ ଓ ଚୀନ୍ ମଧ୍ୟରେ ଜାରି ରହିଥିବା ରାଜନୈତିକ ଅସ୍ଥିରତା ଏବେ ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି । କୂଟନୈତିକ ଗତିଶୀଳତା ଏବଂ ଉଚ୍ଚସ୍ତରୀୟ ଆଲୋଚନା ଏକ ସକାରାତ୍ମକ ସଙ୍କେତ ଦେଉଛି ଯେ, ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଚଳିତ ବର୍ଷ ଭାରତରେ ଆୟୋଜିତ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବାକୁ ନୂଆଦିଲ୍ଲୀ ଗସ୍ତ କରିପାରନ୍ତି । ଯଦି ଏହି ଗସ୍ତ ସଫଳ ହୁଏ, ତେବେ ଏହା ଗାଲୱାନ ବିବାଦ ପରେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ର ମଧ୍ୟରେ ବିଶ୍ୱାସ ଗଠନ ଦିଗରେ ଏକ ଐତିହାସିକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ବିଶ୍ୱ ରାଜନୀତିର ବହୁପାକ୍ଷିକ ମଞ୍ଚରେ ଭାରତର ବ୍ରିକ୍ସ ସଭାପତିତ୍ୱକୁ ଚୀନ୍ ପୂର୍ଣ୍ଣ ସମର୍ଥନ ଜଣାଇବା ସହ ନୂଆଦିଲ୍ଲୀର କୂଟନୈତିକ ନେତୃତ୍ୱକୁ ପ୍ରଶଂସା କରିଛି । ନିକଟରେ ଚୀନର ସ୍ୱତନ୍ତ୍ର ଦୂତ ଝାଇ ଜୁନଙ୍କ ଭାରତ ଗସ୍ତ ଏବଂ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ସହ ସଫଳ ଆଲୋଚନା ଦୁଇ ଦେଶ ମଧ୍ୟରେ ଥିବା 'କୂଟନୈତିକ ଅସ୍ଥିରତାକୁ ଦୂର କରିବାରେ ସହାୟକ ହୋଇଛି । ଏସିଆର ଏହି ଦୁଇ ଆର୍ଥିକ ମହାଶକ୍ତି ପାଟ୍ରୋଲିଂ ଚୁକ୍ତି ଓ ବିଭିନ୍ନ ଆନ୍ତର୍ଜାତୀୟ ମଞ୍ଚରେ ସହଯୋଗ ବୃଦ୍ଧି କରି ସୀମା ବିବାଦର ସ୍ଥାୟୀ ସମାଧାନ ଦିଗରେ ଅଗ୍ରସର ହେଉଥିବା ପରି ମନେହେଉଛି । ୨୦୨୪ କାଜାନ ବ୍ରିକ୍ସ ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ ଓ ଜିନପିଙ୍ଗଙ୍କ ସାକ୍ଷାତକାର ପରଠାରୁ ଉଭୟ ଦେଶ ମଧ୍ୟରେ ରଣନୈତିକ ସହଭାଗିତା ପାଇଁ ନୂତନ ପଥ ପ୍ରଶସ୍ତ ହୋଇଛି । 'ଏଲଏସି'ରେ ପାଟ୍ରୋଲିଂ ପୁନଃ ଆରମ୍ଭ ଏବଂ 'ଏସସିଓ' ବୈଠକରେ ସକାରାତ୍ମକ ଆଲୋଚନା ଭାରତ ଓ ଚୀନ୍ ମଧ୍ୟରେ ଥିବା ପାରସ୍ପରିକ ସନ୍ଦେହକୁ ହ୍ରାସ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ବିଶ୍ୱର ବଦଳୁଥିବା ଭୂ-ରାଜନୈତିକ ପରିସ୍ଥିତିରେ ଭାରତ ଓ ଚୀନର ଏହି କୂଟନୈତିକ ପୁନର୍ମିଳନ କେବଳ ଆଞ୍ଚଳିକ ସ୍ଥିରତା ନୁହେଁ, ବରଂ ବିଶ୍ୱ ଅର୍ଥନୀତି ପାଇଁ ଏକ ନୂତନ ସଞ୍ଜୀବନୀ ସଦୃଶ ହେବ ବୋଲି ପ୍ରତିରକ୍ଷା ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି ।

## ମେ ୧ରୁ ବିଜେପିର ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର, ୨୮/୪ (ନି.ପ୍ର): ମେ ୧ରୁ ୩୭ଟି ସାଂଗଠନିକ ଜିଲ୍ଲାରେ ବିଜେପିର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ । ବିଜେପି ସାଧାରଣ ସମ୍ପାଦକ ବିରଂଚି ତ୍ରିପାଠୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ପୂର୍ବରୁ ରାଜ୍ୟର ୧୦୫୨ ମଣ୍ଡଳ ପ୍ରଶିକ୍ଷଣ ପର୍ବ ଶେଷ ହୋଇଛି । ନୂଆକରି ଯୋଡିହେଇଥିବା ସମସ୍ତଙ୍କୁ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ଦିଆଯିବ । ଜିଲ୍ଲା ଓ ପରେ ପ୍ରଦେଶସ୍ତରୀୟ କର୍ମଶାଳ ଆୟୋଜିତ ହେବ ।ଏହା ପରେ ହେବ ବିଧାୟକ ଓ ସାଂସଦଙ୍କ କର୍ମଶାଳା ଅନୁଷ୍ଠିତ ହେବ । ମଙ୍ଗଳବାର ଦିନ ରାଜ୍ୟ କାର୍ଯ୍ୟାଳୟରେ "ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬" କୁ ସଫଳ କରିବା ପାଇଁ ପ୍ରଦେଶ ସ୍ତରୀୟ ଆଇଟି ଓ ପ୍ରଦର୍ଶନୀ ଟୋଲୀ ବୈଠକ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଆୟୋଜିତ ଯୋଜନା ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବ ଭାରତ ପ୍ରଶିକ୍ଷଣ ସଂଯୋଜକ ପ୍ରଫେସର ଦିନେଶାନନ୍ଦ ଗୋସ୍ୱାମୀ, ରାଜ୍ୟ ସଂଯୋଜକ ତଥା ସାଂସଦ ବଳଭଦ୍ର ମାଝୀ, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ରାଜ୍ୟ ଓ ଜିଲ୍ଲାସ୍ତରୀୟ କାର୍ଯ୍ୟକର୍ତ୍ତା ଯୋଗଦେଇ ବିସ୍ତୃତ ଭାବରେ ଆଲୋଚନା କରିଥିଲେ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ ସୂଚନା ଦେଇଛନ୍ତି ।

## ରୁଷ ପୂରଣ କଲା ପ୍ରତିଶ୍ରୁତି: ଏସ୍-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ ମେ' ମଧ୍ୟଭାଗରେ ଭାରତରେ ପହଞ୍ଚିବ

ନୂଆଦିଲ୍ଲୀ,୨୮/୪ : ଅପରେସନ୍ ସିନ୍ଦୂରକୁ ଏକ ବର୍ଷ ପୂରଣ ହୋଇଛି । ଏଥିରେ ପାକିସ୍ତାନକୁ ରୁଷର ଏସ୍-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ ବଡ଼ ଝଟ୍‌କା ଦେଇଥିଲା । ଭାରତ ଏବଂ ରୁଷ ମଧ୍ୟରେ ବନ୍ଧୁତାକୁ ବିଶ୍ୱର ସବୁଠାରୁ ବିଶ୍ୱସ୍ତ ବନ୍ଧୁମାନଙ୍କ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ । ପଶ୍ଚିମ ଏସିଆରେ ଶକ୍ତି ସଙ୍କଟ ଏବଂ ଉତ୍ତେଜନା ବୃଦ୍ଧି ସତ୍ତ୍ୱେ, ଏହି ବନ୍ଧୁତା ଅତୁଟ ରହିଛି । ପ୍ରତିରକ୍ଷା ଚୁକ୍ତି ହେଉ, ଶକ୍ତି ସୁରକ୍ଷା ହେଉ କିମ୍ବା କୂଟନୈତିକ ସମର୍ଥନ, ଉଭୟ ପାଞ୍ଚ ଦଶନ୍ଧି ଧରି ପରସ୍ପର ସହିତ ଠିଆ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ, ଅପରେସନ ସିନ୍ଦୂରର ପ୍ରଥମ ବାର୍ଷିକୀ ପୂର୍ବରୁ, ରୁଷ ଭାରତକୁ ଏହାର ଚତୁର୍ଥ ଏସ-୪୦୦ବାୟୁ ପ୍ରତିରକ୍ଷା ପ୍ରଣାଳୀ ପ୍ରଦାନ କରିଥିଲା । ଏହା ମେ' ମାସର ମଧ୍ୟଭାଗ ସୁଦ୍ଧା ଭାରତୀୟ ବନ୍ଦରରେ ପହଞ୍ଚିବ ବୋଲି ଆଶା କରାଯାଉଛି । ସୂତ୍ର ଅନୁଯାୟୀ, ଭାରତୀୟ ବାୟୁସେନାର ଅଧିକାରୀମାନେ ରୁଷ ଗସ୍ତ କରି ପ୍ରଣାଳୀର ଯାଞ୍ଚ ସମାପ୍ତ କରିଥିଲେ । ଏହାକୁ ଗତ ସପ୍ତାହରେ ରୁଷରୁ ଭାରତ ପଠାଯାଇଥିଲା । ପାକିସ୍ତାନ ବିରୋଧରେ କ୍ଷେପଣାସ୍ତ୍ର ପ୍ରତିରକ୍ଷାକୁ ଆହୁରି ସୁଦୃଢ଼ କରିବା ପାଇଁ ଏହି ନୂତନ ପ୍ରଣାଳୀକୁ ରାଜସ୍ଥାନ କ୍ଷେତ୍ରରେ ନିୟୋଜିତ ହେବାର ଆଶା କରାଯାଉଛି । ପଞ୍ଚମ ଏସ୍-୪୦୦ସିଷ୍ଟମ, ଯାହା ଅପରେସନ ସିନ୍ଦୂର ସମୟରେ ଚମତ୍କାର ପ୍ରଦର୍ଶନ କରିଥିଲା , ଚଳିତ ବର୍ଷ ନଭେମ୍ବରରେ ଭାରତକୁ ଆସିବ ବୋଲି ଆଶା କରାଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାର ଆଉ ପାଞ୍ଚଟି ଏସ୍-୪୦୦ସିଷ୍ଟମ କିଣିବାକୁ ଅନୁମୋଦନ କରିଛନ୍ତି ।

## ପଞ୍ଚାୟତ ନିର୍ବାଚନରେ ବିଜେଡି ସହ ମେଣ୍ଟ କରିବନି କଂଗ୍ରେସ: ବିଜେଡି କହିଲା ମେଣ୍ଟ ନେଇ କେବେ ହୋଇନି ଆଲୋଚନା





ଭୁବନେଶ୍ୱର, ୨୮/୪ (ନି.ପ୍ର): ରାଜ୍ୟସଭା ନିର୍ବାଚନରେ ମିଳିତ ପ୍ରାର୍ଥୀ ଦେବା ପରେ କଂଗ୍ରେସ-ବିଜେଡି ମେଣ୍ଟ ପାଇଁ ମୂଳଦୁଆ ପଡୁଥିବାର ଚର୍ଚ୍ଚା ବଢ଼ିଲା । ଏପରିକି ପଞ୍ଚାୟତ ନିର୍ବାଚନରେ ବିଜେଡି-କଂଗ୍ରେସ ଏକାଠି ମୈଦାନକୁ ଓହ୍ଲାଇବାର ପ୍ଲଟ ପ୍ରସ୍ତୁତ ହେଉଥିବାର ବାର୍ତ୍ତା ତୃଣମୂଳସ୍ତରକୁ ଗଲା । ଏଭଳି ଏକ ସମୀକରଣ ସୃଷ୍ଟି ହେଉଥିବା ଜାଣିବା ପରେ ପ୍ରଥମେ କଂଗ୍ରେସରେ ଦେଖିବାକୁ ମିଳିଥିଲା ଅସନ୍ତୋଷର ଝଲକ । ତଳସ୍ତରର କର୍ମୀଙ୍କ ଠାରୁ ବରିଷ୍ଠ ନେତା ଏହାକୁ ବିରୋଧ କରିବା ପରେ ଏବେ ଭକ୍ତ ମାରିଛନ୍ତି ୟୁ-ଟର୍ଣ୍ଣ । ବିଜେଡି ମଧ କହିଛି, ପଞ୍ଚାୟତରେ ଏକାଠି ଲଢ଼ିବାର ପ୍ରଶ୍ନ ଉଠୁନି । ଏକାଠି ଲଢ଼ିବୁରୁ ଏକା ଲଢ଼ିବୁ ପର୍ଯ୍ୟନ୍ତ ଯାତ୍ରା । ଗତ ଦେଢ ମାସ ମଧ୍ୟରେ କଂଗ୍ରେସ-ବିଜେଡି ସମ୍ପର୍କରେ ଆସିଥିବା ଜୁଆରରେ ଏବେ ଭଙ୍ଗା ପଡିଛି । ପିସିସି ମୁଖିଆ ଭକ୍ତ ଦାସଙ୍କ ଏକାଧିକ ବୟାନ ମେଣ୍ଟ ଚର୍ଚ୍ଚାକୁ ଜନ୍ମ ଦେଇଥିବା ବେଳେ ପଞ୍ଚାୟତ ନିର୍ବାଚନରେ ଏକାଠି ହାତ ଧରି ଚାଲିବା ନେଇ ବାତାବରଣ ତିଆରି ହେଉଥିଲା । ହେଲେ ଏଭଳି ସମୀକରଣକୁ ନେଇ କଂଗ୍ରେସରେ ବିରୋଧର ସ୍ୱର ଉଠିବା ପରେ ମନ ପରିବର୍ତ୍ତନ କରିଛନ୍ତି ଭକ୍ତ ଦାସ । ୟୁ-ଟର୍ଣ୍ଣ ମାରିବା ସହ କହିଛନ୍ତି, ପଞ୍ଚାୟତ ଓ ପୌର ନିର୍ବାଚନରେ ଏକା ଲଢ଼ିବ କଂଗ୍ରେସ । ହେଲେ ୨୯ ନିର୍ବାଚନ କଥା ହାଇକମାଣ୍ଡ ବୁଝିବେ ବୋଲି କହି ମେଣ୍ଟ ଚର୍ଚ୍ଚାକୁ ପୂରା କବର ଦେଇନାହାନ୍ତି ଭକ୍ତ । ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏଭଳି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି କଂଗ୍ରେସ କର୍ମୀ ଓ ନେତା । ପୂର୍ବରୁ କଂଗ୍ରେସ ସହ ମେଣ୍ଟ ଚର୍ଚ୍ଚା ବେଳେ ଅସମ୍ଭବ ନୀରବତା ଦେଖାଉଥିଲା ବିଜେଡି । ହେଲେ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ଏକା ଲଢ଼ିବ ବୋଲି ଭକ୍ତ କହିବା ପରେ ବିଜେଡି ମଧ ଫ୍ରଣ୍ଟଫୁଟକୁ ଆସିଛି । ମୁଣ୍ଡ ନାହିଁ, ମୁଣ୍ଡବ୍ୟଥା କାହିଁକି ହେବ ? ବୋଲି କହି ମେଣ୍ଟ ଚର୍ଚ୍ଚାକୁ ବାଏଁ ବାଏଁ ଉଡାଇଛି ଦଳ । କଂଗ୍ରେସ ସହ ମେଣ୍ଟ କରି ନିର୍ବାଚନ ଲଢ଼ିବା କଥା କେବେ କହିନି ବିଜେଡି । ପଞ୍ଚାୟତ ନିର୍ବାଚନରେ ଦଳ ଏକାଠି ଲଢ଼ିବ ବୋଲି ସ୍ପଷ୍ଟ କରିଛନ୍ତି ପ୍ରସନ୍ନ ଆଚାର୍ଯ୍ୟ । ହାଇକମାଣ୍ଡଙ୍କ ଜାଣତରେ ମେଣ୍ଟ ଚର୍ଚ୍ଚା ହୋଇଥିଲା କି ? ଯଦି ହଁ, ତେବେ କାହିଁକି ୟୁ-ଟର୍ଣ୍ଣ ମାରିଲେ ପିସିସି ମୁଖିଆ ? ଯଦି ନା, ତେବେ ମେଣ୍ଟ ଚର୍ଚ୍ଚା କରି କିଏ ସ୍ୱାର୍ଥ ହାସଲ କରିବାକୁ ଚାହୁଥିଲେ ?

## ସାରା ରାଜ୍ୟରେ ପାଳନ ହେଲା ମଧୁବାବୁଙ୍କ ଜୟନ୍ତୀ: ଜୋର ଧରିଲା ଓଡ଼ିଶା ପ୍ରଦେଶ ଗଠନର ବିନ୍ଧାଣିଙ୍କୁ ଭାରତ ରତ୍ନ ଦାବି



ଭୁବନେଶ୍ୱର, ୨୮/୪ (ନି.ପ୍ର): ସାରା ରାଜ୍ୟରେ ଆଜି ପାଳିତ ହୋଇଛି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ । ଚଳଚଂଚଳ ହୋଇଛି ମଧୁବାବୁଙ୍କ ଜନ୍ମମାଟି ଠାରୁ ଆରମ୍ଭ କରି ତାଙ୍କ କର୍ମକ୍ଷେତ୍ର ପାଲଟିଥିବା ସ୍ଥାନ । ବିଧାନସଭାଠାରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହାରି ଭିତରେ ଜୋର ଧରିଛି, କୂଳବୃଦ୍ଧ ମଧୁସୂଦନ ଦାସଙ୍କୁ ଭାରତରତ୍ନ ପାଇଁ ଦାବି । ନବଉତ୍କଳର ନିର୍ମାତା.. ଭାଷାଭିତ୍ତିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବିନ୍ଧାଣି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଆଜି ମନେ ପକାଉଛି ସାରାରାଜ୍ୟ । ୧୭୮ତମ ଜୟନ୍ତୀ ଅବସରରେ ମଧୁବାବୁଙ୍କ ଜନ୍ମମାଟି କଟକ ଜିଲ୍ଲାର ସତ୍ୟଭାମାପୁରରେ ଲାଗିଛି ଗହଳି ଚହଳି । କର୍ମକ୍ଷେତ୍ର କଟକ ସହରର ଗୋରାକବରରେ ଆୟୋଜିତ ହୋଇଛି ସ୍ୱତନ୍ତ୍ର କାର୍ଯ୍ୟକ୍ରମ । ମଧୁବାବୁଙ୍କ ପ୍ରତିମୂର୍ତ୍ତୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ବରିଷ୍ଠ ନେତୃମଣ୍ଡଳୀ ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତା ।

◆◆ପୃଷ୍ଠା ୭

## ରାଜ୍ୟରେ ଖୁବଶୀଘ୍ର ଖୋଲିବ ହିଟ୍ ୱେଭ୍ ସେଂଟର: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୨୮/୪ (ନି.ପ୍ର): ଆଗାମୀ ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବିଭିନ୍ନ ସ୍ଥାନରେ ହିଟ୍ ୱେଭ୍ ସେଂଟର ଖୋଲିବାକୁ ଯାଉଛନ୍ତି । ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଙ୍ଗଳବାର ଦିନ ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, ଆଗକୁ ତାପମାତ୍ରା ବୃଦ୍ଧି ପାଇବା ସହ ଗ୍ରୀଷ୍ମ ପ୍ରଭାବ ଅଧିକ ହେବାର ସମ୍ଭାବନା ରହିଛି ।

## ଦୋଷ ସ୍ୱୀକାର କଲାନି ବ୍ୟାଙ୍କ, ମନ୍ତ୍ରୀ କ୍ଷୁବ୍ଧ: କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ, ପୀଡ଼ିତଙ୍କୁ ନ୍ୟାୟ ଦେଲା ଜିଲ୍ଲା ପ୍ରଶାସନ

କେଉଁଝର, ୨୮/୪ (ନି.ପ୍ର): ମୃତ ଭଉଣୀର ଆକାଉଣ୍ଟରୁ ଟଙ୍କା ଉଠାଇବା ପାଇଁ ବ୍ୟାଙ୍କକୁ ବାରମ୍ବାର ଦୌଡ଼ି ନିରାଶ ହୋଇଥିବା ଗରିବ ଆଦିବାସୀ ଜିତୁ ମୁଣ୍ଡାଙ୍କୁ ଶେଷରେ ନ୍ୟାୟ ମିଳିଛି । ପ୍ରଶାସନ ତାଙ୍କ ଘରକୁ ଯାଇଛି, ଆଉ ମୃତ ଭଉଣୀର ବ୍ୟାଙ୍କ ଆକାଉଣ୍ଟରେ ଥିବା ଟଙ୍କାକୁ ସୁଧସମେତ ତାଙ୍କୁ ପୈଠ କରିଛି । କେବଳ ସେତିକି ନୁହେଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ମଧ ୩୦ହଜାର ଟଙ୍କାର ଆର୍ଥିକ ସହାୟତା ତାଙ୍କୁ ଯୋଗାଇ ଦିଆଯାଇଛି । ତେବେ ଯେଉଁ ବ୍ୟାଙ୍କର କର୍ମଚାରୀ ଓ ଅଫିସରଙ୍କ ଅମାନବିକ ଆଚରଣ ଓ ନୀତିନିୟମ ପାଇଁ ଗରିବ ନିରକ୍ଷର ଜିତୁ ମୁଣ୍ଡା ଏପ୍ରିଲ ୨୭ତାରିଖରେ

◆◆ପୃଷ୍ଠା ୭

## ରାଜ୍ୟରେ ଖୁବ୍‌ଶୀଘ୍ର ନିଗମ ଓ ବୋର୍ଡ ନିଯୁକ୍ତି କରାଯିବ : ମନମୋହନ ସାମଲ

ଭୁବନେଶ୍ୱର, ୨୮/୪ (ନି.ପ୍ର): ରାଜ୍ୟରେ ଖୁବ୍‌ଶୀଘ୍ର ନିଗମ ଓ ବୋର୍ଡ ନିଯୁକ୍ତି କରାଯିବ । ଏହି ସୂଚନା ଦେଇଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ । ସେ କହିଛନ୍ତି ଯେ, ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ପୂର୍ବରୁ ବାକି ଥିବା ସମସ୍ତ ନିଯୁକ୍ତି ପ୍ରକ୍ରିୟା ଶେଷ କରାଯିବ । ଓକିଲ ନିଯୁକ୍ତି ସମ୍ବନ୍ଧରେ ମଧ ସେ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟର ୨୯ଟି ଜିଲ୍ଲାରେ ଓକିଲ ନିଯୁକ୍ତି ସମ୍ପୂର୍ଣ୍ଣ ହୋଇସାରିଛି । ଖୋର୍ଦ୍ଧା ଜିଲ୍ଲାରେ ମଧ ଖୁବ ଶୀଘ୍ର ଓକିଲ ନିଯୁକ୍ତି କରାଯିବ । ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ମନମୋହନ ସାମଲ କହିଛନ୍ତି ଯେ, କେନ୍ଦ୍ରୀୟ ନେତାଙ୍କ ସହ ବୈଠକ ପରେ ସମ୍ପ୍ରସାରଣ ହେବ । ଯେତେବେଳେ ସମ୍ପ୍ରସାରଣ ହେବା ଦରକାର, ସେତେବେଳେ ହିଁ ହେବ ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି ଯେ, ଦଳର ସଂକଳ୍ପ ପତ୍ରରେ ଦିଆଯାଇଥିବା ପ୍ରତିଶ୍ରୁତିମାନଙ୍କ ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ କାମ ସରିଛି, ଅବଶିଷ୍ଟ କାମଗୁଡ଼ିକୁ ମଧ ଶୀଘ୍ର ସମ୍ପନ୍ନ କରାଯିବ ।

## ଆଜି ପଶ୍ଚିମବଙ୍ଗରେ ଶେଷ ପର୍ଯ୍ୟାୟ ଭୋଟିଂ




ନୂଆଦିଲ୍ଲୀ,୨୮/୪ : ପଶ୍ଚିମବଙ୍ଗରେ ଆସନ୍ତାକାଲି ଦ୍ୱିତୀୟ ତଥା ଶେଷ ପର୍ଯ୍ୟାୟ ଭୋଟ୍ ଗ୍ରହଣ କରାଯିବ । ଏଥିପାଇଁ ନିର୍ବାଚନ କମିସନଙ୍କ ପକ୍ଷରୁ ସବୁ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି । ପୁଲିଂ କର୍ମଚାରୀମାନେ ବୁଥରେ ପହଞ୍ଚି ସାରିଛନ୍ତି । ଶୃଙ୍ଖଳାର ସହିତ ମତଦାନ ପାଇଁ ବ୍ୟାପକ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଛି । ପଶ୍ଚିମବଙ୍ଗରେ ଆସନ୍ତାକାଲି ୧୪୨ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ୍ ଗ୍ରହଣ କରାଯିବ । ଏଥିପାଇଁ ପୁଲିଂ ଅଫିସର ଓ କର୍ମଚାରୀମାନେ ଇଭିଏମ୍ ଏବଂ ଅନ୍ୟ ଉପକରଣ ସହ ବୁଥରେ ପହଞ୍ଚି ସାରିଛନ୍ତି । ବୁଥଗୁଡ଼ିକରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ସମ୍ବେଦନଶୀଳ ଅଞ୍ଚଳରେ ସୁରକ୍ଷା ବହିନୀ ମୁତୟନ ଅଛନ୍ତି । ରାଜ୍ୟରେ କେନ୍ଦ୍ରୀୟ ବାହିନୀର ମୋଟ୍ ୨ ହଜାର ୩୨୧ କମ୍ପାନି ନିୟୋଜିତ କରାଯାଇଛି । ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ । ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନରେ ୩ କୋଟିରୁ ଅଧିକ ଭୋଟର୍ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । ଏହି ପର୍ଯ୍ୟାୟରେ ୧ ହଜାର ୪୪୮ ପ୍ରାର୍ଥୀ ମଇଦାନରେ ଅଛନ୍ତି । ସେମାନଙ୍କ ମଧ୍ୟରେ ଅଛନ୍ତି ୨୨୦ ଜଣ ମହିଳା ପ୍ରାର୍ଥୀ । ମୋଟ୍ ୪୧ ହଜାରରୁ ଅଧିକ ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି । ୮ ହଜାର ୮୪୫ ମତଦାନ କେନ୍ଦ୍ର ମହିଳାମାନଙ୍କ ଦ୍ୱାରା ପରିଚାଳିତ ହେବ । ୨୯୮ଟି ମଡେଲ ମତଦାନ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିବା ବେଳେ ୧୩ଟି ମତଦାନ କେନ୍ଦ୍ର ଦିବ୍ୟାଙ୍ଗଙ୍କ ଦ୍ୱାରା ପରିଚାଳିତ ହେବ । ପଶ୍ଚିମବଙ୍ଗର ମୋଟ୍ ୨୯୪ ବିଧାନସଭା ଆସନ ମଧ୍ୟରୁ ଗତ ୨୩ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୧୫୨ଟି ଆସନ ପାଇଁ ଭୋଟ୍ ଗ୍ରହଣ କରାଯାଇଥିଲା । ପ୍ରାୟ ୯୩ ପ୍ରତିଶତ ଲୋଟର ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରିଥିଲେ । ମେ ୪ ତାରିଖରେ ଭୋଟ୍ ଗଣତି କରାଯିବ । ଏହିଦିନ ଆସମ୍, କେରଳ, ପୁଡୁଚେରୀ ଓ ତାମିଲନାଡୁ ବିଧାନସଭା ପାଇଁ ମଧ ଭୋଟ୍ ଗଣତି କରାଯିବ । ପଶ୍ଚିମ ବଙ୍ଗରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ବେଳେ ବ୍ୟାପକ ହିଂସା ପରେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ସବୁଠି ସୁରକ୍ଷା ପୂରା ଟାଇଟ୍ । ବିଭିନ୍ନ ରାଜ୍ୟରୁ ବହୁ ଦକ୍ଷ ଆଇପିଏସ୍ ଅଫିସରଙ୍କୁ ଭିନ୍ନ ଭିନ୍ନ ନିର୍ବାଚନ କ୍ଷେତ୍ର ପାଇଁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେଇଛନ୍ତି ନିର୍ବାଚନ କମିଶନ । ଆଉ ସମସ୍ତେ ଏବେ ଆକ୍ଟିଭ ମୋଡ୍ ରେ । ୟୁପିରୁ ଆସିଥିବା ଆଇପିଏସ୍ ଆଜୟ ପାଲ ଶର୍ମା ଦକ୍ଷିଣ ୨୪ ପ୍ରଗଣାର ଅବଜରଭର । ଭୋଟ୍ ବେଳେ ବଦମାସୀ କଲେ କେମିତି ଉଚିତ୍ ଦଣ୍ଡ ଦିଆଯିବ ସେ ନେଇ ଚେତାଇ ଦେଉଛନ୍ତି...ଯାହାର ଭିଡିଓ ଭାଇରାଲ୍ ହେଉଛି । ସେପଟେ ଓଡ଼ିଶାରୁ ବି ଅବରଜରଭର ଭାବେ ବେଙ୍ଗଲ ଯାଇଛନ୍ତି ୧୦ ଆଇପିଏସ୍ । ସେମାନେ ହେଲେ ହିମାଂଶୁ ଲାଲ, ସତ୍ୟଜିତ୍ ନାୟକ, ଅନୁପ ସାହୁ, ବି. ଗଙ୍ଗାଧର, ଶ୍ରବଣା ବିବେକ, ସ୍ମିଥ୍ ପରମାର, ଜେ. ବନୋଥ, ଜୟନାରାୟଣ ପଙ୍କଜ, ଅବିନାଶ କୁମାର ଓ ଚରଣ ସିଂ ମୀନା ।

## ବନ୍ଦ ହେବା ଦ୍ୱାରରେ ବିମାନ କମ୍ପାନୀ : ଇନ୍ଧନ ମୂଲ୍ୟରେ ରିହାତି ଲୋଡିଲା ବିମାନ ଚଳାଚଳ ସଂସ୍ଥା




ନୂଆଦିଲ୍ଲୀ,୨୮/୪ : ଜେଟ୍ ଇନ୍ଧନ ଦର ବୃଦ୍ଧି ଯୋଗୁଁ ପରିବହନ କ୍ଷେତ୍ରରେ ଚାପ ପଡିଛି । ଖର୍ଚ୍ଚ ବୃଦ୍ଧି ପାଉଥିବାରୁ ଭାରତର ବିମାନ ଶିଳ୍ପ ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛି । ଏୟାର ଇଣ୍ଡିଆ, ଇଣ୍ଡିଗୋ ଏବଂ ସ୍ପାଇସଜେଟ୍ ଭଳି ବାହକ ସଂସ୍ଥାଗୁଡ଼ିକର ପ୍ରତିନିଧିତ୍ୱ କରୁଥିବା ଫେଡେରେସନ ଅଫ୍ ଇଣ୍ଡିଆନ୍ ଏୟାରଲାଇନ୍ସ (ଏଫ୍‌ଆଇଏ) ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଏକ ଚିଠି ଲେଖି ଚେତାବନୀ ଦେଇଛି ଯେ ବିମାନ ଟରବାଇନ୍ ଇନ୍ଧନ (ଏଟିଏଫ୍) ମୂଲ୍ୟ ବୃଦ୍ଧି ଯୋଗୁଁ ବିମାନ କମ୍ପାନି ଚାପର ସମ୍ମୁଖୀନ ହେଉଛନ୍ତି । ଶିଳ୍ପ ସଂଗଠନ କହିଛି ଯେ ବର୍ତ୍ତମାନର ଖର୍ଚ୍ଚ ପରିବେଶ ଅନେକ ରୁଟ୍‌କୁ ଆର୍ଥିକ ଭାବରେ ଅସମ୍ଭବ କରୁଛି ଏବଂ ଯଦି ମୂଲ୍ୟ ବୃଦ୍ଧି ପାଏ,

◆◆ପୃଷ୍ଠା ୭

# ଖଇରପୁଟରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ମାଲକାନଗିରି , ୨୮/୦୪ (ନି.ପ୍ର): ଖଇରପୁଟ ବ୍ଲକ ପୋଡ଼ାଘାଟ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ବନଖଣ୍ଡ ଅଧିକାରୀ ସାଇ କିରଣ ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଶ୍ମୀ ରଞ୍ଜନ ସେନାପତି ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଶୁଣିଥିଲେ। ଏହି ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ପ୍ରୀତମ ଦେବତା ପରିଚାଳନା କରିଥିବା ବେଳେ ବ୍ଲକର ବିଡିଓ, ତହସିଲଦାର ଏବଂ ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ସମୁଦାୟ ୬୯ ଟି ଅଭିଯୋଗର ଶୁଣାଣି କରାଯାଇଥିଲା, ଯେଉଁଥିରେ ୧୦ ଟି ବ୍ୟକ୍ତିଗତ ଏବଂ ୫୯ ଟି ଗ୍ରାମ ଭିତିକ ସମସ୍ୟା ରହିଥିଲା। ଶିବିରରେ ଜନସାଧାରଣଙ୍କୁ ବିଭିନ୍ନ ସେବା ଯୋଗାଇବା ପାଇଁ ସ୍ୱତନ୍ତ୍ର କ୍ୟାମ୍ପମାନ ଆୟୋଜନ କରାଯାଇଥିଲା। ଏଥିରେ ଭିନ୍ନକ୍ଷମମାନଙ୍କୁ ସହାୟତା ଉପକରଣ ପ୍ରଦାନ, ସ୍ୱାସ୍ଥ୍ୟ ପରୀକ୍ଷା, ମଧୁବାବୁ ପେନସନ ଯୋଜନାରେ ନୂତନ ଭତା ମଞ୍ଜୁର, ଜମି ପଟ୍ଟା ସମ୍ବନ୍ଧୀୟ ସମସ୍ୟାର ସମାଧାନ ଏବଂ ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ଭଳି ଗୁରୁତ୍ୱପୂର୍ଣ୍ଣ ସେବା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ପ୍ରଶାସନକୁ ଲୋକଙ୍କ ଘର ଦୁଆରମୁହଁରେ ପହଂଚାଇବା ଆମର ମୁଖ୍ୟ ଲକ୍ଷ୍ୟ, ଯଦ୍ୱାରା ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ସରକାରୀ ସେବାର ସୁଫଳ ପାଇପାରିବେ ଏବଂ ସେମାନଙ୍କ ସମସ୍ୟାର ତ୍ୱରିତ ସମାଧାନ ହୋଇପାରିବ। ପ୍ରଶାସନର ଏହି ପଦକ୍ଷେପକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପ୍ରକାଶ ପାଇଛି। ପ୍ରଶାସନକୁ ନିଜ ଦୁଆର ମୁହଁରେ ପାଇ ପୋଡ଼ାଘାଟ ଓ ଆଖପାଖ ଅଂଚଳର ଜନସାଧାରଣ ଖୁବ୍ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀଙ୍କ ମତରେ, ପୂର୍ବରୁ ସାମାନ୍ୟ କାମ ପାଇଁ ଜିଲ୍ଲା ସଦର ମହକୁମାକୁ ଯିବାକୁ ପଡୁଥିଲା, କିନ୍ତୁ ଏବେ ବଡ଼ ବଡ଼ ଅଧିକାରୀମାନେ ଗାଁକୁ ଆସି ସମସ୍ୟା ଶୁଣୁଥିବାରୁ ସେମାନେ ଅନେକ ସମୟ ଓ ଖର୍ଚ୍ଚରୁ ରକ୍ଷା ପାଉଛନ୍ତି। ଅନୁରୂପ ଭାବେ ଅନ୍ୟାନ୍ୟ ବ୍ଲକରେ ମଧ୍ୟ ପଂଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ଏବଂ ସଦର ମହକୁମାରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି ସଫଳତାର ସହ ସମ୍ପନ୍ନ ହୋଇଛି।

# ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବା ପ୍ରସଙ୍ଗରେ କେନ୍ଦୁଝରରେ ଜନ ଆକ୍ରୋଶ ମହିଳା ପଦଯାତ୍ରା

କେନ୍ଦୁଝର, ୨୮/୦୪ (ନି.ପ୍ର): ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବା ପ୍ରସଙ୍ଗରେ ସୋମବାର କେନ୍ଦୁଝର ରେ "ଜନ ଆକ୍ରୋଶ ମହିଳା ପଦଯାତ୍ରା" ଅନୁଷ୍ଠିତ ହୋଇଯାଇଛି। ମହିଳାମାନଙ୍କୁ ସାମ୍ବିଧାନିକ ଅଧିକାର ଦେବା ପାଇଁ କେନ୍ଦୁଝର ଜିଲ୍ଲା ବିଜେପି ପକ୍ଷରୁ ଏହି "ଜନ ଆକ୍ରୋଶ ମହିଳା ପଦଯାତ୍ରା" ଆୟୋଜନ କରାଯାଇଥିବା ବେଳେ ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ କହିଛନ୍ତି ମହିଳା ମାନଙ୍କ ପାଇଁ ଏହି ଲଢ଼େଇ ଜାରି ରହିବ। ଜିଲ୍ଲାର ହଜାର ହଜାର ମହିଳା ଏହି ପଦଯାତ୍ରାରେ ସାମିଲ ହୋଇ କେନ୍ଦୁଝର ସହରର କାଳୀ ପଡିଆ ନିକଟରୁ ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଂଚି ରାହୁଲ ଗାନ୍ଧୀ, ମମତା ବାନାର୍ଜୀ ଏବଂ ନବୀନ ପଟ୍ଟନାୟକ ଙ୍କ କୁଶ ପୁତଳିକା ଦାହ କରିଥିଲେ।

ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ସ୍ୱାଧୀନତାର ସାତ ଦଶନ୍ଧୀ ପରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀ "ନାରୀଶକ୍ତି ବନ୍ଦନ ଅଧିନିୟମ" ଆଣିଥିଲେ। ଏହି ଅଧିନିୟମ ମହିଳାମାନଙ୍କ ପାଇଁ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ୩୩ ପ୍ରତିଶତ ଆସନ ସଂରକ୍ଷଣକୁ ସୁନିଶ୍ଚିତ କରୁଥିଲା। ରାଜନୀତି କ୍ଷେତ୍ରରେ ମହିଳାମାନଙ୍କ ଭାଗିଦାରିତାକୁ ଦୃଢୀଭୁତ କରୁଥିଲା। ମାତ୍ର କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିମେଂଟ ଏହାକୁ ସଂସଦରେ ପାରିତ କରେଇ ଦେଇନଥିଲା। ବିଜେଡି ଏହାକୁ ସମର୍ଥନ କରିଥିଲା। ଏଥିରୁ ବିରୋଧୀଦଳ ଗୁଡ଼ିକର ମହିଳା ବିରୋଧୀ ଆଭିମୁଖ୍ୟ ସ୍ପଷ୍ଟ ହୋଇଛି। ସେମାନଙ୍କ ଏହି ମହିଳା ବିରୋଧୀ ଷଡ଼ଯନ୍ତ୍ର ବିରୋଧରେ ଆକ୍ରୋଶ ପ୍ରତିଫଳିତ ହେଉଛି । ଚାରିଆଡ଼େ ଏବେ ପ୍ରତିବାଦ ଓ ଆନ୍ଦୋଳନ କରାଯାଉଛି। ଏହି ମହିଳା ଆକ୍ରୋଶକୁ ସମର୍ଥନ ଜଣାଇ ଭାରତୀୟ ଜନତା ପାର୍ଟି ତରଫରୁ ଗତ ୨୨ ତାରିଖରେ ରାଜଧାନୀ ଭୁବନେଶ୍ୱରଠାରେ ବିଶାଳ "ଜନ ଆକ୍ରୋଶ ମହିଳା ପଦଯାତ୍ରା" ଆୟୋଜନ କରାଯାଇଥିଲା। ସେହିପରି ଗତ ୨୪ ଓ ୨୫ ତାରିଖରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ "ଜନ ଆକ୍ରୋଶ ମହିଳା ସମ୍ମିଳନୀ ଓ ପଦଯାତ୍ରା" ଅନୁଷ୍ଠିତ ହୋଇଥିବା ବେଳେ କେନ୍ଦୁଝର ରେ ଅନୁରୂପ କାର୍ଯ୍ୟକ୍ରମ ହୋଇଯାଇଛି। ସମାଜର ବିଭିନ୍ନ ବର୍ଗର ମହିଳାମାନେ ଏଥିରେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ସାଂସଦ ଅନନ୍ତ ନାୟକ, ତେଲକୋଇ ବିଧାୟକ ଡ଼ା ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ରାଜ୍ୟ ବିଜେପି ସମ୍ପାଦିକା ମମତା ସିଂ, ଜିଲ୍ଲା ସାଧାରଣ ସମ୍ପାଦିକା ଯଶସ୍ୱୀନି ବଳ, ରାଜ୍ୟ ମହିଳାମୋର୍ଚ୍ଚା ସମ୍ପାଦିକା ବିଜୟଲକ୍ଷ୍ମୀ ମହାନ୍ତ,ଜିଲ୍ଲା ଟୋଲିର ସଦସ୍ୟା ଗୀତାଞ୍ଜଳି ମହାନ୍ତ, ନଳିନୀ ମହାନ୍ତ ଉପସ୍ଥିତି ରେ ତଥା ଅନ୍ୟ ମହିଳା ନେତୃତ୍ୱ ମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନେଟୀଡିହିରେ ଅଜଣା ବୃଦ୍ଧାଙ୍କ ମୃତ୍ୟୁ : ଅଂଶୁଘାତ ସନ୍ଦେହ

ଝାରସୁଗୁଡ଼ା, ୨୮/୦୪ (ନି.ପ୍ର): କୋଲାବିରା ଥାନା ଅଧିନସ୍ଥ ନେଟୀଡିହି ଗ୍ରାମରେ ରବିବାର ସନ୍ଧ୍ୟାରେ ଜଣେ ଅଜଣା ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଗ୍ରାମବାସୀଙ୍କ ସୂଚନା ଅନୁସାରେ, ବୃଦ୍ଧା ଜଣକ ଦୁଇରୁ ତିନି ଦିନ ଧରି ପତ୍ରାପାଲି, ନେଟୀଡିହି ଓ ରଘୁନାଥପାଲି ଅଂଚଳରେ ଘୁରି ବୁଲୁଥିବା ଦେଖାଯାଇଥିଲା। ରବିବାର ସନ୍ଧ୍ୟାରେ ନେଟୀଡିହି ଗ୍ରାମର ଏକ ଚାଷ ଜମିରେ ବୃଦ୍ଧାଙ୍କୁ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ଗ୍ରାମବାସୀ ତୁରନ୍ତ କୋଲାବିରା ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ତାଙ୍କୁ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ସମ୍ପର୍କରେ କୋଲାବିରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବୃଦ୍ଧାଙ୍କ ପରିଚୟ ସନ୍ଧାନ ପାଇଁ ପୋଲିସ ତଦନ୍ତ ଜାରି ରଖିଛି। ବୃଦ୍ଧାଙ୍କ ବୟସ ପ୍ରାୟ ୬୦ ରୁ ୬୫ ବର୍ଷ ମଧ୍ୟରେ ହେବ ବୋଲି କୋଲାବିରା ଥାନାର ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ ପ୍ରଧାନ ସୂଚନା ଦେଇଛନ୍ତି। ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ ଅନୁଯାୟୀ, ତୀବ୍ର ଗ୍ରୀଷ୍ମ ତାପମାତ୍ରାର ପ୍ରଭାବରେ ଅଂଶୁଘାତ ଯୋଗୁଁ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ତେବେ ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ମଙ୍ଗଳପୁର ବାଘଡେଗା ନାଳ ପୋଲ ନିର୍ମାଣରେ ଅନିୟମିତତା ଅଭିଯୋଗ

ଚମ୍ପୁଆ, ୨୮/୦୪ (ନି.ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ଠାରୁ ପଡୁଆ, ଭୂଇଁପୁର, ଉଖୁଣ୍ଡା ଓ ବାରିଆ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମାଣ ହେଉଥିବା ରାସ୍ତା ଏବେ ବିବାଦ ଘେରରେ। ଏହି ରାସ୍ତାର ପଡୁଆ ଗ୍ରାମପଂଚାୟତ ଅନ୍ତର୍ଗତ ମଙ୍ଗଳପୁର ବାଘଡେଗା ନାଳ ଉପରେ ଚାଲିଥିବା ପୋଲ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି । ସରକାରୀ ନିୟମ ଅନୁଯାୟୀ, ଯେକୌଣସି ସରକାରୀ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସେଠାରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏକ ସୂଚନା ଫଳକ ଲଗାଯିବା ବାଧ୍ୟତାମୂଳକ। ଏହି ଫଳକରେ ପ୍ରକଳ୍ପର ବ୍ୟୟ ଅଟକଳ, କାର୍ଯ୍ୟ ଆରମ୍ଭ, କାର୍ଯ୍ୟ ଶେଷ ହେବା ଅବଧି ଏବଂ ଠିକାଦାରଙ୍କ ବିଷୟରେ ସବିଶେଷ ତଥ୍ୟ ରହିବା କଥା। ମାତ୍ର ବାଘଡେଗା ନାଳ ପୋଲ ନିର୍ମାଣରେ ଠିକାଦାର ସରକାରୀ ନିୟମକୁ ଖୋଲାଖୋଲି ଉଲଂଘନ କରୁଥିବା ଦେଖିବାକୁ ମିଳିଛି। ଲୋକଙ୍କୁ ଅନ୍ଧାରରେ ରଖି କାମ କରାଯାଉଥିବାରୁ ପୋଲର ସ୍ଥାୟିତ୍ୱକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି ।କେବଳ ସୂଚନା ଫଳକ ନୁହେଁ, ବରଂ ନିର୍ମାଣ କାର୍ଯ୍ୟର ଗୁଣବତାକୁ ନେଇ ମଧ୍ୟ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ବ୍ୟବହୃତ ହେଉଥିବା ସାମଗ୍ରୀ ଅତି ନିମ୍ନମାନର ବୋଲି ଅଭିଯୋଗ ହେଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ବିଧିବଦ୍ଧ ଭାବେ ସରକାରୀ ଅର୍ଥର ହରିଲୁଟ୍ କରିବା ପାଇଁ ଯୋଜନା ଚାଲିଛି। କାର୍ଯ୍ୟ ସମ୍ପର୍କିତ କୌଣସି ସୂଚନା ଫଳକ ନ ଥିବାରୁ ଏହି ଗୁରୁତ୍ୱପୂର୍ଣ୍ଣ ପୋଲ କାମଟି କେତେ ଟଙ୍କା ଅନୁଦାନରେ ନିର୍ମାଣ କରାଯାଉଛି, କେଉଁ ଠିକା ସଂସ୍ଥା କାମ କରୁଛି, ସେ ବିଷୟରେ କିଛି ଜଣାପଡୁନାହିଁ। କାମ ମଧ୍ୟ ଅତି ନିମ୍ନମାନର ହେଉଛି। ଯଦି ଏହାର ଉଚ୍ଚସ୍ତରୀୟ ତଦନ୍ତ ନ ହୁଏ, ତେବେ ଆଗକୁ ପୋଲର ସ୍ଥାୟିତ୍ୱ ନେଇ ବିପଦ ରହିବ। ଏହି ଘଟଣାରେ ଜିଲ୍ଲା ପ୍ରଶାସନ ଓ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାର ଉଚ୍ଚ କର୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରି କାମର ଗୁଣବତା ଯାଂଚ୍ କରାଯିବା ସହ ସୂଚନା ଫଳକ ନ ଲଗାଇ କାମ କରୁଥିବା ସଂସ୍ଥା ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣରେ ଦାବି ହେଉଛି ।

# ଅନୁକମ୍ପା ମୂଳକ ରାଶି ପ୍ରଦାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କଲା ଅମଲା ସଂଘ

ଜୟପୁର, ୨୮/୦୪ (ନି.ପ୍ର): ଅନୁକମ୍ପା ମୂଳକ ରାଶି ପ୍ରଦାନ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଓଡିଶା ଅମଲା ସଂଘର ଅତିରିକ୍ତ ସାଧାରଣ ସମ୍ପାଦକ ଶଶୀ ଭୂଷଣ ଦାସ ଅନୁରୋଧ କରିଛନ୍ତି । ଜିଲ୍ଲା ମୂଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା କର୍ମଚାରୀ ପୁଷ୍ପିତ ତ୍ରିପାଠୀ ତା ୨୩.୦୪.୨୦୨୬ ରିଖ ଦିନ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ସଙ୍ଗେ ସଙ୍ଗେ ସେ ତାଙ୍କ ସ୍ତ୍ରୀ ଙ୍କ ସହିତ କୋରାପୁଟ ସ୍ଥିତ ସହିଦ୍ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟକୁ ଚିକିତ୍ସା ନିମନ୍ତେ ଯାଇଥିଲେ । ସେଠାରେ ସେ ଛାତିରେ ଖୁବ୍ ଯନ୍ତ୍ରଣା ଅନୁଭବ କରୁଥିବା କହିବା ସତ୍ତ୍ୱେ ଜରୁରୀକାଳୀନ ଚିକିତ୍ସା ଆରମ୍ଭ ନ କରି ତାଙ୍କୁ ବିଭିନ୍ନ ସ୍ଥାନକୁ ପରିକ୍ଷା ନିମନ୍ତେ ପଠାଇଥିଲେ । ଫଳରେ ଚିକିତ୍ସା ଆରମ୍ଭ କରିବା ପୂର୍ବରୁ ହିଁ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି କ୍ଷ ଯଦି ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କ ଚିକିତ୍ସାରେ ଅବହେଳା କରାଯାଏ ସାଧାରଣ ଲୋକଙ୍କ ଅବସ୍ଥା କ'ଣ ହେଉଥିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଉକ୍ତ ବିଷୟ ଗଣମାଧ୍ୟମରେ ମଧ୍ୟ ପ୍ରଚାର ପ୍ରସାର ହୋଇଛି, ଏନେଇ ତାଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ କୋରାପୁଟ ଜିଲ୍ଲାପାଳ ଏହାର ତଦନ୍ତ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ଏ ନେଇ ଓଡ଼ିଶା ଅମଲା ସଂଘ ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଶଶୀଭୂଷଣ ଦାଶ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିବା ସହିତ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବା ପାଇଁ ଅନୁରୋଧ କରିବା ସହିତ ଚିକିତ୍ସାରେ ଅବହେଳା କରିଥିବା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରି ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଅନୁରୋଧ କରିଥିବା ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି । ଶ୍ରୀ ଦାଶ୍ କହିଛନ୍ତି ଯେ, ଜିଲ୍ଲା ସ୍ତରରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଅବହେଳିତ ଓ ନିଷ୍ପେସିତ ଓ ଚାପଗ୍ରସ୍ତ ହୋଇ ରହୁଛନ୍ତି କାର୍ଯ୍ୟାଳୟରେ ଅଧିକାରୀଙ୍କ ଚାପ ସହିତ ଆର୍ଥିକ ଚାପ ମଧ୍ୟ ରହୁଛି ଯେହେତୁ ସେମାନେ ସ୍ୱଳ୍ପ ବେତନ ଭୋଗି ଯଦି ସ୍ୱର୍ଗତ ତ୍ରିପାଠୀଙ୍କ ଆର୍ଥିକ ସ୍ଥିତି ଠିକ୍ ରହିଥାନ୍ତା, ତା ହେଲେ ସେ ଗୋଟିଏ ଭଲ ଘରୋଇ ଚିକିତ୍ସାଳୟରେ ତାଙ୍କର ଚିକିତ୍ସା କରି ପାରିଥାନ୍ତେ।

## ଭଞ୍ଜନଗରରେ ଠାକୁରାଣୀ ଯାତ୍ରା

ଗଞ୍ଜାମ, ୨୮/୦୪ (ନି.ପ୍ର): ଗଞ୍ଜାମ ଜିଲ୍ଲାର ଐତିହାସିକ ତ୍ରିବର୍ଷିକ ଠାକୁରାଣୀ ଯାତ୍ରା ଆରମ୍ଭ ହୋଇଯାଇଛି। ଫଳରେ ଭଞ୍ଜନଗର ସହର ଚଳଚଂଚଳ ହୋଇପଡିଛି। ଭଞ୍ଜ ରାଜବଂଶର ଆରାଧ୍ୟ ଦେବୀ ମା ବ୍ୟାଘ୍ରଦେବୀଙ୍କୁ ପୂଜା ଆରାଧନା କରିବା ସହ ସୁସଜ୍ଜିତ ଶଗଡ଼ ଗାଡ଼ିରେ ଆବାହନ କରି କୁଲାଡ ଠାରୁ ଭଞ୍ଜନଗର ସହରକୁ ଆଣି ପିତା ଦେଶୀ ବ୍ହେରାଙ୍କ ଘର ଅସ୍ଥାୟୀ ମଣ୍ଡପରେ ଗତକାଲି ବିଳମ୍ବିତ ରାତିରେ ଅବସ୍ଥାନ କରାଯାଇଛି ଓ ଯାତ୍ରା ଧୁମଧାମରେ ଆରମ୍ଭ ହୋଇଛି।

# ପୋଡାପଦରରେ ବାଲିଯାତ୍ରା ଅନୁଷ୍ଠିତ

ଜୟପୁର, ୨୮/୦୪ (ନି.ପ୍ର): ଆଧୁନିକ ଯୁଗରେ ମଣିଷ ଭୁଲିନି ନିଜର କଳା, ସଂସ୍କୃତି ଓ ପରମ୍ପରା । ଏହି ପରମ୍ପରାକୁ ବଜାୟ ରଖିବା ପାଇଁ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ପୋଡ଼ାପଦର୍ ଗାଁରେ ପାଳନ ହୋଇଛି ଆଦିବାସୀଙ୍କ ବିଶ୍ୱାସ ବହନ କରୁଥିବା ବାଲିଯାତ୍ରା । ପୋଡ଼ାପଦର୍ ଗାଁରେ ନିଆରା ଢଙ୍ଗରେ ଏହି ଯାତ୍ରା ପାଳନ କରିଛନ୍ତି ପିଲା ଠୁ ବୟସ୍କ । ୩ ବର୍ଷରେ ଥରେ ପାଳନ ହେଉଥିବା ବାଲିଯାତ୍ରାକୁ ବେଶ୍ ଧୁମ୍ ଧାମରେ ପାଳନ କରାଯାଇଛି । ପୋଡାପଦର୍ ସହିତ ଆଖ ପାଖ ଗାଁରୁ ହଜାର ହଜାର ଲୋକ ରୁଣ୍ଡ ହୋଇ ପ୍ରତି ୩ ବର୍ଷ ପରେ ପାରମ୍ପରିକ ରୀତି ନୀତିରେ ବାଜା ବାଣ ଫୁଟାଇବା ସହିତ ବିଭିନ୍ନ ଆଦିବାସୀ ଲୋକ ସଂସ୍କୃତି ପଟୁଆର କରି ନାଚ ଗୀତର ଧୁମରେ ଝୁମିଛନ୍ତି । ଏହି ଅବସରରେ ଆଦିବାସୀଙ୍କ ଦେବତା ଭିମା ଭିମାଣିଙ୍କୁ ପୂଜା କରାଯାଇଛି । ବାଲି ଘରୁ ବାଲି ଚଙ୍ଗୁଡ଼ିରେ ଗଜା ଶସ୍ୟକୁ ମହିଳା ମାନେ ନିଜ ନିଜର ମୁଣ୍ଡରେ ବୋହି ନେଇଥିବା ବେଳେ ପୁରୁଷ ମାନେ ଚାଷ କାମରେ ବ୍ୟବହୃତ ହଳ, ଲଙ୍ଗଳ, କୋଡ଼ି, କୋଦାଳକୁ ବୋହି ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମାରେ ବାହାରି ଧାର୍ଯ୍ୟ ସମୟ ଅନୁଯାୟୀ ଦେବୀଙ୍କ ପାଖରେ ପୂଜାର୍ଚ୍ଚନା କରାଯାଇଛି । ବାଲିରେ ଶସ୍ୟ ଯାତ ଦ୍ରବ୍ୟ ଯଥା ଧାନ, ଗହମ, ମାଣ୍ଡିଆ, ମକା, ଶୁଆଁ, ମୁଗ, ବିରି ଆଦି ବୁଣା ଯାଏ ଯେଉଁ ଦିନ ସେହି ଦ୍ରବ୍ୟରୁ ଅଙ୍କୁର ଜାତ ହୁଏ ସେ ଦିନ ବାଲିଯାତ୍ରା ଅନୁଷ୍ଠିତ ହୁଏ । ଏହି ପୂଜା କଲେ ଗାଈ ଗୋରୁ ସହିତ ଲୋକଙ୍କୁ କୌଣସି ରୋଗ ହୁଏ ନାହିଁ ଏବଂ ଚାଷ କାର୍ଯ୍ୟ ଭଲ ହୁଏ ବୋଲି ବୋଲି ବିଶ୍ୱାସ ରହିଛି । ଏହି କାର୍ଯ୍ୟକ୍ରମଟିକୁ ବାଲିଯାତ୍ରା ଆୟୋଜନ କମିଟିର ସଭାପତି ଚିତ୍ରସେନ ମିଶ୍ର, ଉପସଭାପତି ଫୋରୋଜ ମିଶ୍ର, ସମ୍ପାଦକ - ଗୌରୀ ଶଙ୍କର ଦାସ, କୋଷାଧ୍ୟକ୍ଷ - ସୁରେଶ ଷଡ଼ଙ୍ଗୀଙ୍କ ସହିତ ଗ୍ରାମବାସୀ ସହଯୋଗ କରିଥିଲେ । ପ୍ରାୟ ୨୦୦ରୁ ଉର୍ଦ୍ଧ ଗ୍ରାମର ଯୁବ ବାହିନୀ ଗଠନ ହୋଇ ଶାନ୍ତି ଶୃଙ୍ଖଳା ରକ୍ଷା କାର୍ଯ୍ୟ ସହିତ ଲୋକଙ୍କୁ ପାନୀୟ ଜଳ ଯୋଗାଣ, ଟ୍ରାଫିକ ନିୟନ୍ତ୍ରଣ କରିଥିଲେ । ବି ସିଂହପୁର ଥାନା ଅଧିକାରି ଲିମାରାଜ ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ବାହିନୀ ଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ପୋଡ଼ାପଦର୍ ପରେ ବୋରିଗୁମ୍ମା ବ୍ଲକର କାମତା ଗାଁ ରେ ୧୨ ବର୍ଷ ପରେ ୨୮ ତାରିଖ ଦିନ ଏହି ବାଲିଯାତ୍ରା ଅନୁଷ୍ଠିତ ହେବ। ସେହିପରି ଆଗାମୀ ମଇ ୭ ତାରିଖ ଦିନ ବ୍ଲକର କୁମୁଲି ଗାଁରେ ମଧ୍ୟ ୧୨ ବର୍ଷ ପରେ ଏହି କୃଷି ଭିତିକ ଆଦିବାସୀ ପାରମ୍ପରିକ ବାଲିଯାତ୍ରା ଅନୁଷ୍ଠିତ ହେବ ବୋଲି ଜଣାପଡିଛି । ଶେଷରେ ମେ ୧୦ ତାରିଖ ଦିନ ବିସିଂହପୁର ଗ୍ରାମରେ ଜୟପୁର ରଜା ଅମଳରୁ ଚାଲିଆସୁଥିବା ବାଲିଯାତ୍ରା ଅନୁଷ୍ଠିତ ହେବ ।

# ଦେବ୍ରିଗଡ଼ ଅଭୟାରଣ୍ୟ ନିକଟରୁ ମୟୂର ମାଂସ ଓ ଅଣ୍ଡା ଜବତ : ଶିକାରୀ ଦମ୍ପତି ଗିରଫ

ସମ୍ବଲପୁର, ୨୮/୦୪ (ନି.ପ୍ର): ସମ୍ବଲପୁର ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ରାଜ୍ୟ ସମେତ ଜାତୀୟ ସ୍ତରରେ ଏହାର ପରିଚୟ ସୃଷ୍ଟି କରାଇବା ପାଇଁ ବହୁ ଉନ୍ନୟନ କାର୍ଯ୍ୟ ହେଉଛି । ସେଥି ମଧ୍ୟରେ ଦେବ୍ରିଗଡ଼ ଅଭୟାରଣ୍ୟ ପ୍ରାଣୀ ଉଦ୍ୟାନର ସଂସ୍କାର ଅନ୍ୟତମ । ମାତ୍ର ଦୁର୍ଭାଗ୍ୟ ଏହି ପ୍ରାଣୀ ଉଦ୍ୟାନ ପାଦଦେଶର ଲବଡଟିକ୍ରା ଗାଁରେ ଏକ ଅଭାବନୀୟ ଘଟଣା ଲୋକଲୋଚନକୁ ଆସିଛି । ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ଆଧାରରେ ଗତ ରାତିରେ ଦେବ୍ରିଗଡ଼ ନାଇଟ୍ ପାଟ୍ରୋଲିଂ ସ୍କ୍ୱାଡ୍ ଲବଡଟିକ୍ରା ଗାଁ' ରେ ଚଢ଼ଉ କରି ଦୁଇ ଜଣ ଶିକାରୀଙ୍କ ଘରୁ ମୟୂର ମାଂସ, ଅଣ୍ଡା, ଶିକାର ପାଇଁ ଫାନ୍ଦ, ମାଟିର ଗୋଲା, ଟ୍ରାପ୍, କୁହାଡ଼ି ଓ ଛୁରୀ ଆଦି ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଗିରଫଙ୍କ ମଧ୍ୟରେ ୪୦ ବର୍ଷୀୟ ସୁରେନ୍ଦ୍ର ଖଡ଼ିଆ ଓ ଅନ୍ୟ ଜଣଙ୍କ ୩୦ ବର୍ଷୀୟା ରଶ୍ମି ଖଡ଼ିଆ । ଉଭୟଙ୍କୁ ଏହି ଅବାଧ ଶିକାର ସମ୍ପର୍କରେ ଜେରା କରିବା ପରେ ଆଜି କୋର୍ଟ ଚାଲାଣ କରାଯାଇଛି । ତଦନ୍ତ ବେଳେ ଅଭିଯୁକ୍ତମାନେ ସ୍ୱିକାର କରିଛନ୍ତି ଯେ, ଜାଳେଣୀ କାଠ ସଂଗ୍ରହ ପାଇଁ ଜଙ୍ଗଲକୁ ଯାଇଥିବା ବେଳେ ସେଠାରେ ମୟୂର ଘୋଷା ଦେଖିଥିଲେ । ଘୋଷା ଭିତରେ ଥିବା ଅଣ୍ଡା, ମୟୂର ମାଂସ ପାଇଁ ଯୋଜନା କରିଥିଲେ। ଡେବ୍ରିଗଡ ଅଭୟାରଣ୍ୟ ପ୍ରଶାସନ ପକ୍ଷରୁ ପଶୁପକ୍ଷୀ ଶିକାର ଉପରେ କଡା କଟକଣା ଲାଗୁ ରହିଛି । ଅବାଧ ଶିକାର ସମ୍ପର୍କରେ କେହି ସୂଚନା ଦେଲେ ସୂଚନାଦାତାଙ୍କୁ ପୁରସ୍କୃତ କରାଯିବାର ମଧ୍ୟ ବ୍ୟବସ୍ଥା ରହିଛି। ସୂଚନାଯୋଗ୍ୟ ଦେବ୍ରିଗଡ଼ ସଂରକ୍ଷିତ ଅଂଚଳରେ ସାଧାରଣତଃ ମାଂସ ଓ ପକ୍ଷୀ ପାଇଁ ଫ୍ରାଙ୍କୋଲିନ୍, ପାର୍ଟ୍ରିଜ୍ ଓ କୁଏଲ୍ ପରି ଭୂମିରେ ଘୋଷା କରୁଥିବା ପକ୍ଷୀମାନେ ବିଶେଷ ଭାବରେ ଶିକାରୀଙ୍କ ଟାର୍ଗେଟରେ ରହୁଛନ୍ତି। ତେଣୁ ଅବାଧ ଶିକାର ରୋକିବା ଦିଗରେ ଇକୋ-ଡେଭେଲପମେଣ୍ଟ କମିଟିମାନଙ୍କୁ ଏଥିପ୍ରତି ସଚେତନ କରାଯିବା ସହ ସମସ୍ତ ଗାଁରେ ସୂଚନାଦାତା ସକ୍ରିୟ ଥିବା ଜଣାପଡିଛି ।

# ସିନାପାଲି ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ନୂଆପଡ଼ା, ୨୮/୦୪ (ନି.ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସଭାଗୃହ ଠାରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ ଖାନ, ଜିଲ୍ଲା ମୁଖ୍ଯ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ୍, ଜିଲ୍ଲା ମୂଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ. ଦ୍ୱାରିକା ନାଥ ଶତପଥୀ, ବ୍ଲକ ଅଧ୍ୟକ୍ଷା ମାଧୁରୀ ମାଝୀ, ବ୍ଲକ ଉପାଧ୍ୟକ୍ଷା ମୀନା ଘିବେଲା, ବିଡ଼ିଓ କାର୍ମୀ ଓରାମ , ତହସିଲଦାର ଉପାଞ୍ଜଳୀ ମାଝୀ, ଏସ୍ ଡି ପି ଓ ଉପେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଡେପୁଟୀ କଲେକ୍ଟର ଚିନ୍ମୟ ସାଗର ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ନୂଆପଡାର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଲାଇନ୍ ବିଭାଗ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ସମାଧାନରେ ସାମିଲ ହୋଇଥିଲେ । ଉକ୍ତ ଶିବିରରେ ୩୧ ଗୋଟି ବ୍ୟକ୍ତିଗତ ଓ ୧୧ ଟି ଗୋଷ୍ଠୀଗତ ମୋଟ ୪୨ଗୋଟି ବିଭିନ୍ନ ସମସ୍ୟା ଆଧାରିତ ଅଭିଯୋଗ ଶୁଣାଣି ହୋଇଥିଲା। ଶିବିରରେ କେନ୍ଦୁମୁଣ୍ଡା ଗ୍ରାମର ଖିଲେଶ୍ୱରୀ ମାଝୀଙ୍କୁ ଉଚ୍ଚ ଶିକ୍ଷା ପାଇଁ ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ତତ୍କାଳୀନ ସହାୟତା ଯୋଗାଇ ଦିଆଯାଇ ଥିଲା । ସେହିପରି, ହେମନ୍ତୀ ମାଝୀ ଓ ମାଳତୀ ସତନାମୀଙ୍କୁ ପାଂଚ ହଜାର ଟଙ୍କା ଲେଖାଏ ରେଡ୍ କ୍ରସ ପାଣ୍ଠିରୁ ଚେକ୍ ପ୍ରଦାନ କରାଯାଇଥିଲା। ଶିବିର ଉପଲକ୍ଷେ କଇଟପଦର ପଂଚାୟତରେ ଏକ ରକ୍ତଦାନ ଶିବିର ଓ ଜନସାଧାରଣଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଓ ପ୍ରବାସୀ ଶ୍ରମିକ ନିରାକରଣ ନିମିତ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା । ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ତରଫରୁ ଗୃହପାଳିତ ପଶୁପକ୍ଷୀଙ୍କ ଚିକିତ୍ସା ପାଇଁ ଏକ ଶିବିର ମଧ୍ୟ ଆୟୋଜନ କରାଯାଇଥିଲା । ଆଜି ଶିବିରରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକ୍ ସ୍ତରୀୟ ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ ।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ଜୟପୁର, ୨୮/୦୪ (ନି.ପ୍ର): କୋରାପୁଟ ଜିଲ୍ଲା ବୈପାରିଗୁଡା ବ୍ଲକ କାର୍ଯ୍ୟାଳୟ ସଭାଗୃହ ଠାରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟଓ୍ୱାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା, ଉପଜିଲ୍ଲାପାଳ ଯଦୁମଣି ନାୟକ, ସିଡିଓ ବେଣୁଧର ଶବର, ପିଏ ଆଇଟିଡିଏ ତୃପ୍ତି ବରାଇ, ଡାକ୍ତର ଶିବସାଇ ସ୍ୱରୁପ, ବ୍ଲକ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ବିଡ଼ିଓ ଶକ୍ତି ମହାପାତ୍ର, ତହସିଲଦାର ସ୍ନିଗ୍ଧା ଚୌଧୁରୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମୋଟ ୪୯ଟି ଅଭିଯୋଗ ମଧ୍ୟରୁ ୧୯ଟି ସାମୁହିକ ଏବଂ ୩୦ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା।

# କୃଷି ଭିତିକ ବାଲିଯାତ୍ରା ମାଧ୍ୟମରେ ଆଜିବି ବଂଚିଛି ପରମ୍ପରା

ଜୟପୁର, ୨୮/୦୪ (ନି.ପ୍ର): ଆଧୁନିକ ଯୁଗରେ ମଣିଷ ଭୁଲିନି ନିଜର କଳା, ସଂସ୍କୃତି ଓ ପରମ୍ପରା । କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ପୋଡ଼ାପଦର୍ ଗାଁରେ ପାଳନ ହୋଇଛି ଆଦିବାସୀଙ୍କ ବିଶ୍ୱାସ ବହନ କରୁଥିବା ବାଲିଯାତ୍ରା । ପୋଡ଼ାପଦର୍ ଗାଁରେ ନିଆରା ଢଙ୍ଗରେ ଏହି ଯାତ୍ରା ପାଳନ କରିଛନ୍ତି ପିଲା ଠୁ ବୟସ୍କ, ୩ ବର୍ଷରେ ଥରେ ପାଳନ ହେଉଥିବା ଐତିହାସିକ ବାଲିଯାତ୍ରାକୁ ବେଶ୍ ଧୁମ୍ ଧାମରେ ପାଳନ କରାଯାଇଛି । ପୋଡାପଦର୍ ସହିତ ଆଖପାଖ ଗାଁରୁ ହଜାର ହଜାର ଲୋକ ରୁଣ୍ଡ ହୋଇ ୩ ବର୍ଷ ପରେ ପାରମ୍ପରିକ ରୀତି ନୀତିରେ ବାଜା ବାଜଣା ବାଣ ଫୁଟାଇବା ସହିତ ବିଭିନ୍ନ ଆଦିବାସୀ ଲୋକ ସଂସ୍କୃତି ନୃତ୍ୟ ପଟୁଆର କରି ନାଚ ଗୀତରେ ଧୁମରେ ଝୁମିଛନ୍ତି । ଏହି ଅବସରରେ ଆଦିବାସୀଙ୍କ ଦେବତା ଭିମା ଭିମାଣିଙ୍କୁ ପୂଜା କରାଯାଇଛି ।

ବାଲି ଘରୁ ବାଲି ଟାଙ୍ଗୁଡ଼ିରେ ଅଂକୁର ଶସ୍ୟକୁ ମହିଳା ମାନେ ନିଜ ନିଜର ମୁଣ୍ଡରେ ବୋହି ନେଇଥିବା ବେଳେ ପୁରୁଷ ମାନେ ଚାଷ କାମରେ ବ୍ୟବହୃତ ହଳ, ଲଙ୍ଗଳ, କୋଡ଼ି, କୋଦାଳକୁ ବୋହି ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମାରେ ବାହାରି ଧାର୍ଯ୍ୟ ସମୟ ଅନୁଯାୟୀ ଦେବୀଙ୍କ ପାଖରେ ପୂଜାର୍ଚ୍ଚନା କରାଯାଇଛି । ବାଲିରେ ଶସ୍ୟ ଯାତ ଦ୍ରବ୍ୟ ଯଥା ଧାନ, ଗହମ, ମାଣ୍ଡିଆ, ମକା, ଶୁଆଁ, ମୁଗ, ବିରି ଆଦି ବୁଣା ଯାଏ ଯେଉଁ ଦିନ ସେହି ଦ୍ରବ୍ୟରୁ ଅଙ୍କୁର ଜାତ ହୁଏ ସେ ଦିନ ବାଲିଯାତ୍ରା ଅନୁଷ୍ଠିତ ହୁଏ । ଏହି ପୂଜା କଲେ ଗାଈ ଗୋରୁ ସହିତ ଲୋକଙ୍କୁ କୌଣସି ରୋଗ ହୁଏ ନାହିଁ ଏବଂ ଚାଷ କାର୍ଯ୍ୟ ଭଲ ହୁଏ ବୋଲି ବିଶ୍ୱାସ ରହିଛି । ପୋଡ଼ାପଦର୍ ପରେ ବୋରିଗୁମ୍ମା ବ୍ଲକର କାମତା ଗାଁ ରେ ୧୨ ବର୍ଷ ପରେ ୨୮ ତାରିଖ ଦିନ ଏହି ବାଲିଯାତ୍ରା ଅନୁଷ୍ଠିତ ହେବ। ସେହିପରି ଆଗାମୀ ମଇ ୭ ତାରିଖ ଦିନ ବ୍ଲକର କୁମୁଲି ଗାଁରେ ମଧ୍ୟ ୧୨ ବର୍ଷ ପରେ ଏହି କୃଷିଭିତିକ ଆଦିବାସୀ ପାରମ୍ପରିକ ବାଲିଯାତ୍ରା ଅନୁଷ୍ଠିତ ହେବ ବୋଲି ଜଣାପଡିଛି । ଶେଷରେ ମଇ ୧୦ ତାରିଖ ଦିନ ବିସିଂହପୁର ଗ୍ରାମରେ ଜୟପୁର ରଜା ଅମଳରୁ ଚାଲିଆସୁଥିବା ବାଲିଯାତ୍ରା ଅନୁଷ୍ଠିତ ହେବ । ବାଲିଯାତ୍ରା ପାଇଁ ବୋରିଗୁମ୍ମା ବ୍ଲକ ଉତ୍ସବମୁଖର ହେବା ସହିତ ଚଳଚଂଚଳ ହୋଇ ଉଠିଛି ।

# କିର୍ମିରା ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିର

ଝାରସୁଗୁଡ଼ା, ୨୮/୦୪ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ ସଭାଗୃହ ଠାରେ ଜିଲାପାଳ କୁଣାଳ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୩୦ଟି ଅଭିଯୋଗରୁ ୧୫ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ସେଥିମଧ୍ୟରୁ ବିଦ୍ୟୁତ ସଂଯୋଗୀ କରଣ, ଜମି ଚିହ୍ନଟ,ଭିନ୍ନକ୍ଷମ ଭତା, ଆର୍ଥିକ ସହାୟତା, ଜମି ବିବାଦ,ପକ୍କାଘର ପାଇବା ସମସ୍ୟା ଭିତିକ ଥିବା ବେଳେ ସାମୁହିକରେ କିର୍ମିରା ଗ୍ରାମର ପଶୁ ଚିକିତ୍ସାଳୟରେ ପଶୁ ଡାକ୍ତର ନିଯୁକ୍ତି ଓ ଗାଁ ରେ ବିଦେଶୀ ମଦ ଦୋକାନ ପାଖ ଜମି ମାନଙ୍କରେ କାଚ, ମଦ ବୋତଲ ପକାଇବା, ବାଗଡିହି ଗାଁ ମୁଖ୍ୟ ରାସ୍ତା ର ମରାମତି କାମ ଓ ବାଇପାସ ରାସ୍ତା ନିର୍ମାଣ, ମୋ ବସ ବୈଜାପାଲି ଗାଁ କୁ ଚଳାଚଳ କରିବା , ଟାଙ୍ଗରଗଡ଼ା ଗାଁ ରୁ ନୂଆଁପଡ଼ାକୁ ରାସ୍ତା ନିର୍ମାଣ, ୨୦୨୪-୨୦୨୫ ମସିହାର ଧାନ କିଣାର କମିଶନ ଟଙ୍କା ପାଇ ନ ଥିବା, ମିଶନ ଶକ୍ତି କାଫେରେ ପିଇବା ପାଣି ଯୋଗାଇବା, କିର୍ମିରା ଶିବ ମନ୍ଦିର ବନ୍ଧ ରୁ ପଙ୍କ ଉଦ୍ଧାର ସହ ଇନଲେଟ ଆଉଲେଟ ତିଆରି କରିବା ଅଭିଯୋଗ ହୋଇଥିଲା।

# ପ୍ରାକ୍ ସାମ୍ବିଧାନିକ ସଂରକ୍ଷଣ: ଏକ ଆଲୋଚନା



ଅଧ୍ୟାପକ ଗୋପବନ୍ଧୁ

ସମ୍ବିଧାନରେ ସ୍ଥାନିତ ହୋଇଥିବା ସଂରକ୍ଷଣ ବ୍ୟବସ୍ଥାର ଦୀର୍ଘ ପୃଷ୍ଠଭୂମି ରହିଛି। ଏହା କୌଣସି ତତ୍କାଳୀକ ସିଦ୍ଧାନ୍ତ ନୁହେଁ। ବ୍ରିଟିଶ ଶାସନାଧୀନ ଭାରତବର୍ଷରେ ସର୍ବପ୍ରଥମେ କୋଲ୍‌ହାପୁର ରାଜ୍ୟରେ ୧୯୦୨ ମସିହାରେ ସରକାରୀ ସିଦ୍ଧାନ୍ତ ରୂପେ ଚାକିରୀ କ୍ଷେତ୍ରରେ ଅନଗ୍ରସର ଜାତିସମୂହଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥାର କାର୍ଯ୍ୟକାରୀ ହୋଇଥିଲା। ତତ୍କାଳୀନ କୋଲ୍‌ହାପୁର ମହାରାଜା ଶାହୁଜୀ ମହାରାଜଙ୍କ ନିର୍ଦ୍ଦେଶ କ୍ରମେ ଏହା କାର୍ଯ୍ୟକାରୀ ହୋଇଥିଲା। ତେଣୁ ଶାହୁଜୀ ମହାରାଜଙ୍କୁ ସଂରକ୍ଷଣର ଜନକଭାବେ ସମ୍ବୋଧିତ କରାଯାଏ। ପ୍ରକାଶ ଥାଉକି ସେ ସମୟରେ ଏସଟି, ଏସସି ଓ ଓବିସି ପରି ଗୋଷ୍ଠୀର ଉଦ୍ରେକ ହୋଇନଥିଲା। ଏମାନେ ସମସ୍ତେ ଡିପ୍ରେସ୍ଡ କ୍ଲାସ୍ ବା ଅନଗ୍ରସର ଜାତି ସମୂହ ଭାବେ ପରିଚିତ ହେଉଥିଲେ। କେତେକ କ୍ଷେତ୍ରରେ ଏମାନେ ଶୂଦ୍ର ବା ଅସବର୍ଣ୍ଣ ଭାବେ ପରିଚିତ ହେଉଥିଲେ। ସେ ଏମାନଙ୍କୁ ସରକାରୀ ଚାକିରୀରେ ଶତକଡା ୫୦ ଭାଗ ସଂରକ୍ଷଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

ସେ ସମାଜର ତଳ ଜାତିର ପିଲାମାନଙ୍କ ଶିକ୍ଷାର ବିକାଶ ପାଇଁ ପଦକ୍ଷେପ ନେଇଥିଲେ। ଏହି କ୍ରମରେ ସେ ଡକ୍ଟର ବି. ଆର୍. ଆମ୍ବେଦକରଙ୍କୁ ଉଚ୍ଚଶିକ୍ଷା ଲାଭପାଇଁ ସାହାଯ୍ୟ କରିଥିଲେ। ପରେ ଡକ୍ଟର ଆମ୍ବେଦକର ସମାଜ ସଂସ୍କାର ଦିଗରେ ଶାହୁଜୀ ମହାରାଜଙ୍କ ମୁଖ୍ୟ ସହଯୋଗୀ ହୋଇଥିଲେ। ୧୯୨୨ ମସିହାରେ ଶାହୁଜୀଙ୍କ ଦେହାନ୍ତ ପରେ ଏ ଆନ୍ଦୋଳନର ଦାୟିତ୍ୱ ଡକ୍ଟର ଆମ୍ବେଦକରଙ୍କୁ ବହନ କରିବାକୁ ପଡିଥିଲା। ସେତେବେଳେକୁ ମୁସଲିମ୍ ଲିଗ୍ ମୁସଲମାନ ମାନଙ୍କ ପାଇଁ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ ଦାବୀ ଆରମ୍ଭ କରିଦେଇଥିଲା। ଆମ୍ବେଦକରଙ୍କ ନେତୃତ୍ୱରେ ଅନଗ୍ରସର ଜାତିସମୂହ ସଂଗଠିତ ହୋଇ ସମାନ ସାମାଜିକ ଅଧିକାର ପାଇଁ ଲଢୁଥାନ୍ତି ଓ ନିଜର ସ୍ଥିତିକୁ ଜାହିର କରିସାରିଥାନ୍ତି। ଏହା ସହିତ ଏମାନଙ୍କ ଶିକ୍ଷାଗତ ଓ ଆର୍ଥିକ ବିକାଶ ପାଇଁ ପଦକ୍ଷେପ ନେବା ପାଇଁ ବ୍ରିଟିଶ ସରକାରଙ୍କ ଉପରେ ଚାପ ସୃଷ୍ଟି କରୁଥାନ୍ତି।

ସେ ସମୟରେ ଭାରତବର୍ଷର ଶାସନ ଇଂଲଣ୍ଡରୁ ଚାଲିଥାଏ। ଭାରତୀୟ ଶାସନର ନିୟମ ଇଂଲଣ୍ଡରେ ତିଆରି ହେଉଥାଏ। ୧୯୧୯ ରେଗୁଲେସନ ଆକ୍ଟ ଅନୁଯାୟୀ ଶାସନ ଚାଲିଥାଏ। ଭାରତୀୟମାନଙ୍କୁ ଅଧିକ କ୍ଷମତା ପ୍ରଦାନ ପାଇଁ କଂଗ୍ରେସ ଦାବୀ କରୁଥାଏ। ୧୯୧୯ ଆକ୍ଟର ସଂଶୋଧନ ଓ ଅଧିକ କ୍ଷମତା ପ୍ରଦାନ ପାଇଁ ବ୍ରିଟିଶ ସରକାର ସାର୍ ଜନ୍ ସାଇମନଙ୍କ ନେତୃତ୍ୱରେ ୧୯୨୮ ମସିହାରେ ଏକ କମିଶନ ଅନୁଧ୍ୟାନ ପାଇଁ ପଠାନ୍ତି। କଂଗ୍ରେସ ଏହାକୁ ବିରୋଧ କରେ। କିନ୍ତୁ ଡକ୍ଟର ଆମ୍ବେଦକର ବହିଷ୍କୃତ ହିତକାରିଣୀ ସଭା ତରଫରୁ ସାଇମନ କମିଶନକୁ ସାକ୍ଷାତ କରି ଏକ ସ୍ମାରକ ପତ୍ର ପ୍ରଦାନ କରନ୍ତି। ଯେଉଁଥିରେ ସେ ଦଳିତ ଓ ସମାଜର ତଳ ସ୍ତରର ଲୋକମାନଙ୍କ ଦୁରାବସ୍ଥାକୁ ଉଲ୍ଲେଖ କରି ଏମାନଙ୍କ ପାଇଁ ନିର୍ବାଚନ ମଣ୍ଡଳୀରେ, ମନ୍ତ୍ରୀମଣ୍ଡଳରେ ତଥା ଚାକିରୀ କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦାବୀ କରନ୍ତି। ଏହାହିଁ ଥିଲା ସମ୍ବିଧାନିକ ସଂରକ୍ଷଣର ପ୍ରଥମ ପଦକ୍ଷେପ।

ସାଇମନ କମିଶନଙ୍କ ରିପୋର୍ଟ ଆଧାରରେ ବିଭିନ୍ନ ରାଜନୈତିକ ସଂଗଠନ ମଧ୍ୟରେ ସହମତି ଆଣିବା ପାଇଁ ୧୯୩୦ ମସିହାରେ ଇଂଲଣ୍ଡରେ ପ୍ରଥମ ଗୋଲଟେବୁଲ୍ ବୈଠକ ଅନୁଷ୍ଠିତ ହୁଏ। କଂଗ୍ରେସ ଏହି ବୈଠକକୁ ପ୍ରତ୍ୟାଖାନ କରେ। ଡକ୍ଟର ଆମ୍ବେଦକର ଏହି ବୈଠକରେ ଯୋଗ ଦିଅନ୍ତି। ସେଠାରେ ସେ ଘୃଣ୍ୟ ଜାତିବ୍ୟବସ୍ଥାର ଶୀକାର ହୋଇ ଆସିଥିବା ଦଳିତ ଓ ସମାଜର ତଳ ଜାତିର ଲୋକମାନଙ୍କର ସ୍ୱତନ୍ତ୍ର ମାନ୍ୟତା ଦାବି କରନ୍ତି ଓ ଏମାନଙ୍କ ବିକାଶ ପାଇଁ ବିଭିନ୍ନ କ୍ଷେତ୍ରରେ ସଂରକ୍ଷଣ ନୀତିର କର୍ଯ୍ୟକାରୀ ପାଇଁ ଦାବୀ କରନ୍ତି। ପୁଣି ୧୯୩୧ ମସିହାରେ ଦ୍ୱିତୀୟ ଗୋଲଟେବୁଲ ବୈଠକ ବସେ। ଏଥିରେ କଂଗ୍ରେସ ସମେତ ସମସ୍ତ ସଂଗଠନ ଯୋଗ ଦିଅନ୍ତି। ଆଲୋଚନା କାଳରେ ମୁସଲିମ୍ ଲିଗ୍ ସମେତ ଅନେକ ଗୋଷ୍ଠୀ ନିଜର ସ୍ୱାର୍ଥ ସପକ୍ଷରେ ମତ ଦିଅନ୍ତି ଓ ନିଜର ସଂଖ୍ୟାନୁପାତିକ ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ ଦିଅନ୍ତି। ଡକ୍ଟର ଆମ୍ବେଦକର ମଧ ସମସ୍ତ ଦଳିତ ଓ ଅନଗ୍ରସର ସମାଜର ସ୍ୱତନ୍ତ୍ର ମାନ୍ୟତା ଓ ସମାନୁପାତିକ ଅଧିକାର ଉପରେ ଗୁରୁତ୍ୱ ଦିଅନ୍ତି।

ଏ ବିଷୟକୁ ନେଇ ମହାତ୍ମା ଗାନ୍ଧୀଙ୍କ ସହିତ ତାଙ୍କ ମତାନ୍ତର ହୋଇଥିଲା। ମହାତ୍ମା ଗାନ୍ଧୀ ବର୍ଣ୍ଣବ୍ୟବସ୍ଥାକୁ ସ୍ୱୀକାର କରୁଥିଲେ। ତେଣୁ ଦଳିତ ଓ ଅନଗ୍ରସର ଜାତିମାନଙ୍କୁ ହିନ୍ଦୁ ସମାଜ ବ୍ୟବସ୍ଥାର ଅଂଶବିଶେଷ ବୋଲି ଗ୍ରହଣ କରୁଥିଲେ। କିନ୍ତୁ ଡକ୍ଟର ଆମ୍ବେଦକରଙ୍କ ଯୁକ୍ତି ଥିଲା ବର୍ଣ୍ଣବ୍ୟବସ୍ଥା ଯୋଗୁଁ ଦଳିତ ଓ ସମାଜର ତଳ ସ୍ତରର ଲୋକମାନେ ଅସମାନତା, ଘୃଣା ଓ ନିର୍ଯ୍ୟାତନାର ଶୀକାର ହେଉଛନ୍ତି। ତେଣୁ ଏମାନଙ୍କୁ ସ୍ୱତନ୍ତ୍ର ଗୋଷ୍ଠୀର ମାନ୍ୟତା ମିଳିବା ଦରକାର। ଯଦି ସଂଖ୍ୟାଲଘୁ ମାନଙ୍କ ସ୍ୱାତନ୍ତ୍ରତାକୁ ସ୍ୱୀକାର କରାଯାଇ ପାରିବ, ତେବେ ଦଳିତମାନଙ୍କ ସ୍ୱାତନ୍ତ୍ରତାକୁ ସ୍ୱୀକାର କରାଯିବ ନାହିଁ କାହିଁକି ? ଏହାପରେ ୧୯୩୨ ରେ ତୃତୀୟ ଗୋଲଟେବୁଲ ବୈଠକ ବସିଥିଲା ଓ ସେଥିରୁ ମଧ୍ୟ କୋଣସି ନିର୍ଯ୍ୟାସ ଆସିପାରି ନଥିଲା। ଏଥିରେ କଂଗ୍ରେସ ସମେତ ମୁଖ୍ୟ ସଂଗଠନଗୁଡିକ ଯୋଗଦେଇ ନଥିଲେ। କିନ୍ତୁ ଡକ୍ଟର ଆମ୍ବେଦକର ଯୋଗଦେଇ ଦଳିତ ଓ ଅନଗ୍ରସର ଜାତିମାନଙ୍କ ବିକାଶ ଓ ସମାନ ପ୍ରତିନିଧିତ୍ୱ କଥା ଦୋହରାଇ ଥିଲେ।

ସାଇମନ କମିଶନଙ୍କ ରିପୋର୍ଟ ଓ ଗୋଲଟେବୁଲ ବୈଠକର ନିର୍ଯ୍ୟାସ ଉପରେ ବ୍ରିଟିଶ ସରକାରଙ୍କ ଦ୍ୱାରା ୧୯୩୨ ମସିହାରେ କମ୍ୟୁନାଲ ଏୱାର୍ଡ ପ୍ରକାଶ ପାଇଥିଲା। ଏହା ଥିଲା ଏକ ପ୍ରକାର ସଂରକ୍ଷଣ ବ୍ୟବସ୍ଥା। ଏଥିରେ ପ୍ରତ୍ୟେକ କମ୍ୟୁନିଟି ପାଇଁ ରାଜନୈତିକ ସଂରକ୍ଷଣର ବ୍ୟବସ୍ଥା ଥିଲା। ଅର୍ଥାତ୍ ମୁସଲମାନ, ଖ୍ରୀଷ୍ଟିୟାନ, ଶିଖ୍, ଆଙ୍ଗ୍ଲୋ ଇଣ୍ଡିଆନ୍ ସମେତ ଦଳିତ ବର୍ଗ (ଡିପ୍ରେସ୍ଡ କ୍ଲାସ) ମାନଙ୍କ ପାଇଁ ସ୍ୱତନ୍ତ୍ର ସଂରକ୍ଷିତ ଆସନର ବ୍ୟବସ୍ଥା କରାଯାଇ ଥିଲା। ମହାତ୍ମା ଗାନ୍ଧୀ ସଂଖ୍ୟାଲଘୁ ସଂରକ୍ଷଣକୁ ବିରୋଧ କରି ନଥିଲେ। କିନ୍ତୁ ଦଳିତ(ଡିପ୍ରେସ୍ଡ) ବର୍ଗଙ୍କ ସଂରକ୍ଷଣକୁ ବିରୋଧ କରି ଆମରଣ ଅନଶନ ଆରମ୍ଭ କରିଥିଲେ। କମ୍ୟୁନାଲ ଏୱାର୍ଡ ମୁତାବକ ଦଳିତ(ଡିପ୍ରେସ୍ଡ) ବର୍ଗଙ୍କୁ ୭୧ ଟି ପୃଥକ ସଂରକ୍ଷିତ ଆସନ ପ୍ରଦାନ କରାଯାଇ ଥିଲା। ସେ ସମୟରେ ସେ ୟେରଧା ଜେଲରେ ବନ୍ଦୀ ଥିଲେ। ସେ ବର୍ଣ୍ଣବ୍ୟବସ୍ଥାର ସମର୍ଥକ ଥିଲେ। ହିନ୍ଦୁଧର୍ମ ମଧ୍ୟରେ ଜାତିଭିତ୍ତିକ ସଂରକ୍ଷଣ ଦ୍ୱାରା ଏହା ଭାଗଭାଗ ହୋଇଯିବ ଓ ଏକତା ନଷ୍ଟ ହୋଇଯିବ ବୋଲି ତାଙ୍କ ଆଶଙ୍କା ଥିଲା। ଅନଶନ ଦୀର୍ଘଦିନ ଧରି ଚାଲିଲା। କ୍ରମେ ତାଙ୍କ ସ୍ୱାସ୍ଥାବସ୍ଥା ଜଟିଳ ହେବାକୁ ଲାଗିଲା। ଚାରିଆଡୁ ଆମ୍ବେଦକରଙ୍କ ଉପରେ ଚାପ ସୃଷ୍ଟି କରାଗଲା ସ୍ୱତନ୍ତ୍ର ସଂରକ୍ଷିତ ଆସନ ଦାବିରୁ ଓହରି ଯିବା ପାଇଁ। ବହୁ ଆଲୋଚନା ପରେ ଆମ୍ବେଦକର ରାଜି ହେଲେ ଦ୍ୱୈତ୍ୟ ସଂରକ୍ଷଣ ବ୍ୟବସ୍ଥା ପାଇଁ। ଏହି ବ୍ୟବସ୍ଥା ଅନୁଯାୟୀ ସଂରକ୍ଷିତ ଆସନରୁ ଦୁଇଜଣ ପ୍ରତିନିଧିତ୍ୱ କରିବେ। ଜଣେ ସାଧାରଣ ବର୍ଗରୁ ଓ ଜଣେ ଦଳିତ(ଡିପ୍ରେସ୍ଡ) ବର୍ଗରୁ। ଏହି ବ୍ୟବସ୍ଥାରେ ଦଳିତ(ଡିପ୍ରେସ୍ଡ) ବର୍ଗଙ୍କୁ ୭୧ ଟି ଆସନ ବଦଳରେ ୧୪୭ ଟି ଆସନ ମିଳିବାର ସହମତି ହେଲା। ଏହି ନୀତିକୁ ନେଇ ଦୁଇ ନେତାଙ୍କ ମଧ୍ୟରେ ସେପଟେମ୍ବର ୨୪ ତାରିଖ, ୧୯୩୨ ମସିହାରେ ଯେଉଁ ସ୍ୱାକ୍ଷର ହୋଇଥିଲା ତାହା ପ୍ରସିଦ୍ଧ ପୁନା ପ୍ୟାକ୍ଟ ବା ପୁନା ଚୁକ୍ତି ନାମରେ ଖ୍ୟାତ। ଏହାକୁ ସ୍ୱାଧୀନ ଭାରତର ସଂରକ୍ଷଣ ସମ୍ବନ୍ଧୀୟ ପ୍ରାଗ୍ ସମ୍ବିଧାନୀକ ଚୁକ୍ତି ବୋଲି କୁହାଯାଇ ପାରେ। ଏହି ଚୁକ୍ତି ଡକ୍ଟର ଆମ୍ବେଦକାରଙ୍କ ଇଚ୍ଛାମତେ ହୋଇନଥିଲେ ବି ଏହା ଦ୍ୱାରା କିଛି ପାଇବାର ଶୁଭାରମ୍ଭ ହୋଇଥିଲା। ପ୍ରଚଳିତ ଜାତିବାଦୀ ବ୍ୟବସ୍ଥା ଅନଗ୍ରସର ଜାତି ସମୂହକୁ କିଛି ଅଧିକାର ଦେବା ପାଇଁ ରାଜି ହୋଇଥିଲା। ତେଣୁ ସମତା ଆନ୍ଦୋଳନର ଏହା ଏକ ଯୁଗାନ୍ତକାରୀ ସୋପାନ ଭାବେ ବିବେଚନା କରାଯାଏ।

ପରବର୍ତ୍ତୀ କାଳରେ ଏହି ଚୁକ୍ତିର ଗୁରୁତ୍ୱ ବ୍ରିଟିଶ ଶାସନ ବ୍ୟବସ୍ଥାରେ ପ୍ରତିଫଳିତ ହେବାକୁ ଲାଗିଲା। ସମ୍ବିଧାନ ରଚନା କାଳରେ ଡ୍ରାଫ୍ଟିଙ୍ଗ କମିଟିର ଚେୟାରମ୍ୟାନ ଭାବେ ଡକ୍ଟର ଆମ୍ବେଦକର ସାମାଜିକ ସମତା ଆନ୍ଦୋଳନର ସମସ୍ତ ଅଭିଜ୍ଞତାକୁ ଏଥିରେ ସ୍ଥାନିତ କରିଥିଲେ। ପୁନାଚୁକ୍ତି ଦ୍ୱାରା ପ୍ରାପ୍ତ ହୋଇଥିବା ଅନଗ୍ରସର ଜାତିଙ୍କର ସ୍ୱତନ୍ତ୍ର ମାନ୍ୟତାକୁ ସେ କାମରେ ଲଗାଇ ଥିଲେ। ସାମାଜିକ ସ୍ଥିତି ଓ ବିକାଶର ତାରତମ୍ୟକୁ ଦେଖି ଏମାନଙ୍କୁ ତିନି ଗୋଷ୍ଠୀରେ ବିଭକ୍ତ କରିଥିଲେ। ତାହା ହେଉଛି ଅନୁସୂଚିତ ଜାତି, ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ଅନଗ୍ରସର ବର୍ଗ। ଏମାନଙ୍କ ବିକାଶ ନିମିତ୍ତ ସମ୍ବିଧାନରେ ସେ ସମସ୍ତ ପ୍ରକାର ବ୍ୟବସ୍ଥା କରିଯାଇଛନ୍ତି। ବିଭିନ୍ନ କ୍ଷେତ୍ରରେ ଏମାନଙ୍କ ବିକାଶ ପାଇଁ ସଂରକ୍ଷଣର ବ୍ୟବସ୍ଥା ସ୍ଥାନିତ କରିଛନ୍ତି। ସ୍ୱାଧୀନତା ପରର ସାମ୍ବିଧାନିକ ସଂରକ୍ଷଣ ପୁନାଚୁକ୍ତିର ପ୍ରସାରିତ ଓ ପରିବର୍ତ୍ତିତ ସୋପାନ କହିଲେ ଅତ୍ୟୁକ୍ତି ହେବ ନାହିଁ। ତେଣୁ ସାମ୍ବିଧାନିକ ସଂରକ୍ଷଣ ବ୍ୟବସ୍ଥାର ପୂର୍ଣ୍ଣ ଶ୍ରେୟ ଡକ୍ଟର ଆମ୍ବେଦକରଙ୍କୁ ଦେଲେ ତାହା ଆଦୌ ଅନୁଚିତ ହେବ ନାହିଁ।

+ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

# ରଥଯାତ୍ରାର ବିଭିନ୍ନ ନାମ

ରଜତ କୁମାର ବୋଷ



ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ପୃଥିବୀ ପ୍ରସିଦ୍ଧ । ଦିନଥିଲା ଏହିଯାତ୍ରା କେବଳ ପୁରୀ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହେଉଥିଲା । ମାତ୍ର ବର୍ତ୍ତମାନ ଏହା ସାରା ଭାରତରେ ଏପରିକି ଅନେକ ପାଶ୍ଚାତ୍ୟ ଦେଶରେ ମଧ୍ୟ ଉଦ୍ଦୀପନାର ସହିତ ପାଳିତ ହେଉଛି । ଜଗନ୍ନାଥ ସଂସ୍କୃତି ସମସ୍ତଙ୍କୁ ଆକୃଷ୍ଟ କରିପାରିଛି । ରଥଯାତ୍ରାର ଯେଉଁସବୁ ନାମ ଅତ୍ୟନ୍ତ ପ୍ରସିଦ୍ଧ ଓ ଶାସ୍ତ୍ର ସମ୍ମତ ସେଗୁଡ଼ିକ ହେଲା ଶ୍ରୀଗୁଣ୍ଡିଚା ଯାତ୍ରା : ଗୁଣ୍ଡର୍ବାଣ ରାଜ ତନୟା ଗୁଣ୍ଡିଚା ଦେବୀ ଥିଲେ ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କର ସହଧର୍ମିଣୀ । ଇନ୍ଦ୍ରଦ୍ୟୁମ୍ନ ଜଗନ୍ନାଥଙ୍କୁ ନୀଳାଦ୍ରିରେ ପ୍ରତିଷ୍ଠା କରିସାରିବା ପରେ ଗୁଣ୍ଡିଚା ଦେବୀ ରଥଯାତ୍ରାର ଆୟୋଜନ କରିଥିଲେ । ତେଣୁ ଗୁଣ୍ଡିଚା ଦେବୀଙ୍କୁ ଚିର ସ୍ମରଣୀୟ କରିବା ପାଇଁ ରଥଯାତ୍ରାକୁ ଗୁଣ୍ଡିଚା ଯାତ୍ରା ନାମ ପ୍ରଦାନ କରାଯାଇଛି ।

ଘୋଷ ଯାତ୍ରା : ଘୋଷ ହେଉଛି ଏକ ମଙ୍ଗଳ ପ୍ରଦାୟକ ଶବ୍ଦ । ଜଗତର ମଙ୍ଗଳ ନିମନ୍ତେ ଯେଉଁ ଯାତ୍ରା ଅନୁଷ୍ଠିତ ହୁଏ ତାହାକୁ ଘୋଷଯାତ୍ରା ବୋଲି କୁହାଯାଏ ।

ପତିତପାବନ ମହୋତ୍ସବ : ଜଗନ୍ନାଥଙ୍କର ଅନ୍ୟତମ ନାମ ପତିତପାବନ । ତାଙ୍କ ଆଗରେ ଦୀନ, ହୀନ, ଦୁଃଖୀ, ରଙ୍କି, ଧନୀ, ଦରିଦ୍ର, ଭକ୍ତ ଓ ପତିତ ସମସ୍ତେ ସମାନ । ସମାଜ ଆଖିରେ ଯେଉଁମାନେ ପତିତ ଏବଂ ଯେଉଁମାନଙ୍କର ମନ୍ଦିର ପ୍ରବେଶ କରିବାର ଅଧିକାର ନାହିଁ ସେମାନଙ୍କୁ ଦର୍ଶନ ଦେବାକୁ ଏବଂ କର ପ୍ରସାରଣ ପୂର୍ବକ ଆଲିଙ୍ଗନ କରିବାକୁ ପ୍ରତିବର୍ଷ ରଥଯାତ୍ରା ସମୟରେ ସେ ରତ୍ନ ସିଂହାସନରୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସନ୍ତି । ପତିତଜନଙ୍କୁ ଉଦ୍ଧାର କରିବା ଲାଗି ମହାପ୍ରଭୁ ଆସୁଥିବାରୁ ଏହାକୁ ପତିତପାବନ ମହୋତ୍ସବ ବୋଲି କୁହାଯାଇଥାଏ ।

ଦଶାବତାର ଯାତ୍ରା : ଜଗନ୍ନାଥ ହେଉଛି ପରଂବ୍ରହ୍ମ ଓ ଷୋଳକଳା ଯୁକ୍ତ ପୁରୁଷୋତ୍ତମ । ଅବତାରୀ ପୁରୁଷ ଭାବରେ ସେ ବିଭିନ୍ନ ଅବତାରମାନ ସୃଷ୍ଟି କରନ୍ତି ଓ ସେମାନଙ୍କର ଲୀଳା ସମାପ୍ତି ପରେ ସେମାନଙ୍କୁ ନିଜ ଶ୍ରୀଅଙ୍ଗରେ ବିଲୀନ କରନ୍ତି । ରଥଯାତ୍ରା ସମୟରେ ସେ ଏକାଧାରାରେ ଦଶାବତାର ରୂପ ଧାରଣ କରନ୍ତି ବୋଲି ରଥଯାତ୍ରାକୁ ଦଶାବତାର ଯାତ୍ରା ନାମରେ ନାମିତ କରିବା ଶାସ୍ତ୍ର ସମ୍ମତ । ରଥଯାତ୍ରା ସମୟରେ କୁସୁମଲାଗି ବେଳେ ମୀନାକୃତି ମୀନାବତାର, ତୁଳୀଲାଗି ବେଳେ କୁର୍ମ ଅବତାର, ରଥାରୁଢ଼ ହେବାବେଳେ ବାମନ ଅବତାର, ସେନାପଟୀ ବାହୁଟି ଲଗାଇବା ବେଳେ ନରସିଂହ ଅବତାର, ଆଡ଼ପଡୋରି ଲାଗି ବେଳେ ପର୍ଶୁରାମ ଅବତାର, ଆଡ଼ପରୀକ୍ଷାରେ ରାଘବେନ୍ଦ୍ର ଅବତାର, ଆଡ଼ପରାସ ତଥା ହେରୋତ୍ସବରେ ବ୍ରଜେନ୍ଦ୍ର ନନ୍ଦନ ଅବତାର, ଅନ୍ତର୍ବେଦୀ ମହୋତ୍ସବ ବେଳେ ବୌଦ୍ଧ ଅବତାର ଧାରଣ କରି ଜନମତକୁ ହରଣ କରନ୍ତି । ଏହାଛଡ଼ା ରଥଯାତ୍ରା ସମୟରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ, ବାସୁଦେବ, ଜୟଦୁର୍ଗା, ଯୋଗମାୟା, ମଦନମୋହନ, ରାମ ଓ କୃଷ୍ଣ ଏହି ଦଶମୂର୍ତ୍ତି ରଥରେ ଯାତ୍ରା କରିଥାନ୍ତି ବୋଲି ଏହାକୁ ଦଶାବତାର ଯାତ୍ରା ବୋଲି କୁହାଯାଇଥାଏ ।

ଦକ୍ଷିଣାଭିମୁଖୀ ଯାତ୍ରା : ବିଷ୍ଣୁ ପୂଜାରେ ପ୍ରତି ମାର୍ଜନା ସର୍ବଦା ପୂର୍ବ ଓ ଉତ୍ତର ଦିଗକୁ ହେବାର ବିଧି ସର୍ବଶାସ୍ତ୍ର ସମ୍ମତ । କେବଳ ନରସିଂହ ବିଗ୍ରହ ଦକ୍ଷିଣାଭିମୁଖୀ ହୋଇ ପୂଜିତ ହେବାର ବିଧି ପ୍ରଚଳିତ ଅଛି । ତେଣୁ ବାହୁଡ଼ା ଯାତ୍ରା ସମୟରେ ଜଗନ୍ନାଥ ବାହୁଡ଼ା ଦଶମୀ, ଏକାଦଶୀ ଓ ଦ୍ୱାଦଶୀ ଏହି ତିନି ଦିନ ଦକ୍ଷିଣାଭିମୁଖୀ ହୋଇ ରହୁଥିବାରୁ ତାଙ୍କୁ ନୃସିଂହ ତଥା ଯଜ୍ଞ ପୁରୁଷ ରୂପରେ ବନ୍ଦନା କରାଯାଏ । ତେଣୁ ରଥଯାତ୍ରାକୁ ଦକ୍ଷିଣାଭିମୁଖୀ ଯାତ୍ରା ନାମରେ ଅଭିହିତ କରାଯାଏ ।

ଅନ୍ତର୍ବେଦୀ ମହୋତ୍ସବ : ଶ୍ରୀମନ୍ଦିରରେ ଥିବା ଯେଉଁ ରତ୍ନସିଂହାସନ ଉପରେ ଜଗନ୍ନାଥ ଅବସ୍ଥାନ କରନ୍ତି ତାହାକୁ ଅନ୍ତର୍ବେଦୀ କୁହାଯାଏ । ଏହା ସର୍ବସିଦ୍ଧ ଯେ ଜଗନ୍ନାଥ ବିଗ୍ରହଙ୍କ ଠାରୁ ଅର୍ନ୍ତବେଦୀ ହେଉଛି ଆହୁରି ପ୍ରାଚୀନ । ମହାପ୍ରଳୟରେ ମଧ ଅର୍ନ୍ତବେଦୀ ବିନିଷ୍ଟ ହୁଏନାହିଁ । ଅର୍ନ୍ତବେଦୀ ହେଉଛି ପୃଥିବୀର ପବିତ୍ରତମ ସ୍ଥାନ । ରଥଯାତ୍ରା ସମୟରେ ଜଗନ୍ନାଥ ଅର୍ନ୍ତବେଦୀ ପରିତ୍ୟାଗ କରି ଗୁଣ୍ଡିଚା ମନ୍ଦିରକୁ ବିଜେ କରନ୍ତି ଓ ରଥଯାତ୍ରା ପରେ ପୁନଶ୍ଚ ସେଠାକୁ ଫେରିଆସନ୍ତି । ତେଣୁ ବାସ୍ତବରେ ରଥଯାତ୍ରା ହେଉଛି ଅର୍ନ୍ତବେଦୀ ମହୋତ୍ସବ । ଆଦି ବ୍ରହ୍ମ ପୁରାଣରେ ଅର୍ନ୍ତବେଦୀକୁ ବିଷ୍ଣୁଲୋକ ବୋଲି ବର୍ଣ୍ଣନା କରାଯାଇଛି ।

ଆଡ଼ପ ଯାତ୍ରା : ଆଡ଼ପ ଶବ୍ଦର ଅର୍ଥ ଆଦି ବା ମୂଳ । ଏଣୁ ଆଡ଼ପ ମଣ୍ଡପର ଅର୍ଥ ହେଉଛି ଆଦିପୀଠ ବା ଆଦି ମଣ୍ଡପ । ରାଜା ଇନ୍ଦ୍ରଦ୍ୟୁମ୍ନ ଯେଉଁଠାରେ ଶ୍ରୀଜୀଉଙ୍କୁ ପ୍ରତିଷ୍ଠା କରିଥିଲେ ତାହା ଆଡ଼ପ ମଣ୍ଡପ ନାମରେ ଖ୍ୟାତ । ଆଡ଼ପ ମଣ୍ଡପ ହେଉଛି ଶ୍ରୀଜୀଉଙ୍କର ଜନ୍ମ ଭୂମି ବା ଜନକପୁରୀ । ରଥଯାତ୍ରାରେ ଶ୍ରୀଜୀଉମାନେ ଆଡ଼ପ ମଣ୍ଡପକୁ ବିଜେ କରୁଥିବାରୁ ଏହାକୁ ଆଡ଼ପ ଯାତ୍ରା କୁହାଯାଇଥାଏ ।

ନବଦିନାତ୍ମକ ଯାତ୍ରା : ରଥଯାତ୍ରାରେ ଜଗନ୍ନାଥ ନ'ଦିନ କଟାଇ ଶ୍ରୀମନ୍ଦିରକୁ ଫେରି ଥାଆନ୍ତି । ତେଣୁ ଏହାକୁ ନବଦିନାତ୍ମକ ଯାତ୍ରା ବୋଲି କୁହାଯାଇଥାଏ । ତେବେ ରଥଯାତ୍ରା ଯେପରି ଆନନ୍ଦପ୍ରଦ ସେହିପରି ମଙ୍ଗଳପ୍ରଦ ଅଟେ ।

+କୁଆଁସରପୁର, ଯାଜପୁର,
ମୋ : ୯୪୩୭୧୦୩୫୦୨

# ଟ୍ରମ୍ପ କାହିଁକି ବାରମ୍ବାର ଆକ୍ରମଣର ସମ୍ମୁଖୀନ ହେଉଛନ୍ତି ?

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା





ଡୋନାଲ୍ଡ ଟ୍ରମ୍ପ ଆମେରିକୀୟ ରାଜନୀତିରେ ଜଣେ ଅତ୍ୟନ୍ତ ବିବାଦୀୟ ଏବଂ ବିବାଦୀୟ ନେତା। ୨୦୧୬ ମସିହାରେ ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ, ସେ ବିଶ୍ୱସ୍ତରୀୟ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ତାଙ୍କର ରାଜନୈତିକ ଶୈଳୀ, ନୀତି ଏବଂ ବ୍ୟକ୍ତିଗତ ମତାମତ ତାଙ୍କୁ ଲୋକପ୍ରିୟ କରିଥିଲା, କିନ୍ତୁ ତାଙ୍କ ବିରୁଦ୍ଧରେ ତୀବ୍ର ଆକ୍ରମଣ ଏବଂ ବିରୋଧକୁ ମଧ ପ୍ରୋତ୍ସାହିତ କରିଥିଲା। ଟ୍ରମ୍ପଙ୍କ ରାଜନୈତିକ ଶୈଳୀ ଅନ୍ୟ ନେତାମାନଙ୍କଠାରୁ ବହୁତ ଭିନ୍ନ। ସେ ସିଧାସଳଖ ଅତ୍ୟଧିକ ଅନାବଶ୍ୟକ ଭାଷଣ ଦିଅନ୍ତି ଏବଂ କେତେକ ସମୟରେ କଠୋର ଭାବରେ ସମାଲୋଚନା କରି ଆଗକୁ ପଛକୁ ବିଚାର ନ କରି କଥା ହୁଅନ୍ତି। ସେ ଗଣମାଧ୍ୟମ ଏବଂ ବିରୋଧୀଙ୍କ ସହିତ ଖୋଲାଖୋଲି କଥା ହୁଅନ୍ତି। ଏହା ତାଙ୍କ ସମର୍ଥକମାନଙ୍କୁ ଖୁସି କରେ, କିନ୍ତୁ ତାଙ୍କ ବିରୋଧୀମାନଙ୍କୁ କ୍ରୋଧିତ କରେ। ଏହା ତାଙ୍କ ବିରୁଦ୍ଧରେ ମାନସିକ ଏବଂ ରାଜନୈତିକ ଆକ୍ରମଣ ବୃଦ୍ଧି କରାଏ । ଆମେରିକୀୟ ରାଜନୀତି ଦୁଇ ଭାଗରେ ବିଭକ୍ତ। ପ୍ରଥମ ଶକ୍ତିଶାଳୀ ଟ୍ରମ୍ପଙ୍କ ସମର୍ଥକ ଗୋଷ୍ଠୀ ଏବଂ ଘୃଣା କରୁଥିବା ବିରୋଧୀଙ୍କ ଗୋଷ୍ଠୀ। ଏହି ଦୁଇଟି ସ୍ୱତନ୍ତ୍ର ଶିବିରରେ ବିଭକ୍ତ। ସମର୍ଥକମାନେ ତାଙ୍କୁ ଜଣେ ଦେଶପ୍ରେମୀ ଏବଂ ଦୃଢ଼ ନେତା ଭାବରେ ଦେଖନ୍ତି, ଯେତେବେଳେ ବିରୋଧୀମାନେ ତାଙ୍କୁ ଏକ ବିଭାଜନକାରୀ ବ୍ୟକ୍ତିତ୍ୱ ଭାବରେ ଦେଖନ୍ତି। ଏହି ଭିନ୍ନ ମତାମତ ଦୃଢ଼ ଭାବନା ସୃଷ୍ଟି କରେ ଏବଂ ଉଭୟ ପକ୍ଷରେ ଶତ୍ରୁତାକୁ ପ୍ରୋତ୍ସାହିତ କରେ। ଟ୍ରମ୍ପଙ୍କ କିଛି ନୀତି ଏବଂ ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ ବିବାଦ ସୃଷ୍ଟି କରିଛି। ଯେପରିକି ପ୍ରବାସ ନୀତି, ମେକ୍ସିକୋ ସୀମାରେ ପ୍ରାଚୀର ନିର୍ମାଣ ଏବଂ କିଛି ନିର୍ଦ୍ଦିଷ୍ଟ ଦେଶର ଲୋକଙ୍କୁ ଆମେରିକା ଆଗମନ କୁ ନିଷିଦ୍ଧ କରିବା। ଏହି ସମସ୍ତ ନୀତି କିଛି ଲୋକଙ୍କଠାରୁ ସମର୍ଥନ ପାଇଥିଲା ବେଳେ ଅନେକଙ୍କୁ ମଧ କ୍ରୋଧିତ କରିଛି। ଏଥିରେ ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଟ୍ରମ୍ପ ନିଜେ ସାମାଜିକ ଗଣମାଧ୍ୟମରେ ବହୁତ ସକ୍ରିୟ ଏବଂ ସିଧାସଳଖ ତାଙ୍କର ମତାମତ ଜନସାଧାରଣଙ୍କ ନିକଟରେ ପହଞ୍ଚାଉଛନ୍ତି। ଏହି କାରଣରୁ, ସେ ଯାହା କୁହନ୍ତି ତାହା ଦ୍ରୁତ ଗତିରେ ବ୍ୟାପିଥାଏ। କେତେକ ସମୟରେ ଭୁଲ ସୂଚନା ଏବଂ ଅତିରଞ୍ଜିତ ଖବର ମଧ ପ୍ରସାରିତ ହୁଏ, ଯାହା କ୍ରୋଧ ଏବଂ ଦ୍ୱନ୍ଦ୍ୱକୁ ପ୍ରଶ୍ରୟ ଦିଏ। ଟ୍ରମ୍ପଙ୍କ ବିରୁଦ୍ଧରେ ଆଇନଗତ ତଦନ୍ତ ଏବଂ ମାମଲା ମଧ ତାଙ୍କୁ ଚର୍ଚ୍ଚାକୁ ଆଣିଥାଏ। ଏହି ସମସ୍ତ ଘଟଣା ତାଙ୍କ ବିରୋଧୀମାନଙ୍କୁ ଶକ୍ତିଶାଳୀ କରିଥାଏ ଏବଂ ତାଙ୍କ ଉପରେ ଆକ୍ରମଣ ବୃଦ୍ଧି ହେବାର ମାର୍ଗ ଖୋଲିଥାଏ । ଟ୍ରମ୍ପଙ୍କ ବ୍ୟକ୍ତିଗତ ପ୍ରତିଛବି ମଧ ଏକ କାରଣ ହୋଇପାରେ। କାରଣ ସେ ଜଣେ ଧନୀ ବ୍ୟବସାୟୀ ଏବଂ ଟିଭି ବ୍ୟକ୍ତିତ୍ୱ, କିଛି ଲୋକ ତାଙ୍କୁ ଅହଂକାରୀ ଭାବରେ ମଧ ଦେଖନ୍ତି। ଏହି ଧାରଣା ତାଙ୍କ ଶତ୍ରୁମାନଙ୍କଠାରୁ ମଧ ବିରୋଧ ବୃଦ୍ଧି କରେ ଓ ଆକ୍ରମଣର ଆଶଙ୍କାକୁ ପ୍ରୋତ୍ସାହନ ଦେଇଥାଏ ।

ଡୋନାଲ୍ଡ ଟ୍ରମ୍ପ ଆମେରିକାର ୪୫ତମ ରାଷ୍ଟ୍ରପତି ହେବା ପରଠାରୁ, ସେ ନିରନ୍ତର ଆଲୋଚନା, ବିବାଦ, ପ୍ରତିବାଦ ଏବଂ କେତେକ ସମୟରେ ଆକ୍ରମଣର କେନ୍ଦ୍ରବିନ୍ଦୁ ହୋଇଛନ୍ତି। ବାରମ୍ବାର ଆକ୍ରମଣର ଯାହାକୁ କେବଳ ଶାରୀରିକ ଆକ୍ରମଣ ନୁହେଁ, ବରଂ ରାଜନୈତିକ ଆକ୍ରମଣ, ମାନସିକ ଆକ୍ରମଣ, ଆଲୋଚନା, ପ୍ରତିବାଦ ଏବଂ ସାମାଜିକ ପ୍ରତିକ୍ରିୟା ଗୁଡିକ ମଧ ଅନ୍ତର୍ଭୁକ୍ତ। ଏହି ବିଷୟକୁ ଗଭୀର ଭାବରେ ବୁଝିବା ପାଇଁ ଟ୍ରମ୍ପଙ୍କ ବ୍ୟକ୍ତିତ୍ୱ, ତାଙ୍କ ରାଜନୈତିକ ଶୈଳୀ, ଆମେରିକାର ସାମାଜିକ ପରିସ୍ଥିତି, ଗଣମାଧମର ଭୂମିକା ଏବଂ ଜନସାଧାରଣଙ୍କ ମାନସିକତାକୁ ବିସ୍ତୃତ ଭାବରେ ବିଶ୍ଳେଷଣ କରିବାକୁ ପଡିବ। ଡୋନାଲ୍ଡ ଟ୍ରମ୍ପ ପୂର୍ବରୁ ଜଣେ ସଫଳ ବ୍ୟବସାୟୀ ଏବଂ ଟେଲିଭିଜନ ବ୍ୟକ୍ତିତ୍ୱ ଥିଲେ। ସେ ରିଅଲ୍ ଇଷ୍ଟେଟ୍ ବ୍ୟବସାୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କର ଟେଲିଭିଜନ କାର୍ଯ୍ୟକ୍ରମ 'ଦି ଆପ୍ରେଣ୍ଟିସ୍' ତାଙ୍କୁ ଆମେରିକାରେ ଘରେ ଘରେ ପରିଚିତ କରାଇଥିଲା। ଏହି ଖ୍ୟାତି ଏବଂ ବ୍ୟବସାୟିକ ପ୍ରତିଛବି ତାଙ୍କୁ ରାଜନୀତିରେ ପ୍ରବେଶ କରିବାରେ ସାହାଯ୍ୟ ମଧ କରିଥିଲା। ତଥାପି, ସେ ଜଣେ ପାରମ୍ପରିକ ରାଜନେତା ନୁହଁନ୍ତି। ଏହି ଶୈଳୀ ଅନ୍ୟମାନଙ୍କଠାରୁ ଭିନ୍ନ ଥିଲା, ଯାହା ଲୋକଙ୍କ ମନରେ ଦୁଇ ପ୍ରକାରର ଭାବନା ଜାଗ୍ରତ କରିଥିଲା। ପ୍ରଥମ ହେଉଛି ସମର୍ଥନ ଏବଂ ଦିତୀୟ ହେଉଛି ତୀବ୍ର ବିରୋଧ। ଟ୍ରମ୍ପଙ୍କ ସବୁଠାରୁ ସ୍ୱତନ୍ତ୍ର ଗୁଣ ହେଉଛି ତାଙ୍କର ରୋକଠୋକ ନିର୍ଭୀକ ସିଧାସଳଖ କଥା ଅନ୍ୟକୁ କଟୁ କଠୋର ଭାଷା ପ୍ରୟୋଗ । ସେ ପ୍ରାୟତଃ ସାମାଜିକ ଏବଂ ରାଜନୈତିକ ସମ୍ବେଦନଶୀଳ ପ୍ରସଙ୍ଗରେ ଖୋଲାଖୋଲି ଭାବରେ କଥା ହୁଅନ୍ତି। ଏହାର ଦୁଇଟି ପ୍ରଭାବ ପଡ଼ିଥାଏ। ଗୋଟିଏ ପଟେ, ସମର୍ଥକମାନେ ତାଙ୍କୁ ଜଣେ ସତ୍ୟ ଏବଂ ନିର୍ଭୀକ ନେତା ବୋଲି ମାନିଥାନ୍ତି, ଅନ୍ୟପଟେ ବିରୋଧୀମାନେ ତାଙ୍କୁ ଅସମ୍ବେଦନଶୀଳ ଏବଂ ବିଭାଜନକାରୀ ବୋଲି ମଧ ମାନିଥାନ୍ତି। ତାଙ୍କ ରାଷ୍ଟ୍ରପତିତ୍ୱ ସମୟରେ ଟ୍ରମ୍ପଙ୍କ ଅନେକ ନୀତି ବିବାଦୀୟ ହୋଇଛି। ଉଦାହରଣ ସ୍ୱରୂପ, ମେକ୍ସିକୋ ସୀମାରେ ପ୍ରାଚୀର ନିର୍ମାଣ ଏବଂ କଠୋର ପ୍ରବାସ ନୀତି ଅନେକଙ୍କୁ କ୍ରୋଧିତ କରିଛି। କିଛି ମୁସଲିମ ଦେଶରୁ ପ୍ରବେଶ ନିଷେଧ ବିଶ୍ୱବ୍ୟାପୀ ବିତର୍କ ସୃଷ୍ଟି କରିଛି। ଆମେରିକା ଫାଷ୍ଟ ନୀତି ଘରୋଇ ଅର୍ଥନୀତିକୁ ଲାଭ ଦେଇଛି, କିନ୍ତୁ ଅନ୍ତର୍ଜାତୀୟ ସମ୍ପର୍କକୁ ପ୍ରଭାବିତ କରିଛି। ଏହି ସମସ୍ତ ନୀତି ଟ୍ରମ୍ପ ବିରୋଧୀ ଭାବନାକୁ ପ୍ରୋତ୍ସାହିତ କରିଛି। ଟ୍ରମ୍ପ ଜଣେ ଗର୍ବି ଅହଙ୍କାରୀ ବ୍ୟକ୍ତିତ୍ୱ କହିଲେ ଅତ୍ୟୁକ୍ତି ହେବନାହିଁ। ସେ ସଦା ନିଜେ ନ କରିଥିବା କାର୍ଯ୍ୟର ପ୍ରସଂଶା ନେବାକୁ ଚାହାନ୍ତି, ଯାହା ଅନ୍ୟମାନଙ୍କ ଦ୍ୱାରା ସମାଲୋଚନାର ପାତ୍ର ହୋଇଥାଏ।

ଡୋନାଲ୍ଡ ଟ୍ରମ୍ପ ଏବଂ ଗଣମାଧ୍ୟମ ମଧ୍ୟରେ ସମ୍ପର୍କ ସର୍ବଦା ବିବାଦୀୟ ରହିଛି। ସେ ପ୍ରାୟତଃ ଗଣମାଧ୍ୟମକୁ ନକଲି ଖବର ବୋଲି କହିଛନ୍ତି। ତାଙ୍କର ପ୍ରତ୍ୟକ୍ଷ ଜନସମ୍ପର୍କ, ବିବାଦ ଏବଂ ତୀବ୍ର ପ୍ରତିକ୍ରିୟା ଜନତାଙ୍କ ମଧ୍ୟରେ ଯେତିକି ମିତ୍ର ସୃଷ୍ଟି କରିଛି, ସେତିକି ଶତ୍ରୁ ମଧ କରିଛି। ଟ୍ରମ୍ପଙ୍କ ବିରୁଦ୍ଧରେ ଅନେକ ତଦନ୍ତ ଏବଂ ମାମଲା ରୁଜୁ ହୋଇଛି, ଯାହା ତାଙ୍କୁ ସବୁବେଳେ ଖବରରେ ରଖିଛି। ଫଳସ୍ୱରୂପ, ତାଙ୍କ ବିରୋଧୀମାନେ ଆହୁରି ଶକ୍ତିଶାଳୀ ହୋଇ ତାଙ୍କୁ ଖାଲରେ ପକାଇବାକୁ ସଦା ଚେଷ୍ଟାରତ। ସମର୍ଥକମାନେ ଏହାକୁ ଏକ ରାଜନୈତିକ ଷଡ଼ଯନ୍ତ୍ର ଭାବରେ ଦେଖନ୍ତି। ଟ୍ରମ୍ପଙ୍କ ରାଲିଗୁଡ଼ିକ ସର୍ବଦା ବଡ଼ ଏବଂ ଉତ୍ସାହୀ, ସମର୍ଥକ ଏବଂ ବିରୋଧୀ ଉଭୟଙ୍କୁ ଆକର୍ଷିତ କରେ। ଏହା ସୁରକ୍ଷା ଚିନ୍ତାକୁ ବୃଦ୍ଧି କରେ, ଗୁପ୍ତ ଯୋଜନା ଏବଂ ଆକ୍ରମଣର ସମ୍ଭାବନାକୁ ନେଇଥାଏ। ଜଣେ ଧନୀ ଏବଂ ସଫଳ ବ୍ୟବସାୟୀ ଭାବରେ ଟ୍ରମ୍ପଙ୍କ ପ୍ରତିଛବି କିଛି ଲୋକଙ୍କୁ ଆକର୍ଷିତ କରେ, କିନ୍ତୁ ଅନ୍ୟମାନେ ଈର୍ଷାଳୁ ହୋଇଥାନ୍ତି । କେତେକ ତାଙ୍କୁ ପ୍ରେରଣା ଭାବରେ ଦେଖନ୍ତି, ଯେତେବେଳେ ଅନ୍ୟମାନେ ତାଙ୍କୁ ଅହଂକାରୀ ବୋଲି ବିବେଚନା କରନ୍ତି। ଏହା ବିରୋଧକୁ ଇନ୍ଧନ ଦିଏ। ଟ୍ରମ୍ପଙ୍କ ନୀତିଗୁଡ଼ିକର ବିଶ୍ୱବ୍ୟାପୀ ପ୍ରଭାବ ଅଛି, ଯେପରିକି ଚୀନ୍ ସହିତ ବାଣିଜ୍ୟ ଯୁଦ୍ଧ, ନାଟୋ ଉପରେ ଚାପ ଏବଂ ତାଙ୍କର ଇରାନ ନୀତି। ଏହା ତାଙ୍କୁ ବିଶ୍ୱ ମଞ୍ଚରେ ବିବାଦୀୟ କରିଥାଏ। ଟ୍ରମ୍ପଙ୍କ ଉପରେ ମୁଖ୍ୟତଃ ତାଙ୍କର ବିବାଦୀୟ ରାଜନୈତିକ ଶୈଳୀ, ଏକାଧିକାରବାଦୀ ସମାଜ, ନୀତିଗତ ବିବାଦ ଏବଂ ଗଣମାଧ୍ୟମର ଅତ୍ୟଧିକ ପ୍ରଭାବ ଯୋଗୁଁ ବାରମ୍ବାର ଆକ୍ରମଣ କରାଯାଇଛି। ଗଣତନ୍ତ୍ରରେ ମତଭେଦ ସାଧାରଣ, କିନ୍ତୁ ହିଂସା କେବେବି ସଠିକ୍ ଆଭିମୁଖ୍ୟ ନୁହେଁ। ଆମେ ସର୍ବଦା ଶାନ୍ତି, ସହନଶୀଳତା ଏବଂ ସମ୍ମାନକୁ ପ୍ରାଥମିକତା ଦେବା ଉଚିତ।

+ଅରଙ୍ଗାବାଦ ବରୀ ଯାଜପୁର
ମୋ: ୮୨୪୯୫୦୨୭୭୬

# ମହଙ୍ଗା ଏଟିଏଫ୍ ଓ ଟିକସ ବୋଝ: କିପରି ବଞ୍ଚିବ ଭାରତୀୟ ବିମାନ ସେବା ?

ସାମ୍ପ୍ରତିକ ସମୟରେ ଭାରତୀୟ ବିମାନ ଚଳାଚଳ କ୍ଷେତ୍ର ବିମାନ ଇନ୍ଧନ ବା ଏଭିଏସନ୍ ଟର୍ବାଇନ୍ ଫୁଏଲ୍ (ଏଟିଏଫ୍) ମୂଲ୍ୟ ବୃଦ୍ଧି ଜନିତ ଏକ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ପରିସ୍ଥିତିର ସମ୍ମୁଖୀନ ହୋଇଛି । ନିକଟରେ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଏୟାରଲାଇନ୍ସ (ଏଫ୍ଆଇଏ) ପକ୍ଷରୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଏକ ବିସ୍ତୃତ ପତ୍ର ଲେଖାଯାଇ ଏହି ସମସ୍ୟା ସମ୍ପର୍କରେ ଅବଗତ କରାଯାଇଛି । ଏହି ସଂଗଠନରେ ଦେଶର ପ୍ରମୁଖ ବିମାନ ସେବା ପ୍ରଦାନକାରୀ ସଂସ୍ଥା ଯଥା ଏୟାର ଇଣ୍ଡିଆ, ଇଣ୍ଡିଗୋ ଏବଂ ସ୍ପାଇସଜେଟ୍ ଆଦି ସାମିଲ ଅଛନ୍ତି । କମ୍ପାନୀଗୁଡ଼ିକ ପ୍ରକାଶ କରିଛନ୍ତି ଯେ ଯଦି ଇନ୍ଧନ ଦର ଏବଂ ଟିକସ ବ୍ୟବସ୍ଥାରେ ସରକାରଙ୍କ ପକ୍ଷରୁ କୌଣସି ଆଶୁ ହସ୍ତକ୍ଷେପ କରା ନ ଯାଏ, ତେବେ ସେମାନେ ନିଜର ଉଡ଼ାଣ ସେବା ବନ୍ଦ କରିବାକୁ ବାଧ୍ୟ ହୋଇପାରନ୍ତି। ଏହି ପରିସ୍ଥିତି ମୁଖ୍ୟତଃ ପଶ୍ଚିମ ଏସିଆରେ ଲାଗି ରହିଥିବା ଅସ୍ଥିରତା ଏବଂ ତାହାର ପ୍ରଭାବରେ ଅନ୍ତର୍ଜାତୀୟ ତୈଳ ବଜାରରେ ଦେଖାଦେଇଥିବା ମୂଲ୍ୟ ବୃଦ୍ଧି କାରଣରୁ ସୃଷ୍ଟି ହୋଇଛି । ବିମାନ ଶିଳ୍ପ ଏକ ପୁଞ୍ଜି-ନିବିଡ଼ ଏବଂ ସ୍ୱଳ୍ପ ଲାଭାଂଶ ବିଶିଷ୍ଟ ବ୍ୟବସାୟ ହୋଇଥିବାରୁ ପରିଚାଳନା ଖର୍ଚ୍ଚରେ ସାମାନ୍ୟ ବୃଦ୍ଧି ମଧ୍ୟ ଏହାର ଆର୍ଥିକ ସ୍ଥିତି ଉପରେ ବ୍ୟାପକ ପ୍ରଭାବ ପକାଇଥାଏ । ତେଣୁ ଏହି ପ୍ରସଙ୍ଗଟି କେବଳ କେତୋଟି ବ୍ୟବସାୟିକ ସଂସ୍ଥାର ଲାଭ କ୍ଷତି ମଧ୍ୟରେ ସୀମିତ ନ ରହି ଦେଶର ବୃହତ୍ତର ଅର୍ଥନୈତିକ ସ୍ୱାର୍ଥ ସହିତ ଯୋଡ଼ି ହୋଇଯାଇଛି । ଏହାର ଏକ ବାସ୍ତବିକ ଏବଂ ତଥ୍ୟଭିତ୍ତିକ ବିଶ୍ଳେଷଣ କଲେ ଜଣାଯାଏ ଯେ ସମସ୍ୟାର ମୂଳ ବହୁତ ଗଭୀରରେ ରହିଛି ଏବଂ ଏହାର ସମାଧାନ ପାଇଁ ଏକ ବ୍ୟାପକ ନୀତିଗତ ସମୀକ୍ଷାର ଆବଶ୍ୟକତା ରହିଛି ।

ବିମାନ ପରିଚାଳନାର ଆର୍ଥିକ ଦିଗକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କୌଣସି ବିମାନ କମ୍ପାନୀର ମୋଟ ପରିଚାଳନା ଖର୍ଚ୍ଚର ପ୍ରାୟ ଚାଳିଶ ପ୍ରତିଶତ କେବଳ ଏଟିଏଫ୍ ବା ବିମାନ ଇନ୍ଧନ ବାବଦରେ ବ୍ୟୟ ହୋଇଥାଏ । ଗତ କିଛି ମାସ ମଧ୍ୟରେ ଘରୋଇ ଏବଂ ଅନ୍ତର୍ଜାତୀୟ ଉଡ଼ାଣ ପାଇଁ ଉଦ୍ଦିଷ୍ଟ ଇନ୍ଧନ ଦରରେ ଏକ ବଡ଼ ଧରଣର ତାରତମ୍ୟ ଦେଖିବାକୁ ମିଳିଛି । ଉପଲବ୍ଧ ତଥ୍ୟ ଅନୁଯାୟୀ, କେନ୍ଦ୍ର ସରକାର ଘରୋଇ ଉଡ଼ାଣ ପାଇଁ ବ୍ୟବହୃତ ହେଉଥିବା ଇନ୍ଧନ ଦର ବୃଦ୍ଧିକୁ ଲିଟର ପିଛା ପନ୍ଦର ଟଙ୍କାରେ ସୀମିତ ରଖିବାରେ ସକ୍ଷମ ହୋଇଛନ୍ତି । ମାତ୍ର ଅନ୍ତର୍ଜାତୀୟ ଉଡ଼ାଣ ପାଇଁ ଉଦ୍ଦିଷ୍ଟ ଇନ୍ଧନ ଦର ଲିଟର ପିଛା ପ୍ରାୟ ତେସ୍ତରୀ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଏହି ବିପୁଳ ମୂଲ୍ୟ ବୃଦ୍ଧି ଭାରତୀୟ ବିମାନ କମ୍ପାନୀଗୁଡ଼ିକର ଅନ୍ତର୍ଜାତୀୟ ଉଡ଼ାଣକୁ ସମ୍ପୂର୍ଣ୍ଣ ରୂପେ ଲାଭହୀନ କରିଦେଇଛି । ଏହା ସହିତ ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ଯୋଗୁଁ ଅନେକ ଦେଶ ନିଜର ଆକାଶମାର୍ଗକୁ ବନ୍ଦ କରିଦେଇଛନ୍ତି କିମ୍ବା କଟକଣା ଲଗାଇଛନ୍ତି । ଏହାର ଫଳସ୍ୱରୂପ ବିମାନଗୁଡ଼ିକୁ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପାଇଁ ବିକଳ୍ପ ଏବଂ ଦୀର୍ଘ ପଥ ଅତିକ୍ରମ କରିବାକୁ ପଡୁଛି। ଅଧିକ ସମୟ ଧରି ଉଡ଼ାଣ ଭରିବା ଅର୍ଥ ହେଉଛି ଅଧିକ ଇନ୍ଧନ ଖର୍ଚ୍ଚ । ଏହା ବ୍ୟତୀତ ବିମାନଗୁଡ଼ିକର ଅଧିକ ସମୟ ଆକାଶରେ ରହିବା ଦ୍ୱାରା ସେଗୁଡ଼ିକର ରକ୍ଷଣାବେକ୍ଷଣ ଖର୍ଚ୍ଚ ମଧ୍ୟ ଆନୁପାତିକ ଭାବେ ବୃଦ୍ଧି ପାଉଛି । ଏକାଧାରରେ ଇନ୍ଧନର ମୂଲ୍ୟ ବୃଦ୍ଧି ଏବଂ ଅନ୍ୟପଟେ ଅଧିକ ଇନ୍ଧନର ଆବଶ୍ୟକତା କମ୍ପାନୀଗୁଡ଼ିକ ଉପରେ ଦ୍ୱିଗୁଣିତ ଆର୍ଥିକ ଚାପ ସୃଷ୍ଟି କରୁଛି । ଭାରତୀୟ ବିମାନ କମ୍ପାନୀଗୁଡ଼ିକ ଅଧିକାଂଶ ବିମାନ ଲିଜ୍ ବା ଭଡ଼ା ସୂତ୍ରରେ ଆଣିଥାନ୍ତି ଏବଂ ଏହି ଭଡ଼ା ଆମେରିକୀୟ ଡଲାରରେ ଦେବାକୁ ପଡ଼ିଥାଏ । ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପାଇବା କାରଣରୁ ଏହି ଲିଜ୍ ଦେୟ ମଧ୍ୟ ବୃଦ୍ଧି ପାଇଛି, ଯାହାକି ସାମଗ୍ରିକ ପରିଚାଳନା ଖର୍ଚ୍ଚକୁ ଆହୁରି ବଢ଼ାଇ ଦେଇଛି ।

ଏହି ସମସ୍ୟାକୁ ଆହୁରି ଜଟିଳ କରୁଛି ବିମାନ ଇନ୍ଧନ ଉପରେ ଲାଗୁ ହେଉଥିବା ଟିକସ ବ୍ୟବସ୍ଥା। ବର୍ତ୍ତମାନ ସମୟରେ ଏଟିଏଫ୍ ଉପରେ ଏଗାର ପ୍ରତିଶତ ଉତ୍ପାଦ ଶୁଳ୍କ ବା ଏକ୍ସାଇଜ୍ ଡ୍ୟୁଟି ଆଦାୟ କରାଯାଉଛି । ଏହି ଶୁଳ୍କ ହାର ଶତକଡ଼ା ହିସାବରେ ଥିବାରୁ, ଯେତେବେଳେ ମୂଳ ଇନ୍ଧନ ଦର ବୃଦ୍ଧି ପାଏ, ସେତେବେଳେ ଆଦାୟ ହେଉଥିବା ପ୍ରକୃତ ଟିକସ ପରିମାଣ ମଧ୍ୟ ଆପେ ଆପେ ବୃଦ୍ଧି ପାଇଥାଏ। ବିମାନ କମ୍ପାନୀଗୁଡ଼ିକର ଯୁକ୍ତି ହେଉଛି ଯେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଏବଂ ମୁଦ୍ରା ବିନିମୟ ହାରରେ ଅସ୍ଥିରତା କାରଣରୁ ସେମାନେ ପୂର୍ବରୁ ହିଁ କ୍ଷତି ସହୁଛନ୍ତି । ଏଭଳି ସ୍ଥିତିରେ ଏହି ଏଗାର ପ୍ରତିଶତ ଉତ୍ପାଦ ଶୁଳ୍କ ସେମାନଙ୍କ ପାଇଁ ଏକ ଅତିରିକ୍ତ ଏବଂ ଅସହ୍ୟ ବୋଝ ପାଲଟିଛି। କେବଳ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ନୁହେଁ, ବିଭିନ୍ନ ରାଜ୍ୟ ସରକାରଙ୍କ ଦ୍ୱାରା ଲାଗୁ କରାଯାଉଥିବା ଭାଲ୍ୟୁ ଆଡେଡ୍ ଟ୍ୟାକ୍ସ ବା ଭ୍ୟାଟ୍ ମଧ୍ୟ ଏଟିଏଫ୍ ଦରକୁ ବିଭିନ୍ନ ରାଜ୍ୟରେ ଅସମାନ ଏବଂ ଅତ୍ୟଧିକ ମହଙ୍ଗା କରିଦେଉଛି । ତେଣୁ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଏୟାରଲାଇନ୍ସ ସରକାରଙ୍କୁ ଅନୁରୋଧ କରିଛି ଯେ ପରିସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ଏହି ଉତ୍ପାଦ ଶୁଳ୍କକୁ ସାମୟିକ ଭାବେ ସ୍ଥଗିତ ରଖାଯାଉ କିମ୍ବା ଏହାର ହାରକୁ ଯଥେଷ୍ଟ ପରିମାଣରେ କମାଇ ଦିଆଯାଉ । ଏହା ବ୍ୟତୀତ ଘରୋଇ ଏବଂ ଅନ୍ତର୍ଜାତୀୟ ଉଡ଼ାଣ ପାଇଁ ଇନ୍ଧନ ଦରରେ ଥିବା ବିଶାଳ ପାର୍ଥକ୍ୟକୁ ଦୂର କରି ଏକ ସମାନ ଇନ୍ଧନ ମୂଲ୍ୟ ନିର୍ଦ୍ଧାରଣ ନୀତି ପ୍ରଣୟନ କରିବାକୁ ମଧ୍ୟ ଦାବି କରାଯାଇଛି । ସରକାରଙ୍କ ଟିକସ ନୀତି ଶିଳ୍ପର ବିକାଶରେ ସହାୟକ ହେବା ଉଚିତ୍, ମାତ୍ର ବର୍ତ୍ତମାନର ବ୍ୟବସ୍ଥା କମ୍ପାନୀଗୁଡ଼ିକର ଦୈନନ୍ଦିନ ପରିଚାଳନା ପାଇଁ ଆବଶ୍ୟକ ପାଣ୍ଠି ପ୍ରବାହକୁ ଗୁରୁତର ଭାବେ ପ୍ରଭାବିତ କରୁଛି ।

ଭାରତୀୟ ବିମାନ ଚଳାଚଳ ଇତିହାସକୁ ଅବଲୋକନ କଲେ ଜଣାଯାଏ ଯେ ଅତୀତରେ ମଧ୍ୟ ଉଚ୍ଚ ପରିଚାଳନା ଖର୍ଚ୍ଚ ଏବଂ ଇନ୍ଧନ ଦର ବୃଦ୍ଧି କାରଣରୁ ଅନେକ ବଡ଼ ବଡ଼ ବିମାନ କମ୍ପାନୀ ବନ୍ଦ ହୋଇଯାଇଛି । କିଙ୍ଗଫିସର ଏୟାରଲାଇନ୍ସ ଏବଂ ଜେଟ୍ ଏୟାରୱେଜ୍ ଭଳି ପ୍ରମୁଖ ସଂସ୍ଥାର ପତନ ଏହାର ଜ୍ୱଳନ୍ତ ଉଦାହରଣ ଅଟେ । ଯେତେବେଳେ ଗୋଟିଏ ବଡ଼ ବିମାନ କମ୍ପାନୀ ଦେବାଳିଆ ହୁଏ, ସେତେବେଳେ କେବଳ ପୁଞ୍ଜିନିବେଶକାରୀମାନେ କ୍ଷତି ସହନ୍ତି ନାହିଁ, ବରଂ ହଜାର ହଜାର କର୍ମଚାରୀ ବେରୋଜଗାର ହୋଇଯାନ୍ତି ଏବଂ ବ୍ୟାଙ୍କଗୁଡ଼ିକର ହଜାର ହଜାର କୋଟି ଟଙ୍କାର ଋଣ ବୁଡ଼ିଯାଏ । ବର୍ତ୍ତମାନ ଏୟାର ଇଣ୍ଡିଆ, ଇଣ୍ଡିଗୋ ଏବଂ ସ୍ପାଇସଜେଟ୍ ଭଳି କମ୍ପାନୀଗୁଡ଼ିକ ଯେଉଁ ଚେତାବନୀ ଦେଇଛନ୍ତି, ତାହାକୁ ଏହି ଐତିହାସିକ ପୃଷ୍ଠଭୂମିରେ ବିଚାର କରିବା ଆବଶ୍ୟକ । ଏହି ତିନୋଟି କମ୍ପାନୀ ଭାରତର ଘରୋଇ ଏବଂ ଅନ୍ତର୍ଜାତୀୟ ଉଡ଼ାଣ ବଜାରର ଏକ ବୃହତ୍ ଅଂଶକୁ ନିୟନ୍ତ୍ରଣ କରୁଛନ୍ତି । ଯଦି ଏମାନଙ୍କ ମଧ୍ୟରୁ କୌଣସି ଗୋଟିଏ ସଂସ୍ଥା ମଧ୍ୟ ନିଜର ସେବା ବନ୍ଦ କରିବାକୁ ବାଧ୍ୟ ହୁଏ, ତେବେ ଦେଶର ବ୍ୟାଙ୍କିଙ୍ଗ୍ କ୍ଷେତ୍ର ଉପରେ ଏକ ବିରାଟ ଚାପ ପଡ଼ିବ । ଅଣ-ଆଦାୟକାରୀ ସମ୍ପତ୍ତି ବା ଏନପିଏ ପରିମାଣ ବୃଦ୍ଧି ପାଇବ, ଯାହାକି ସାମଗ୍ରିକ ଅର୍ଥବ୍ୟବସ୍ଥା ପାଇଁ ଏକ ଅଶୁଭ ସଙ୍କେତ ଅଟେ। ତେଣୁ ସରକାରଙ୍କୁ ଏହି ସମସ୍ୟାକୁ ଏକ ସାଧାରଣ ବ୍ୟବସାୟିକ ସମସ୍ୟା ଭାବରେ ନ ଦେଖି ଦେଶର ଆର୍ଥିକ ସ୍ଥିରତା ପ୍ରତି ଥିବା ଏକ ବଡ଼ ଆହ୍ୱାନ ଭାବରେ ଗ୍ରହଣ କରିବାକୁ ପଡ଼ିବ । ବିମାନ ଶିଳ୍ପ ଏକ ଏପରି କ୍ଷେତ୍ର ଯାହାର ପତନ ଅନ୍ୟାନ୍ୟ ଅନେକ ଆନୁସଙ୍ଗିକ ଶିଳ୍ପକୁ ମଧ୍ୟ ତଳକୁ ଟାଣି ନେଇଯିବାର ସମ୍ଭାବନା ଅଛି । ଯଦି ବିମାନ କମ୍ପାନୀଗୁଡ଼ିକର ଏହି ଚେତାବନୀ ସତ୍ୟରେ ପରିଣତ ହୁଏ ଏବଂ ସେମାନେ ନିଜର ଉଡ଼ାଣ ସେବା ବନ୍ଦ କରନ୍ତି, ତେବେ ଏହାର ପ୍ରଭାବ କେବଳ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ମଧ୍ୟରେ ସୀମିତ ରହିବ ନାହିଁ । ଏକ ଆଧୁନିକ ଅର୍ଥବ୍ୟବସ୍ଥାରେ ବିମାନ ସେବା ଏକ ଅତ୍ୟାବଶ୍ୟକ ଭିତ୍ତିଭୂମି ଭାବରେ କାର୍ଯ୍ୟ କରିଥାଏ । ଉଡ଼ାଣ ବାତିଲ ହେଲେ ବଜାରରେ ବିମାନ ସିଟ୍ ଗୁଡ଼ିକର ଉପଲବ୍ଧତା ହ୍ରାସ ପାଇବ, ଯାହା ଫଳରେ ଚାହିଦା ଏବଂ ଯୋଗାଣ ମଧ୍ୟରେ ଥିବା ସନ୍ତୁଳନ ବିଗିଡ଼ିଯିବ ଏବଂ ଟିକେଟ୍ ଦର ଅହେତୁକ ଭାବେ ବୃଦ୍ଧି ପାଇବ । ଏହା ସାଧାରଣ ଯାତ୍ରୀ, ବ୍ୟବସାୟୀ ଏବଂ ପର୍ଯ୍ୟଟକମାନଙ୍କ ଉପରେ ସିଧାସଳଖ ଆର୍ଥିକ ବୋଝ ପକାଇବ। ଭାରତର ପର୍ଯ୍ୟଟନ ଶିଳ୍ପ ଯାହାକି ଲକ୍ଷ ଲକ୍ଷ ଲୋକଙ୍କୁ ରୋଜଗାର ଯୋଗାଉଛି, ତାହା ମଧ୍ୟ ଗଭୀର ଭାବେ ପ୍ରଭାବିତ ହେବ । ଏହା ସହିତ କାର୍ଗୋ ସେବା ବାଧାପ୍ରାପ୍ତ ହେଲେ ଔଷଧ, ଇଲେକ୍ଟ୍ରୋନିକ୍ସ ଏବଂ ଅନ୍ୟାନ୍ୟ ଜରୁରୀ ସାମଗ୍ରୀର ପରିବହନ ବିଳମ୍ବିତ ହେବ, ଯାହା ଦେଶର ଯୋଗାଣ ଶୃଙ୍ଖଳାକୁ ପ୍ରଭାବିତ କରିବ । ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ବିମାନ କମ୍ପାନୀଗୁଡ଼ିକର ପ୍ରତିଦ୍ୱନ୍ଦ୍ୱିତା କ୍ଷମତା ହ୍ରାସ ପାଇଲେ ବିଦେଶୀ କମ୍ପାନୀଗୁଡ଼ିକ ଏହାର ଫାଇଦା ଉଠାଇବେ । ଭାରତୀୟ ଯାତ୍ରୀମାନେ ବିଦେଶୀ ବିମାନ ଉପରେ ନିର୍ଭରଶୀଳ ହେଲେ ଦେଶର ବହୁମୂଲ୍ୟ ବିଦେଶୀ ମୁଦ୍ରା ଅନ୍ୟ ଦେଶକୁ ଚାଲିଯିବାର ଆଶଙ୍କା ରହିଛି। ତେଣୁ ବିମାନ ଶିଳ୍ପର ସୁରକ୍ଷା କେବଳ କର୍ପୋରେଟ୍ ସ୍ୱାର୍ଥ ନୁହେଁ, ବରଂ ଏହା ଦେଶର ସାମଗ୍ରିକ ଅର୍ଥନୈତିକ ସ୍ଥିରତା ଏବଂ ବିକାଶ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଏକ ବିକାଶଶୀଳ ରାଷ୍ଟ୍ର ଭାବରେ ଭାରତ ନିଜର ବିମାନ ଯୋଗାଯୋଗ ବ୍ୟବସ୍ଥାକୁ ଦୁର୍ବଳ ହେବାକୁ ଦେଇପାରିବ ନାହିଁ ।

ଏହି ପରିପ୍ରେକ୍ଷୀରେ ସରକାର ଏବଂ ସମ୍ପୃକ୍ତ ବିଭାଗଗୁଡ଼ିକୁ ଏକ ସକାରାତ୍ମକ ଏବଂ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି । ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏବଂ ଅର୍ଥ ମନ୍ତ୍ରଣାଳୟ ମିଳିତ ଭାବେ ବିମାନ କମ୍ପାନୀଗୁଡ଼ିକ ସହ ଆଲୋଚନା କରି ଏକ ବାସ୍ତବିକ ସମାଧାନର ବାଟ ବାହାର କରିବା ଉଚିତ୍ । ଏଟିଏଫ୍ ଦରରେ ସମାନତା ଆଣିବା, ଉତ୍ପାଦ ଶୁଳ୍କରେ ସାମୟିକ କୋହଳ ପ୍ରଦାନ କରିବା ଏବଂ ଅନ୍ତର୍ଜାତୀୟ ଉଡ଼ାଣ ପାଇଁ ସ୍ୱତନ୍ତ୍ର ରିହାତି ବ୍ୟବସ୍ଥା ଲାଗୁ କରିବା ଦିଗରେ ବିଚାର କରାଯାଇପାରେ । ଭାରତୀୟ ବିମାନ ଶିଳ୍ପ କରୋନା ମହାମାରୀର ପ୍ରଭାବରୁ ବାହାରି ଏବେ ପୁଣି ଥରେ ବିକାଶର ପଥରେ ଆଗେଇବାକୁ ପ୍ରୟାସ କରୁଥିବା ବେଳେ ଏହି ଇନ୍ଧନ ସଙ୍କଟ ଏକ ବଡ଼ ପ୍ରତିବନ୍ଧକ ସାଜିଛି । ଏହି ଶିଳ୍ପକୁ ବଞ୍ଚାଇ ରଖିବା ପାଇଁ ସରକାରୀ ସମର୍ଥନ ଏକ ସବସିଡି ନୁହେଁ, ବରଂ ଦେଶର ଭିତ୍ତିଭୂମିରେ ଏକ ଆବଶ୍ୟକୀୟ ନିବେଶ ଭାବରେ ଗ୍ରହଣ କରାଯିବା ଉଚିତ୍ । ବିଶ୍ୱବ୍ୟାପୀ ଅର୍ଥନୈତିକ ଅସ୍ଥିରତା ମଧ୍ୟରେ ଭାରତ ନିଜର ଆଭ୍ୟନ୍ତରୀଣ ବଜାର ଏବଂ ଶିଳ୍ପକୁ ସୁଦୃଢ଼ ରଖିବା ନିତାନ୍ତ ଜରୁରୀ । ସରକାରଙ୍କ ସମୟୋଚିତ ପଦକ୍ଷେପ ହିଁ ଦେଶର ଆକାଶପଥକୁ ସୁରକ୍ଷିତ ଏବଂ ସକ୍ରିୟ ରଖିବାରେ ସହାୟକ ହେବ ।

# ଗୃହିଣୀ : ହାଉସ ୱାଇଫ ଦ ଅନପେଡ ଲେବର



ଅଳକା ରାୟ

ଗୃହିଣୀ (ହାଉସ ୱାଇଫ)ର ସଂଜ୍ଞା ଅବା ଭାବର ସଠିକ୍ ଅର୍ଥ ଶବ୍ଦ କୋଷରେ କିଛି ଏହିଭଳି ବ୍ୟାଖ୍ୟାୟନ କରାଯାଇଥିବାର ଦେଖି ବାକୁ ମିଳେ ଯଥା-: ବିନା ବେତନରେ ଘର ପରିଚାଳନା କରୁଥିବା ବିବାହିତା ମହିଳା। ଏପରି ବ୍ୟାଖ୍ୟାୟନ ଅକସଫୋର୍ଡ ଇଂରାଜୀରୁ ଓଡ଼ିଆ ଶବ୍ଦ କୋଷ ରେ କରାଯାଇଅଛି ।ଓଡ଼ିଆ ଅଭିଧାନରେ ଗୃହିଣୀ ଘରଣୀ ଓ କୁଳବଧୂ ବୋଲି ବ୍ୟାଖ୍ୟା କରାଯାଇଛି। ତେବେ ଆଲୋଚନାର ପ୍ରସଙ୍ଗ ଏହି ଯେ କିଛି ଦିନ ତଳେ ମହିଳା ଦିବସ ଅବସରରେ ପ୍ରିଣ୍ଟ ମିଡ଼ିଆ ତଥା ଇଲେକ୍ଟ୍ରୋନିକ ମିଡିଆରେ ଗୃହିଣୀ ମାନଙ୍କୁ ନେଇ ବହୁ ଚର୍ଚ୍ଚା ଚାଲିଥିଲା ଯାହାର ବିଷୟବସ୍ତୁ ଥିଲା ହାଉସ ୱାଇଫ ଦ ଅନପେଡ ଲେବର ଏବଂ ଗୃହିଣୀମାନଙ୍କୁ ଦରମା ମିଳିବା ଉଚିତ୍ କି ?

ସ୍ପେନର ଏକ ଅଦାଲତର ରାୟ ଏବେ ସମଗ୍ର ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ଛାଡ଼ପତ୍ର ମାମଲାରେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କଠାରୁ ଏକ ଲକ୍ଷ ଅଠର ହଜାର ଡ଼ଲାର କ୍ଷତି ପୂରଣ ପାଇଛନ୍ତି। ଏହି କ୍ଷତିପୂରଣ ତାଙ୍କର ସୁଦୀର୍ଘ ପଚିଶ ବର୍ଷର ଦାମ୍ପତ୍ୟ ଜୀବନରେ ସେ ଗୃହରେ କରିଥିବା ଅବୈତନିକ ଗୃହକର୍ମ ପାଇଁ ପାଇଛନ୍ତି। ଛାଡ଼ପତ୍ର ମାମଲାରେ ଜଣେ ମହିଳା କ୍ଷତିପୂରଣ ପାଇବା ଆଇନ ସିଦ୍ଧ କୃତ, ଯଦି ନାରୀଟିର କୌଣସି ରୋଜଗାରର ମାଧ୍ୟମ ନାହିଁ ଓ ସେ ସମ୍ପୂର୍ଣ୍ଣ ଭାବେ ସ୍ୱାମୀ ଉପରେ ନିର୍ଭରଶିଳ। କିନ୍ତୁ ସେ ପାଇଥିବା କ୍ଷତିପୂରଣ ଯେ ଅବୈତନିକ ଗୃହକର୍ମ ପାଇଁ, ଏହାମଧ୍ୟ ଆଲୋଚନା ସାପେକ୍ଷ। କାରଣ ଆଇନତହ ଗୃହିଣୀମାନଙ୍କ ପାଇଁ କୌଣସି ନିର୍ଦ୍ଦିଷ୍ଟ ବେତନ ଧାର୍ଯ୍ୟ କରାଯାଇ ନାହିଁ। ମହିଳା ମାନଙ୍କ ଗୃହରେ କରୁଥିବା ଶ୍ରମକୁ ଆଜି ପର୍ଯ୍ୟନ୍ତ ଆକଳନ କରାଯାଇନାହିଁ। ଅବୈତନିକ ଓ ଶ୍ରମିକ ଭଳି ଶବ୍ଦ ବ୍ୟବହାର କେତେଦୁର ସମିଚିନ ଗୃହିଣୀ ମାନଙ୍କ ପ୍ରତି ତାହା ମଧ୍ୟ ବିଚାର ସାପେକ୍ଷ। ଶ୍ରମ ଦାନ କରୁଥିବା ସମସ୍ତ ମହିଳା ଓ ପୁରୁଷ ଯଥା:- ଡକ୍ଟର, ଇଂଜିନିୟର, ଆଇଏଏସ୍ ଅଫିସର, କିରାଣୀ, ଶିକ୍ଷକ ଇତ୍ୟାଦି ମାନଙ୍କୁ କଣ ଶ୍ରମିକ ବୋଲି ବ୍ୟାଖ୍ୟା କରାଯାଏ ? କର୍ମଜିବୀ ମହିଳା ମାନଙ୍କୁ କଣ ଶ୍ରମିକ ବୋଲି ବ୍ୟାଖ୍ୟା କରାଯାଏ ? ଯଦି ନୁହେଁ ତେବେ ଗୃହିଣୀ ମାନଙ୍କୁ ଯେଉଁ ମାନେ ଗୃହ କର୍ମ ତଥା ପରିଚାଳନା କରୁଛନ୍ତି ଶ୍ରମିକ ବୋଲି କହିବା କଣ ଠିକ୍! ଗୃହ କର୍ମ ଜଣେ ନାରୀ ସ୍ୱଇଚ୍ଛାରେ କରିଥାଏ।ସେ କାହା ଅଧିନରେ କାମକରେ ନାହିଁ। ସେ ସ୍ୱତନ୍ତ୍ର ତେଣୁ ସ୍ୱତନ୍ତ୍ର ସନ୍ମାନର ଅଧିକାରୀ।

ବିବାହ ପରେ ନାରୀଟି ଅର୍ଦ୍ଧାଙ୍ଗିନୀର ଗୌରବ ପ୍ରାପ୍ତି କରିଥାଏ। ଗୃହିଣୀ, କୁଳବଧୂ ଆଦି ଆଳଙ୍କରିକ ଶବ୍ଦ ରେ ବିଭୂଷିତ ହୋଇଥାଏ। ଏସବୁ ପ୍ରାପ୍ତି ପରେ ମଧ୍ୟ ଦୁନିଆରେ ସବୁଠାରୁ ମିଠା ଓ ଶାନ୍ତି ତଥା ଗୌରବ ପ୍ରଦାନ କରୁଥିବା ଶବ୍ଦଟି ହେଲା 'ମାଆ'। ସନ୍ତାନର ଲାଳନପାଳନ ଜଣେ ନାରୀ ସ୍ୱଇଛାରେ ଏବଂ ଖୁସିରେ କରିଥାଏ। କେହି ଯଦି କହେ ସେ 'ମାଆ'ର ଋଣ ସୁଝି ଦେବ ତାହା କେବଳ ମୁର୍ଖାମି ଓ ବାଚାଳାମି ବ୍ୟତିତ ଆଉକିଛି ନୁହେଁ। ସେନେହ, ଯତ୍ନ, ଦାୟବଦ୍ଧତା, ତଥା ତ୍ୟାଗର କୌଣସି ମୂଲ୍ୟାଙ୍କନ କରାଯାଇ ପାରିବ ନାହିଁ। ଏସବୁ ଅମୂଲ୍ୟ ସମ୍ପଦ, ଆକଳନ ବିହିନ। ଏସବୁକୁ ଆକଳନ କରିବା ମହିଳାଙ୍କ ପ୍ରତି ଅପମାନ ସଦୃଶ। ମହିଳା ମାନେ ଗୃହର ମେରୁଦଣ୍ଡ, ଶ୍ରମିକ ନୁହେଁ। ହଁ ବର୍ତ୍ତମାନ ସମୟକୁ ଆଖି ଆଗରେ ରଖି ମହିଳା ମାନଙ୍କୁ ଆର୍ଥିକ ଓ ସାମାଜିକ ସ୍ତରରେ ସମାନ ଅଧିକାର ଦେଇ ସୁଦୃଢ ତଥା ସନ୍ମାନିତ କରିବା ବିଧେୟ। ସେମିତିବି ନାରୀଟିଏ ପ୍ରକୃତି ଦତ୍ତ ସେନେହି। ସେନେହ,ସନ୍ମାନ ଓ ଆଦରର ରଙ୍କୁଣି। ବହୁ କ୍ଷେତ୍ର ରେ ଦେଖାଯାଇଛି ସ୍ୱାମୀ ଜଣକ ତା'ର ମାସର ଦରମା ଆଣି ସ୍ତ୍ରୀ କୁ ହିଁ ଦେଇଥାଏ ଘର ଚଳାଇବା ପାଇଁ। ମହିଳା ମାନେ ମଧ୍ୟ ଘର ଚଳାଇବାରେ ସିଦ୍ଧହସ୍ତ ଓ ସଞ୍ଚୟ କରିବାରେ ମଧ୍ୟ,ଏହା ସେମାନେ ୨୦୧୬ମସିହା ସମୟରେ ବିମୁଦ୍ରି କରଣ ବେଳେ ପ୍ରମାଣିତ କରିସାରିଛନ୍ତି ।ତେଣୁ ସେମାନେ ବେତନ ନୁହେଁ ବୋନସର ହକଦାର। ଏ ସବୁତ ମୁଦ୍ରାର ଗୋଟିଏ ପାର୍ଶ୍ୱ। ମୁଦ୍ରାର ଅନ୍ୟ ପାର୍ଶ୍ୱଟି ମଧ୍ୟ ଆଲୋଚନା ସାପେକ୍ଷ। ନିଉଜିଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ଥିବା ଆର୍ଡେନ ଜେସିଣ୍ଡା ନିଜ ପରିବାରକୁ ସମୟ ଦେଇ ନ ପାରିବାରୁ ନିଜ ପଦବିରୁ ଇସ୍ତଫା ଘୋଷଣା କଲେ।ତାଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ସେ ନିଜ କନ୍ୟାକୁ କୋଳରେ ଧରି ଭାଷଣ ଦେଉଥିଲେ। ସେହିପରି ମେଟା କମ୍ପାନୀ ସିଇଓ ସେରିଲ୍ ସାଣ୍ଡବର୍ଗ ଓ ଏବର୍ଷ ୟୁଟ୍ୟୁବ ସିଇଓ ସୁମନ ଉଜମିକ ମଧ୍ୟ ଇସ୍ତଫା ଦେଇଛନ୍ତି ସମାନ କାରଣ ଦର୍ଶାଇ। ଏ ସବୁରୁ ଏହା ପ୍ରତିୟମାନ ହେଉଛି ଯେ କେବଳ ଜଣେ ଗୃହିଣୀ ନୁହେଁ ଜଣେ କର୍ମଜୀବୀ ମହିଳାର ମଧ୍ୟ ତା ଗୃହକର୍ମ ପ୍ରତି ଅବଦାନ ଅତୁଳନୀୟ। ଗୃହକର୍ମ ଓ ସନ୍ତାନର ଲାଳନ ପାଳନ ପାଇଁ ଜଣେ ନାରୀ ଉଚ୍ଚ ପଦବିକୁ ମଧ୍ୟ ତ୍ୟାଗ କରିପାରୁଛି। ଆମେରିକାରେ ଏକ ସର୍ଭେ ରେ ଦର୍ଶାଯାଇଛି ଯେ ମହିଳା ମାନଙ୍କ ନିୟୁକ୍ତି ହିନତା ପୁରୁଷଙ୍କଠାରୁ ତିନି ପ୍ରତିଶତ ଅଧିକ।ଏହା ଅନ୍ୟ ରାଷ୍ଟ୍ର ଗୁଡିକରେ ଯଥେଷ୍ଟ ଅଧିକ। ତେଣୁ ମହିଳା ମାନେ ଯାହା ଗୃହ ପାଇଁ କରନ୍ତି ତାହା ଜଣାପଡେ ନାହିଁ, କିନ୍ତୁ ତା'ର ପ୍ରକୃତ ଅର୍ଥିକ ମୂଲ୍ୟ ଯଥେଷ୍ଟ ଅଧିକ। କିନ୍ତୁ ମହିଳା ମାନେ ଏହା କରନ୍ତି ବିନା ମୂଲ୍ୟରେ। ୨୦୧୯ରେ ଏକ ବିଶ୍ୱସ୍ତରୀୟ ସର୍ଭେର ତଥ୍ୟ ହେଲା, ମହିଳାମାନେ ସମଗ୍ର ବିଶ୍ୱରେ ନିଜ ପରିବାର ପାଇଁ କରୁଥିବା ପରିଶ୍ରମର ଆର୍ଥିକ ମୂଲ୍ୟ ୧୧ ଟ୍ରିଲିଅନ ଡଲାରରୁ ଅଧିକ, ଯାହା ବିଶ୍ୱର ୫୦ ଟି ବିଶାଳ କମ୍ପାନୀର ରୋଜଗାରକୁ ମିଶାଇଲେ ବି ତା'ଠାରୁ ଅଧିକ ହେବ। ଉପରୋକ୍ତ ତଥ୍ୟ ଗୁଡ଼ିକ ମହିଳା ମାନଙ୍କର ଅବଦାନ ର ସମ୍ୟକ ସୂଚନା। ଗୃହିଣୀମାନଙ୍କୁ ବେତନ ଦେବା କଥା ଶୁଣିବାକୁ ଟିକେ ଅଖାଡୁଆ ଲାଗୁଥିଲେ ମଧ୍ୟ ବର୍ତ୍ତମାନ ସମୟରେ ଏହାର ଗୁରୁତ୍ତ୍ୱକୁ ଅଣଦେଖା କରିହେବ ନାହିଁ।ଏହା କେବଳ ଆଲୋଚନା ମାଧ୍ୟମ ରେ ସିମିତ ହୋଇ ରହିଅଛି। ନେସନାଲ ହାଉସ ୱାଇଫ ଆସୋସିଏସନ୍ ୨୦୧୦ ମସିହାରେ ଗୃହିଣୀମାନଙ୍କୁ ଟ୍ରେଡ ଇଉନିୟନରେ ସାମିଲ କରି ବେତନ ଦେବାପାଇଁ ପ୍ରସ୍ତାବ ଦେଇଥିଲେ, କିନ୍ତୁ ଏହା ଅଗ୍ରାହ୍ୟ ହୋଇଯାଇଥିଲା। ୨୦୧୨ମସିହାରେ ମହିଳା ଶିଶୁ ବିକାଶ ବିଭାଗ ମନ୍ତ୍ରୀ ଶ୍ରୀମତୀ କ୍ରିଷ୍ଣା ତିରଥ ଗୃହିଣୀ ମାନଙ୍କୁ ଦରମା ଦେବାକୁ ପ୍ରସ୍ତାବ ଦେଇଥିଲେ, (ସ୍ୱାମୀ ମାନେ ତାଙ୍କ ଦରମାରୁ ସ୍ତ୍ରୀ ମାନଙ୍କୁ ଦରମା ଦେବେ) କିନ୍ତୁ ଏହା କାର୍ଯ୍ୟକାରୀ ହୋଇପାରି ନଥିଲା। ୨୦୨୧ରେ ତାମିଲନାଡୁରେ କମଲହାସନଙ୍କ ରାଜନୈତିକ ଦଳ ମକଲ ନିଧି ମୟମ ତାଙ୍କର ନିର୍ବାଚନୀ ଇସ୍ତାହାରରେ ଗୃହିଣୀ ମାନଙ୍କୁ ଦରମା ଦେବାପାଇଁ ଘୋଷଣା କରିଥିଲେ, କିନ୍ତୁ ଦଳ ହାରିଯିବା ଯୋଗୁଁ ଏହା ମଧ୍ୟ ଶିତଳ ଭଣ୍ଡାରରେ ରହିଯାଇଛି।

ସମାଜ ଗଠନରେ ଗୃହିଣୀର ଭୂମିକା ଅବଦାନ ଅତୁଳନୀୟ, କିନ୍ତୁ ଏହି ସମାଜରେ ତଥା ସାମାଜିକ ଜୀବନରେ ଦୈନନ୍ଦିନ ଗୃହିଣୀଟି ଅସଂଖ୍ୟ ଘାତ ପ୍ରତିଘାତର ସନ୍ମୁଖିନ ହୁଏ। ଗୃହିଣୀ ମାନଙ୍କୁ କ୍ଷମତା ସମ୍ପନ୍ନ କରିବାର ଚୁକ୍ତି ପତ୍ରକୁ କାର୍ଯ୍ୟକାରୀ କରିବା, ଅଧିକାର ପ୍ରଦାନ କରିବା, ସ୍ତ୍ରୀ ଧନ ଉପରେ ସେମାନଙ୍କର ଅଧିକାର କୁ ସୁନିଶ୍ଚିତ କରିବା, ଉତ୍ତରାଧିକାରୀ ସୂତ୍ରରେ ପ୍ରାପ୍ତ ସମ୍ପତ୍ତି ଉପରେ ଅଧିକାର, ଛାଡ଼ପତ୍ର ଓ ଘରୋଇ ହିଂସା କ୍ଷେତ୍ରରେ କ୍ଷତିପୂରଣ, ବାହାରେ କାମ କରିବାର ସୁଯୋଗ, ନିଷ୍ପତ୍ତି ବା ସିଦ୍ଧାନ୍ତ ନେବାରେ କ୍ଷମତା ଗୁଡିକ ବେସି ଆବଶ୍ୟକ। ତେଣୁ :- ସସମ୍ମାନେ ଦିଅ ତାକୁ ଆସନ ତା ନାରିତ୍ୱର ଅସ୍ମିତାକୁ ଚିହ୍ନି।

+ ଭୁବନେଶ୍ୱର
ମୋ: ୭୯୭୮୩୩୨୦୬୧

# ଆତ୍ମହତ୍ୟା ପ୍ରବଣତା ଓ ଯୁବପିଢ଼ି



ଶରତ କୁମାର ଦାସ

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ସେହି ବର୍ଷ ମହାରାଷ୍ଟ୍ରରେ ୨୨,୨୦୭ଟି ତଥା ୧୩.୫ ପ୍ରତିଶତ ଆତ୍ମହତ୍ୟା ମାମଲା ତଥା ସୃଷ୍ଟି ହୋଇ ଏଦିଗରେ ଶୀର୍ଷସ୍ଥାନ ଅଧିକାର କରି ଏକ ଅଲୋଡା ରେକର୍ଡ ସୃଷ୍ଟି କରିଥିବା ବେଳେ ତାମିଲନାଡୁ (୧୮,୯୨୫ ବା ୧୧.୫ ପ୍ରତିଶତ), ମଧ୍ୟ ପ୍ରଦେଶ (୧୪,୯୨୫ ବା ୯.୧ ପ୍ରତିଶତ), ପଶ୍ଚିମ ବଙ୍ଗ (୧୩,୫୦୦ ବା ୮.୨ ପ୍ରତିଶତ) ଓ କର୍ଣ୍ଣାଟକ (୧୩,୦୫୬ ବା ୮.୦ ପ୍ରତିଶତ) ଆଦି ରାଜ୍ୟ ଗୁଡିକରେ ଆତ୍ମହତ୍ୟାଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି । ଏହି ୫ ଟି ରାଜ୍ୟର ମୋଟ ଆତ୍ମହତ୍ୟା ମାମଲା ସଂଖ୍ୟା ସମୁଦାୟ ଜାତୀୟ ମାମଲାର ପ୍ରାୟ ଅଧା (୫୦.୩ ପ୍ରତିଶତ) ଅଟେ। ଏନ.ସି.ଆ.ର୍ବିର ତଥ୍ୟ ଅନୁଯାୟୀ ୨୦୨୦ରେ ଭାରତର ପ୍ରତି ଦିନ ୪୧୮ ଜଣ ଲୋକ ଆତ୍ମହତ୍ୟା କରୁଥିବା ବେଳେ ୨୦୨୧ ରେ ଏହାର ସଂଖ୍ୟା ବୃଦ୍ଧି ପାଇ ୪୫୦ ରେ ପହଞ୍ଚିଛି । ପ୍ରତି ୧ ଘଣ୍ଟାରେ ପ୍ରାୟ ୧୯ ଜଣ ଲୋକ ଆତ୍ମହତ୍ୟାର ଶିକାର ହେଉଛନ୍ତି । ପ୍ରତି ୧.୩୦ ମିନିଟରେ ଜଣେ ତରୁଣ/ତରୁଣୀଙ୍କ ନିକଟରେ ଆତ୍ମହତ୍ୟାର ପ୍ରବଣତା ସୃଷ୍ଟି ହେବା ବାସ୍ତବିକ ଚିନ୍ତାର ବିଷୟ। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ତଥ୍ୟ ଅନୁଯାୟୀ ୨୦୨୦ ମସିହାରେ ପ୍ରତି ୪୨ ମିନିଟରେ ଜଣେ ଛାତ୍ର/ ଛାତ୍ରୀଙ୍କର ଆତ୍ମହତ୍ୟା ଜନିତ ମୃତ୍ୟୁ ନଜରକୁ ଆସିଥିଲା । ଏପରିକି ସେହିବର୍ଷ ୩୦ ବର୍ଷ ବୟସରୁ କମ୍ ୬୪,୧୧୪ ଜଣ ବ୍ୟକ୍ତିବିଶେଷଙ୍କ ଆତ୍ମହତ୍ୟାରେ ମୃତ୍ୟୁ ଘଟିଥିଲା। ଏନ୍ .ସି.ଆ.ର୍ବି ର ଭାରତରେ ଦୁର୍ଘଟଣାଜନିତ ମୃତ୍ୟୁ ଓ ଆତ୍ମହତ୍ୟାଜନିତ ମୃତ୍ୟୁ (ଏ.ଡି.ଏସ୍.ଆଇ)-୨୦୨୦ର ତଥ୍ୟ ଅନୁଯାୟୀ ୮.୨ ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ଆତ୍ମହତ୍ୟାଜନିତ ମୃତ୍ୟୁ ଘଟୁଛି ।

ଏ କ୍ଷେତ୍ରରେ ଓଡିଶାର ଚିତ୍ର ମଧ୍ୟ ଅତି କଦର୍ଯ୍ୟ ।

ଏନ.ସି.ଆ.ର୍ବି.-୨୦୨୧ର ତଥ୍ୟ ଅନୁଯାୟୀ ଆମ ରାଜ୍ୟରେ ୨୦୨୦ ମସିହାରେ ସମୁଦାୟ ଆତ୍ମହତ୍ୟାଜନିତ ମାମଲା ୫,୫୪୬ ଥିବାବେଳେ ୨୦୨୧ ରେ ଏହା ବୃଦ୍ଧି ପାଇ ୫,୬୫୧ (୪,୪୧୨ ଜଣ ପୁରୁଷ ଓ ୧,୨୩୯ ଜଣ ମହିଳା) ରେ ପହଞ୍ଚିଛି, ଯାହାକି ୨୦୨୦ ତୁଳନାରେ ୨୦୨୧ ରେ ୨ ପ୍ରତିଶତ ବୃଦ୍ଧି । ପ୍ରତି ୧ ଘଣ୍ଟାରେ ପ୍ରାୟ ୧୫ ଜଣ ଲୋକ ଆତ୍ମହତ୍ୟା କରୁଥିବାର ଜଣାଯାଏ ଯାହାକି ୨୦୧୯ ତୁଳନାରେ ୨୩ ପ୍ରତିଶତ ଅଧିକ । ଓଡିଶାରେ ଗତ ପାଞ୍ଚ ବର୍ଷରେ ୨୦ .୨ ପ୍ରତିଶତ ଆତ୍ମହତ୍ୟା ଜନିତ ମୃତ୍ୟୁ ବୃଦ୍ଧି ପାଇଛି। ବର୍ତ୍ତମାନର ଜାତୀୟ ହାର ବାର୍ଷିକ ୧୨ ପ୍ରତିଶତ ଥିବାବେଳ ଓଡିଶାରେ ଏହା ୧୨.୫ ପ୍ରତିଶତ ଅଟେ । ରାଜଧାନୀ ଭୁବନେଶ୍ୱର ଏକ ଆତ୍ମହତ୍ୟାପ୍ରବଣ ସହରରେ ପରିଣତ ହୋଇଛି କହିଲେ ଭୁଲ ହେବନାହିଁ । ୨୦୨୧ରେ ମୋଟ ଆତ୍ମହତ୍ୟା ଜନିତ ମାମଲା ୨୮୨ ଥିବାବେଳେ ୨୦୨୨ ରେ ବିଶେଷ କରି ଗତ ୮ ମାସ ମଧ୍ୟରେ ଏଠାରେ ୨୨୬ ଆତ୍ମହତ୍ୟା ମାମଲା ପଂଜିକୃତ ହୋଇଛି । ଛାତ୍ର ଆତ୍ମହତ୍ୟା ମାମଲାରେ ଓଡିଶାର ସ୍ଥାନ ସମଗ୍ର ଦେଶରେ ଦ୍ୱିତୀୟ, ଯାହାକି ଏକ ସ୍ପର୍ଶକାତର ତଥା ଆଲୋଡନର ବିଷୟ ଅଟେ। ଉପରୋକ୍ତ ତଥ୍ୟାବଳୀ ପ୍ରତି ଦୃଷ୍ଟି ଦେଲେ ଦେହ ଥରି ଉଠେ । କମ୍ପନ ସୃଷ୍ଟି ହୁଏ ହୃଦୟରେ । ମନରେ ଆଶଙ୍କା ସୃଷ୍ଟି ହୁଏ । ଭଗବାନଙ୍କ ସର୍ବଶ୍ରେଷ୍ଠ ସୃଷ୍ଟି ଅମୃତ ସନ୍ତାନ ମଣିଷଙ୍କ ମାନସିକତାରେ ଏ କି ବିପର୍ଯ୍ୟୟ ! ଅଧ୍ୟାତ୍ମିକ ଦୃଷ୍ଟିକୋଣରୁ ଆତ୍ମହତ୍ୟାକୁ ଏକ ମାହାପାପ ରୂପେ ଗ୍ରହଣ କରାଯାଉଥିବା ବେଳେ ସାମାଜିକ ଦୃଷ୍ଟିକୋଣରୁ ଏହା ନିନ୍ଦନୀୟ । ଭାରତର ସମ୍ବିଧାନ ଧାରା ୨୧ ଅନୁଯାୟୀ ପ୍ରତିଟି ମଣିଷର ଜୀବନ ଧାରଣର ଅଧିକାର ରହିଛି ମାତ୍ର ନିଜକୁ ନିଜେ ହତ୍ୟା କରିବାର ଅଧିକାର ନାହିଁ । ଭାରତୀୟ ଦଣ୍ଡବିଧାନ ସଂହିତା (ଆଇ.ପି.ସି)ର ଅନୁଛେଦ ୩୦୯ ଅନୁଯାୟୀ ଆତ୍ମହତ୍ୟା ଏକ ଦଣ୍ଡାନୀୟ ଅପରାଧ। ।ଏଥିରେ ସର୍ବନିମ୍ନ ୧ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଥିବା କିମ୍ବା ଅ୍ଥିକ ଜୋରିମାନା କିମ୍ବା ଉଭୟର ମଧ୍ୟ ବ୍ୟବସ୍ଥା ରହିଛି । ଏହା ଜାଣି ମଧ୍ୟ ଆମେ କାହିଁକି ଏ ଚରମ ପନ୍ଥା ଆପଣେଇ ନେଉଛେ ? ଏହାର ସଠିକ କାରଣ ଖୋଜିବା ଏକ ଜଟିଳ ସମସ୍ୟାରେ ପରିଣତ ହେବା ସହିତ ବୁଦ୍ଧିଜୀବୀ, ଚିନ୍ତାନାୟକ, ଡାକ୍ତର ଏବଂ ମନସ୍ତାତ୍ତ୍ୱିତମାନଙ୍କ ମୁଣ୍ଡବିନ୍ଧାର ମୁଖ୍ୟ କାରଣ ପାଲଟିଛି ।

ଆତ୍ମହତ୍ୟା ପଛରେ ଅନେକ କାରଣମାନ ରହିଛି ଯଥା-ପାରିପାର୍ଶ୍ୱିକ ଚାପ, ଅଜ୍ଞାନତା, ଦୁଃଖ, ଦାରିଦ୍ର୍ୟ, ଅଭାବ ଅନଟନ, ରାଗ, ହିଂସା, ଅପମାନ, ଆତ୍ମୀୟସ୍ୱଜନଙ୍କ ଆକସ୍ମିକ ମୃତ୍ୟୁ, ବୃତ୍ତିରେ ବିଫଳତା, ପ୍ରେମରେ ବିଫଳତା, ପରୀକ୍ଷାରେ ଅକୃତକାର୍ଯ୍ୟ, ହତାଶାବୋଧ, ଧନସମ୍ପତିର କ୍ଷତି, ନିର୍ବୋଧତା, ପାରିବାରିକ ସମସ୍ୟା, ନିଶା ଆଶକ୍ତ,ଏକଲାପଣ, ନିଜକୁ ଅତିମାତ୍ରାରେ ନ୍ୟୁନ ଭାବିବା, ନିଜ ଉପରେ ବିଶ୍ୱାସ ହରାଇବା, ସମ୍ପର୍କରେ ଉତ୍କଟ ସଙ୍କଟ ଓ ମାନସିକ ଅସନ୍ତୁଳନ ଇତ୍ୟାଦି । କାରଣ ଯାହା ହେଉ ପଛେ ଆତ୍ମହତ୍ୟା ଭଳି ଏକ ଘୃଣ୍ୟ ତଥା ଭୀରୁ କାର୍ଯ୍ୟ କେବେବି ଗ୍ରହଣୀୟ ନୁହେଁ । ଏଭଳି କ୍ଷୁଦ୍ର ମାନସିକତାରୁ ବ୍ୟକ୍ତିକୁ ମୁକୁଳିବାକୁ ପଡିବ।

ଆତ୍ମହତ୍ୟା ଆତ୍ମିକ ସଙ୍କଟର ଏକ ଭୟଙ୍କର ରୂପ।

କୌଣସି ପରିସ୍ଥିତିରେ ବି ଆମେ ନିଜ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ଓ ଭରସା ହରାଇବା ଆଦୌ ଉଚିତ ନୁହେଁ । ସର୍ବଦା ମାନସିକ ସନ୍ତୁଳନ ବଜାୟ ରଖିବା ଜରୁରୀ ଅଟେ ।

ମଣିଷ ଏ ସଂସାରର ଏକ ଅନୁପମ ସୃଷ୍ଟି। ଏକ ବିବେକବନ୍ତ ଜୀବ।

ନିଜ ଭିତର ଥିବା ଆହେତୁକ ଭୟ କିମ୍ବା ହତାଶାବୋଧକୁ ଦୂର କରିବାକୁ ପଡିବ। ନିଜ ଭିତରେ ଲୁକ୍କାୟିତ ଅନ୍ତର୍ନିହିତ ଶକ୍ତିକୁ ଆବିଷ୍କାର କରିବା ଉଚିତ୍ । ଆମକୁ ମନେ ରଖିବାକୁ ପଡିବ ଯେ ଅନ୍ଧାର ଭିତରେ ଆଲୋକର ସୁନ୍ଦର ସତ୍ତା ବିଦ୍ୟମାନ। ବିଫଳତା ଭିତରେ ସଫଳତାର ଚାବିକାଠି ନିହିତ । ଗୋଟିଏ ବିକଳ୍ପ ବନ୍ଦ ହେଲେ ଯେ ଜୀବନର ସବୁ ବିକଳ୍ପ ବନ୍ଦ ହୋଇଯିବ, ଏକଥା ଭାବିବା ଆଦୌ ଉଚିତ ନୁହେଁ । ମଣିଷ ଆଗରେ ଅନେକ ବିକଳ୍ପ ରହିଛି । ସେଗୁଡିକୁ ସ୍ଥିର ମନରେ ବିଚାର କରିବା ଉଚିତ । ସମସ୍ୟା ସହ ବୀରଭଳି ଲଢି ଜୟ ଲାଭ କରିବା ଜୀବନର ବ୍ରତ ହେବା ଉଚିତ୍ । ଜୀବନ ଅଛି ମାନେ ସମସ୍ୟା ବି ଅଛି । ମାତ୍ର ଆମକୁ ଜାଣିବାକୁ ପଡିବ ଯେ ଯେତେବଡ ସମସ୍ୟା ହେଉ ପଛେ ତାହା କ୍ଷଣସ୍ଥାୟୀ। ଆତ୍ମହତ୍ୟା କୌଣସି କ୍ଷଣସ୍ଥାୟୀ ସମସ୍ୟାର ବାସ୍ତବ ସମାଧାନ ନୁହେଁ । ମଣିଷ ନିଜକୁ କେବେ ବି ଏକୁଟିଆ ଭାବିବା ବି ଉଚିତ୍ ନୁହେଁ । ତା' ସହିତ ତା' ବାପମା', ଭାଇବନ୍ଧୁ, ସାଙ୍ଗସାଥୀ, ପରିବାର ପରିଜନ, ଶିକ୍ଷକ ଓ ସର୍ବୋପରି ଭଗବାନଙ୍କ କରୁଣା ରହିଛି। ନିଜର ସମସ୍ତ ଦୁଃଖସୁଖକୁ ଅନ୍ୟମାନଙ୍କ ସହିତ ବାଣ୍ଟିପାରିଲେ ନିଜକୁ ବହୁତ ସହଜ ଲାଗେ । ନିଜର ଜିଦ୍, ଅଭିମାନ, ଈର୍ଷା, କ୍ରୋଧରେ, ଅହଙ୍କାର ପ୍ରଭୃତିକୁ ପରିତ୍ୟାଗ କରିପାରିଲେ ଅନ୍ୟମାନଙ୍କର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଝରିଆସେ ଆପେଆପେ । ପରମ ପିତାଙ୍କର ଆଶିଷ ମଥା ଛୁଏଁ।

ମଣିଷ ଜାଣିବା ଦରକାର ଯେ ବସ୍ତୁନିଷ୍ଠ ସଫଳତା ପ୍ରକୃତ ସଫଳତା ନୁହେଁ । ଏହା ଅନେକ କୃତ୍ରିମତା ଦ୍ୱାରା ଆବଦ୍ଧ ।

ସବୁ ଚକ୍ ଚକ୍ ଦିଶୁଥିବ ବସ୍ତୁ ଯେ ସୁନା, ତାହା ଭାବିବା ହିଁ ଭୁଲ୍।ଯେତେ କଠୋର ପରିସ୍ଥିତି ଆସୁ ପଛେ ସେ ଭାଙ୍ଗିପଡିବା ଉଚିତ ନୁହେଁ। ସମାଜ ସକଳ ଜ୍ଞାନର ଗନ୍ତାଘର। ପ୍ରତି ମୁହୂର୍ତ୍ତରେ ଆମର ଅନେକ କିଛି ଶିଖିବାରେ ଅଛି।

ସମ୍ପଦ ସମୟରେ ବିଭୋର ହୋଇ ବିପଦ ସମୟରେ ଅଧୀର ହେବା ଆଦୌ ପରିଣାମଦର୍ଶୀ କାର୍ଯ୍ୟ ନୁହେଁ ।

ଗତିପଥ ସବୁବେଳେ ବଦୁଳୁଥାଏ। ମନୁଷ୍ୟ ପ୍ରତିଟି ପରିବର୍ତ୍ତିତ ପରିସ୍ଥିତିସହ ନିଜକୁ ଆପଣେଇ ପାରିଲେ ଜୀବନର ପ୍ରକୃତ ମାର୍ଗ ଉପଲବ୍ଧ ହେବା ସହଜ ହୋଇପାରିବ । ନିଜ ଭତରେ ଥିବା ଆତ୍ମସତ୍ତାକୁ ହୃଦବୋଧ କରିପାରିଲେ ଆତ୍ମହତ୍ୟା ପ୍ରବଣତା ଅଧିକଂଶରେ ଦୂରହୋଇପାରିବ। ନିଜ ପ୍ରତି ଲୋଭ ଆସିବା ସହିତ ଜୀବନର ଗୁରୁତ୍ୱ ବୃଦ୍ଧିପାଇବ । ମଣିଷ ଶ୍ରେଷ୍ଠତ୍ୱର ଶିଖର ଛୁଇଁପାରିବ । (ସମାପ୍ତ)

+ଅଧ୍ୟାପକ, ବଡବିଲ ମହାବିଦ୍ୟାଳୟ, ବଡବିଲ, କେନ୍ଦୁଝର
ମୋ-୮୨୪୯୧୩୭୦୯୧




## ଟିକେମଣି ବୁଧିଆ ଓଡ଼ିଆ ଜାତିର ଗର୍ବ

ତୃପ୍ତି ରାଣୀ ପାତ୍ର



ଓଡ଼ିଆ ଜାତିର ଗର୍ବ ଗୌରବ
ସ୍ୱାଭିମାନରପ୍ରତୀକ
ଜାତିଜାଗରଣେ ପ୍ରତିବଦ୍ଧ ଧର୍ମୀ
ତୁମ୍ଭେ ଯେ ମହାନାୟକ ।
ଚିର ବନ୍ଦନୀୟ ପ୍ରାତଃ ସ୍ମରଣୀୟ
ଉତ୍କଳ ପ୍ରୀତିର ପ୍ରେମେ
ଏକଶତ ଅଣାଅଶି ଜୟନ୍ତୀରେ
ପ୍ରତି ଓଡ଼ିଆ ପ୍ରଣମେ ।
ତ୍ୟାଗ ତିତୀକ୍ଷାରେ ବିଶ୍ୱ ଇତିହାସେ
ଗର୍ବ ଗୌରବର ଗାନେ
ସର୍ବକାଳୀନେ ଓଡ଼ିଆ ସ୍ମରଣେ
ଅକଳ୍ପନୀୟ ସୃଜନେ ।
ଓଜାଡି ଦେଉଛୁ କୃତଜ୍ଞତା ଭେଟି
ମାଟିର ସନ୍ତାନ ପ୍ରତି
ଓଡ଼ିଆ ସଂସ୍କୃତି କୃତ୍ୟ କୃତ୍ୟ ନିତି
ଜୟ ତ ପାତାଳ ଭେଦି ।
ଧନ୍ୟ ଧନ୍ୟ ଧନ୍ୟ ହେ ମଧୁସୂଦନ
ଓଡ଼ିଆଙ୍କର ସ୍ପନ୍ଦନ
ଉତ୍କଳ ମାତାର ସୁଯୋଗ୍ୟ ସନ୍ତାନ
ତୁମ୍ଭେ ହିଁ ଚିର ବନ୍ଦନ ।
ଅନ୍ଧକାରେ ଶୁଭେ ତୁମ୍ଭ କ୍ଷୀଣ ସ୍ୱର
ଉତ୍କଳର ଅବଦାନେ
ନିର୍ମଳ ରଖିବା ସଭିଙ୍କ ଅନ୍ତର
ଥିଲା ତୁମ୍ଭ ଶେଷ ସ୍ୱନେ ।
ମାତୃଭାଷାପ୍ରୀତି ସଂସ୍କୃତେ ସଂପ୍ରତି
ଓଡ଼ିଆ ଉତ୍ତରେ ଉକ୍ତି
ଲେଖିବା ପ୍ରୟାସେ କରିଥିଲ ଜିଦ୍
ସଫଳେ ଓଡ଼ିଆ ଜାତି ।
ସତ୍ୟ ସ୍ୱାଭିମାନ ଜୀବନ ଦର୍ଶନ
ସ୍ୱଭାବେ ସନ୍ଦେଶ ବହି
ଅବୈତନିକର ମନ୍ତ୍ରୀପଦ ପାଇଁ
ପ୍ରସ୍ତାବ ଥିଲ ଉଠାଇ ।
ଓଡ଼ିଆ ଅସ୍ମିତା ସଭ୍ୟତା ଦର୍ଶାଇ
ଚାଲେ ଆଗୁଆନ ହୋଇ
ଦରମା ବଢ଼ାଇ ଗୁଣଗାନ କରି
ଓଡ଼ିଶା ଯାଏ ଆଗେଇ ।
ତୁମ୍ଭ ଆତ୍ମା କିନ୍ତୁ ଗୁମୁରି କାନ୍ଦୁଛି
ନବ ଦଶନ୍ଧି ଧରି
ଚିନ୍ତା ଚେତନାରେ ସୂଚାଇ ଦେଉଛି
ସତ୍ୟର ହୃଦୟ ଭରି ।
ସ୍ୱ ଉପାର୍ଜିତ ଧନ ବାଣ୍ଟିବାଣ୍ଟି
ଅଭାବ କଷଣ ରଖି
ଓଡ଼ିଆଙ୍କ ପ୍ରେମେ ଉବୁଟୁବୁ ହୋଇ
ନଥିଲ କାହାକୁ ଠକି ।
ଭାଷା ସୁରକ୍ଷାର ଅଗ୍ରଦୂତ ସାଜି
ଅଭିଯାନେ ଥିଲ ମାତି
ପରଧନ ଭୋଗ ଲାଳସାରେ ମତି
ନଥିଲ ତୁମର ଗତି ।
କଷ୍ଟ ଉପାର୍ଜିତ ଅର୍ଥ ଆଶିଷରେ
ଦୀନ ଦୁଃଖୀ ଦାନ ପ୍ରତି
ଭୋଗକାରୀ ଗତିବିଧି ସମ୍ପର୍କରେ
ଥିଲା ହୃଦମନେ ଚିନ୍ତି ।
ପୂନେଇଁ ଜହ୍ନର ସ୍ୱପ୍ନ ସାକାରରେ
କଳାକାଳିମାରେ ପୂରି
ସ୍ୱାର୍ଥକୁ ସାରଥୀ ତୋଷାମଦକାରେ
ନଥିଲା ଭକତି ଜାରି ।
ଶାଗୁଣା ବିଲୁଆ ଚିକିତ୍ସକ ହେଲେ
ଶବ ଅବସ୍ଥା ଯା' ହେବ
ସତ୍ୟ ଦୟା କ୍ଷମା ଦୂରେ ହଜିଗଲେ
ବିପଦ ନିଶ୍ଚେ ଘଟିବ ।
ସ୍ୱାର୍ଥ ପ୍ରଣୋଦିତ ତୋଷାମଦ ଭୟ
ମିଥ୍ୟା ତାଙ୍କ ପ୍ରିୟ ସୁତ
ଅପ୍ରୀତିକର ପରିସ୍ଥିତିର ବିଳୟ
ଘମାଘୋଟେ ଯୁଦ୍ଧ ସତ ।
ସମ୍ପର୍କ ସେତୁରେ ବିବେକ ନିଶ୍ଚୟ
ରଖୁଲେ ଶୁଚି ପବିତ୍ର
ଧ୍ୱନି ପ୍ରତିଧ୍ୱନି ନିର୍ମଳ ହୃଦୟ
ଶୁଭିବ ଶବ୍ଦ ସର୍ବତ୍ର ।

+ସହଦେବଖୁଣ୍ଟା, ବାଲେଶ୍ୱର

# ଖରାଦିନେ ଛୋଟ ପିଲାଙ୍କୁ କ'ଣ ଖୁଆଇବେ ? ଜାଣନ୍ତୁ କେଉଁ ସବୁ କଥା ଉପରେ ଧ୍ୟାନ ଦେବା ଜରୁରୀ



ଖରାଦିନେ ଛୋଟ ପିଲାମାନଙ୍କର ଖାଦ୍ୟପେୟ ଉପରେ ବିଶେଷ ଧ୍ୟାନ ଦେବା ଅତ୍ୟନ୍ତ ଆବଶ୍ୟକ । ଏହି ସମୟରେ ଏମିତି ଖାଦ୍ୟ ବାଛିବା ଉଚିତ ଯାହା ହାଲୁକା ହେବା ସହ ପିଲାମାନଙ୍କୁ ସତେଜ ରଖିବ । ଗ୍ରୀଷ୍ମ ପ୍ରବାହ ଯୋଗୁଁ ବଡ଼ଙ୍କଠାରୁ ଆରମ୍ଭ କରି ପିଲାଙ୍କ ପର୍ଯ୍ୟନ୍ତ ସମସ୍ତେ ହଇରାଣ ହୋଇଥାନ୍ତି । ପିଲାମାନେ ସ୍କୁଲରେ ରୁହନ୍ତୁ ବା ଘରେ, ଗରମ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇଥାଏ । ସାଧାରଣତଃ ପିଲାଙ୍କୁ ଥଣ୍ଡା ରଖିବା ପାଇଁ ଅଭିଭାବକମାନେ ଆଇସକ୍ରିମ, କୋଲ୍ଡ ଡ୍ରିଙ୍କସ କିମ୍ବା ମିଠା ମିଲ୍କସେକ୍ ଦେଇଥାନ୍ତି, କିନ୍ତୁ ଏହା କିଛି ସମୟ ପାଇଁ ଆରାମ ଦେଲେ ମଧ୍ୟ ଶରୀରକୁ ଭିତରୁ ଥଣ୍ଡା କରିନଥାଏ । ବରଂ ଏହା ଦ୍ୱାରା ଶରୀରରେ ଜଳୀୟ ଅଂଶ କମିବା, ଗଳା ସମସ୍ୟା ଏବଂ ଦୁର୍ବଳତା ଦେଖାଦେଇପାରେ । ବିଶେଷ କରି ଖରାରେ ଯାଉଥିବା ପିଲାଙ୍କ ପାଇଁ ଏପରି ଖାଦ୍ୟ ଆବଶ୍ୟକ ଯାହା ଶରୀରକୁ ହାଇଡ୍ରେଟ୍ ରଖିବ ଏବଂ ଲୁ ବା ଗରମ ପବନରୁ ରକ୍ଷା କରିବା ସହ ଶକ୍ତି ଯୋଗାଇବ ।

ଗରମ ଦିନେ ପିଲାଙ୍କ ପାଇଁ ସତ୍ତୁ ସରବତ ଏକ ଉତ୍କୃଷ୍ଟ ପାନୀୟ । ଏହା ଶରୀରକୁ ଭିତରୁ ଥଣ୍ଡା ରଖିବା ସହ ପିଲାଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରଖେ ଏବଂ ଥକାପଣ ଦୂର କରେ। ଏଥିରେ ଥିବା ପ୍ରୋଟିନ୍ ଓ ଫାଇବର ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ଏବଂ ଏହା ପ୍ରସ୍ତୁତ କରିବା ମଧ୍ୟ ସହଜ । ସେହିଭଳି କାକୁଡ଼ି ଶରୀରକୁ ଶୀତଳତା ପ୍ରଦାନ କରିବା ପାଇଁ ଜଣାଶୁଣା। କାକୁଡ଼ିରେ ସାଣ୍ଡୱିଚ୍ ପ୍ରସ୍ତୁତ କରି ସେଥିରେ ପୁଦିନା ଓ ଟମାଟୋ ମିଶାଇ ପିଲାଙ୍କୁ ଦିଆଯାଇପାରେ। ଏହା ଏକ ହାଲୁକା ଜଳଖିଆ ଯାହା ପେଟକୁ ଭାରି ଲାଗିବାକୁ ଦିଏନାହିଁ । ଯଦି ପିଲାମାନେ ଥଣ୍ଡା ଜିନିଷ ଖାଇବାକୁ ଜିଦ୍ କରନ୍ତି, ତେବେ ବଜାରର ଆଇସକ୍ରିମ ବଦଳରେ ଘରେ ତିଆରି ଫ୍ରୁଟ୍ ପପସିକଲ୍ ଦେବା ଉଚିତ । ତାଜା ଫଳର ରସରେ ତିଆରି ହେଉଥିବାରୁ ଏହା ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟପ୍ରଦ ମଧ୍ୟ ହୋଇଥାଏ ।



ଏହି ସମୟରେ ପିଲାଙ୍କ ଖାଦ୍ୟପେୟକୁ ନେଇ କିଛି ସତର୍କତା ଅବଲମ୍ବନ କରିବା ଜରୁରୀ । ପିଲାଙ୍କୁ ଏକାଥରେ ଅଧିକ ଖାଦ୍ୟ ନଦେଇ ଦିନସାରା ଅଳ୍ପ ଅଳ୍ପ ବ୍ୟବଧାନରେ ହାଲୁକା ଖାଦ୍ୟ ଦେବା ଭଲ, ଯାହା ସେମାନେ ସହଜରେ ହଜମ କରିପାରିବେ । ଖରାଦିନେ ବିଭିନ୍ନ ଫଳ, ଘରେ ତିଆରି ହାଲୁକା ସ୍ନାକ୍ସ, ଦହି ଏବଂ ପାଣି ଜାତୀୟ ପନିପରିବାକୁ ଅଧିକ ପ୍ରାଧାନ୍ୟ ଦେବା ଉଚିତ । ବାହାରର ତେଲଛଣା କିମ୍ବା ଗରିଷ୍ଠ ଖାଦ୍ୟ ପରିବର୍ତ୍ତେ ତାଜା ରନ୍ଧା ଖାଦ୍ୟ ଦେବା ସବୁଠାରୁ ନିରାପଦ । ପ୍ରତିଟି ପିଲାଙ୍କ ରୁଚି, ବୟସ ଏବଂ ସେମାନଙ୍କ କାର୍ଯ୍ୟକଳାପ ଅଲଗା ହୋଇଥିବାରୁ ସେହି ଅନୁସାରେ ଡାଏଟ୍ ସ୍ଥିର କରାଯିବା ଉଚିତ । ଏହିଭଳି ସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସ ଦ୍ୱାରା ପିଲାମାନେ ଗରମରୁ ରକ୍ଷା ପାଇବା ସହ ସୁସ୍ଥ ରହିପାରିବେ ।

# ଜ୍ୱର-ପେଟ ଯନ୍ତ୍ରଣା ସମସ୍ୟା ଦେଖାଯାଉଛି କି ? ଜାଣନ୍ତୁ ଏହାର କାରଣ



ବର୍ଷର ଏହି ସମୟରେ, ଖାଦ୍ୟ ଏବଂ ଜଳଜନିତ ରୋଗ ବୃଦ୍ଧି ପାଏ। ଏହା କେବଳ ଏକ ସଂଯୋଗ ନୁହେଁ ବରଂ, ପାଗ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।ଜ୍ୱର, ପ୍ରବଳ ମୁଣ୍ଡବିନ୍ଧା ଏବଂ ପେଟ ଖରାପ ଭଳି ଲକ୍ଷଣ ଦେଖାଯାଇଥାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ଗରମ ଏବଂ ଆର୍ଦ୍ରତାର ମିଶ୍ରଣ ଏକ ପରିବେଶ ସୃଷ୍ଟି କରେ ଯାହା ବ୍ୟାକ୍ଟେରିଆ ଏବଂ ଭାଇରସ ପାଇଁ ଅତ୍ୟନ୍ତ ଅନୁକୂଳ। ଅନ୍ୟ ଶବ୍ଦରେ, ଯେଉଁ ପାଗ ପରିସ୍ଥିତି ଆମେ ଅସହଜ ମନେ କରୁ, ତାହା ହିଁ ଏହି ରୋଗଜୀବାଣୁମାନଙ୍କ ପାଇଁ ଉପଯୁକ୍ତ ପ୍ରଜନନ ଭୂମି ସୃଷ୍ଟି କରେ । ସେମାନେ ଶରୀରରେ ପ୍ରବେଶ କରିବା ମାତ୍ରେ, ପାଚନ ପ୍ରଣାଳୀ ପ୍ରଥମେ ପ୍ରଭାବିତ ହୁଏ। ଏହା ପେଟରୁ ଆରମ୍ଭ ହୁଏ । ବାନ୍ତି, ପେଟ ଦରଜ, ଝାଡ଼ା, ଗ୍ୟାସ୍ ଏବଂ ଫୁଲିବା ଭଳି ଲକ୍ଷଣ ଦେଖାଯାଇଥାଏ । ଏହି ଅବସ୍ଥା ବହୁତ କଷ୍ଟଦାୟକ ଏବଂ ଏହାକୁ ଅଣଦେଖା କରିବା ମୂର୍ଖତାପୂର୍ଣ୍ଣ ନୁହେଁ । ବାନ୍ତି ଏବଂ ଝାଡ଼ା ଯୋଗୁଁ ଶରୀର ଦ୍ରୁତ ଗତିରେ ତରଳ ପଦାର୍ଥ ହରାଇଲେ ପ୍ରକୃତ ସମସ୍ୟା ବଢ଼ିଯାଏ, ଯାହା ଫଳରେ ଡିହାଇଡ୍ରେସନ ହୋଇଥାଏ । ଡିହାଇଡ୍ରେସନ୍ କେବଳ ତୃଷା ଅନୁଭବ ପର୍ଯ୍ୟନ୍ତ ସୀମିତ ନୁହେଁ; ବରଂ, ଏହା ସମଗ୍ର ଶରୀରର ସନ୍ତୁଳନକୁ ବ୍ୟାହତ କରେ। ଏହି କାରଣରୁ ଜ୍ୱର ଏବଂ ମୁଣ୍ଡବିନ୍ଧା ଭଳି ଲକ୍ଷଣଗୁଡ଼ିକ ପ୍ରକାଶ ପାଇବା ଆରମ୍ଭ ହୁଏ । ଶରୀର ସଂକ୍ରମଣ ସହିତ ଲଢ଼ିବାକୁ ଚେଷ୍ଟା କରେ । କିନ୍ତୁ, ଯେତେବେଳେ ପାଣି ଏବଂ ଇଲେକ୍ଟ୍ରୋଲାଇଟ୍ସର ଅଭାବ ଥାଏ, ସେତେବେଳେ ସୁସ୍ଥ ହେବା ବହୁତ କଷ୍ଟକର ହୋଇଯାଏ । ମୁଣ୍ଡବିନ୍ଧା ଦୀର୍ଘ ସମୟ ପାଇଁ ଲାଗି ରହେ ଏବଂ ଶାରୀରିକ ଦୁର୍ବଳତା ତୀବ୍ର ହେବାକୁ ଲାଗେ।

# ମେ ୧ରୁ ଆରମ୍ଭ ହେବାକୁ ଯାଉଛି ଖପ୍ପର ଯୋଗ: ୪ରାଶିରେ ପଡ଼ିବ ବଡ଼ ପ୍ରଭାବ

ଜ୍ୟୋତିଷ ଶାସ୍ତ୍ରର ନୀତି ଅନୁସାରେ, ୨୦୨୬ ମଇ ମାସର ଆରମ୍ଭ କିଛି ରାଶି ପାଇଁ ଉତ୍ଥାନ-ପତନ ସହିତ ଆରମ୍ଭ ହେବାର ଆଶା କରାଯାଉଛି। ୧ ମଇ ଠାରୁ 'ଖପ୍ପର ଯୋଗ' ସୃଷ୍ଟି ହେବାକୁ ଯାଉଛି, ଯାହା ୨୯ ଜୁନ୍ ୨୦୨୬ ପର୍ଯ୍ୟନ୍ତ ସକ୍ରିୟ ରହିବ। ଏହି ନିର୍ଦ୍ଦିଷ୍ଟ ଗ୍ରହ ସଂଯୋଜନ ମିଥୁନ, କନ୍ୟା, ମକର ଏବଂ ମୀନ ରାଶିର ବ୍ୟକ୍ତିଙ୍କ ଜୀବନରେ ଅଶାନ୍ତି ସୃଷ୍ଟି କରିପାରେ। ଏହି ସମୟ ମଧ୍ୟରେ, ପାରିବାରିକ ଉତ୍ତେଜନା ବୃଦ୍ଧି ପାଇପାରେ।

ମିଥୁନ- ଏହି ରାଶିର ବ୍ୟକ୍ତିମାନଙ୍କୁ ଏହି ସମୟ ମଧ୍ୟରେ ପାରିବାରିକ ମତଭେଦର ସମ୍ମୁଖୀନ ହେବାକୁ ପଡ଼ିପାରେ । ସମ୍ପର୍କରେ ଭୁଲ ବୁଝାମଣା ବୃଦ୍ଧି ପାଇପାରେ । ଚାକିରିରେ ଅସ୍ଥିରତା ଏବଂ କର୍ମକ୍ଷେତ୍ରରେ ଚାପ ବୃଦ୍ଧି ପାଇବାର ସୂଚନା ରହିଛି ।

କନ୍ୟା- କନ୍ୟା ରାଶିରେ ଜନ୍ମିତ ବ୍ୟକ୍ତିଙ୍କ ପାଇଁ, ଏହି ସମୟ ମାନସିକ ଚାପ ଏବଂ ଆର୍ଥିକ ଚ୍ୟାଲେଞ୍ଜ ଆଣିପାରେ। ଖର୍ଚ୍ଚ ଅପ୍ରତ୍ୟାଶିତ ଭାବରେ ବୃଦ୍ଧି ପାଇପାରେ ଏବଂ ଯୋଜନାଗୁଡ଼ିକ ଅପୂର୍ଣ୍ଣ ରହିପାରେ । ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ଧ୍ୟାନ ଦେବା ଜରୁରୀ।

ମକର- ଏହି ରାଶିର ଜାତ ବ୍ୟକ୍ତିମାନଙ୍କୁ ସେମାନଙ୍କ କ୍ୟାରିୟରରେ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ବିବାଦ କିମ୍ବା ଉପରିସ୍ଥ ଅଧିକାରୀଙ୍କ ସହ ମତଭେଦ ଦେଖାଦେଇପାରେ। ନିବେଶ ସମ୍ବନ୍ଧୀୟ ନିଷ୍ପତ୍ତି ନେବା ସମୟରେ ସତର୍କତା ଏବଂ ବିଚକ୍ଷଣତା ଅବଲମ୍ବନ କରନ୍ତୁ।

ମୀନ- ଏହି ରାଶିରେ ଜନ୍ମିତ ବ୍ୟକ୍ତିଙ୍କ ପାଇଁ, ଏହି ସମୟ ଭାବପ୍ରବଣ ଭାବରେ ଚ୍ୟାଲେଞ୍ଜପୂର୍ଣ୍ଣ ପ୍ରମାଣିତ ହୋଇପାରେ । ପରିବାର ମଧ୍ୟରେ ଉତ୍ତେଜନା ଏବଂ ସମ୍ପର୍କରେ ଭାବପ୍ରବଣ ଦୂରତା ଦେଖାଦେଇପାରେ । ଏହା ସହିତ ଆର୍ଥିକ ମାମଲାରେ ସତର୍କ ରହିବା ଆବଶ୍ୟକ।

# ଜିରା କରିବ ଜିରୋ ଫିଗର୍ : ଦେହ ପାଇଁ ଭାରି ଭଲ ଭଜା ଜିରା

ବର୍ତ୍ତମାନ ସମୟରେ ଘର ଘରର ସମସ୍ୟା କହିଲେ ମେଦବହୁଳତା ନହେଲେ ଚୁଟି ଝଡ଼ିବା । କିଏ ପତଳା ଥିଲେ ତାଙ୍କୁ ପଚରାଯାଉଛି ଯେ କ'ଣ ଖାଉଛ ଯେ ଏତେ ପତଳା ଅଛ । ନହେଲେ ଚୁଟି ଲମ୍ବା ଥିଲେ ପ୍ରଶ୍ନ ଆସେ ଆରେ ବାଃ ତୁମ ଚୁଟି ତ ବହୁତ ଲମ୍ବା କେଉଁ ତେଲ ଲଗାଉଛ ଇତ୍ୟାଦି , ଇତ୍ୟାଦି । ଏହାର ଅର୍ଥ ସବୁ ସମସ୍ୟାର ସମାଧାନ ଘରେ ହିଁ ଅଛି କିନ୍ତୁ ଆମେ ବୋଧହୁଏ ଅଳସୁଆମି କାରଣରୁ ଏହାକୁ ବ୍ୟବହାର କରିବା ପାଇଁ ପଛଘୁଞ୍ଚା ଦେଉ । କିନ୍ତୁ ରୋଷେଇ ଘରର କିଛି ଗୋଟାମସଲା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ମହୌଷଧୀ ଭଳି କାମ କରେ । ଯେଉଁଥିରୁ ଜିରା ହେଉଛି ଗୋଟିଏ । ଡାଲି-ତରକାରୀରେ ସ୍ୱାଦ ବଢ଼ାଇବାଠାରୁ ଆରମ୍ଭ ହେଉ କି ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇବାକୁ ନେଇ ଜିରା ସବୁଠୁ ଆଗରେ ଥାଏ ।

ଜିରାରେ ଜିଙ୍କ୍ , ଆଇରନ୍ , କପର୍ , କାର୍ବସ ଏବଂ ଭିଟାମିନ୍ ସି ଭଳି ଅନେକ ପୋଷକ ତତ୍ତ୍ୱ ମିଳିଥାଏ ଯାହା ଶରୀର ପାଇଁ ଲାଭକାରୀ । ଯଦି ପ୍ରତିଦିନ ଗୋଟିଏ ଚାମଚ ଭଜା ଜିରା ଖାଇବେ ତା'ହେଲେ ଏହା ଆପଣଙ୍କ ପାଇଁ ବରଦାନ ସଦୃଶ ହେ ବ । ଭଜା ଜିରାକୁ ପାଚନ କ୍ରିୟା ପାଇଁ ବେଷ୍ଟ୍ ବୋଲି କହୁଯାଏ । ଏଥିରେ ଥିବା ତେଲ ଏବଂ ଫାଇବର ପାଚନ ଏନଜାଇମ୍ସର ଉତ୍ପାଦନକୁ ବୃଦ୍ଧି କରେ, ଯାହାଦ୍ୱାରା ଖାଦ୍ୟ ଖୁବଶୀଘ୍ର ହଜମ ହୁଏ । ଏହା କୋଷ୍ଠକାଠିନ୍ୟ, ଏସିଡିଟି, ଗ୍ୟାସ ଏବଂ ପେଟ ଫୁଲିବା ପରି ସାଧାରଣ ପାଚନ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ଦେବାରେ ସାହାଯ୍ୟ କରେ । ଯଦି ଆପଣ ନିଜ ବର୍ଦ୍ଧିତ ଓଜନକୁ ନେଇ ଚିନ୍ତାରେ ଅଛନ୍ତି ତେବେ ନିଜ ଡାଏଟରେ ଭଜା ଜିରା ସାମିଲ କରିବା ଏକ ଭଲ ବିକଳ୍ପ ହୋଇପାରେ । ଜିରା ମେଟାବଲିଜିମ୍ ବଢ଼ାଇ କ୍ୟାଲୋରୀ ବର୍ନ କରିବାରେ ସାହାଯ୍ୟ କରେ । ଏହା ସହିତ, ଏହା ଭୋକକୁ କମାଇବାରେ ମଧ୍ୟ ସାହାଯ୍ୟକାରୀ ହୁଏ, ଯାହାଦ୍ୱାରା ଆପଣ ଅତ୍ୟଧିକ ଖାଇବାରୁ ବଞ୍ଚିପାରିବେ । ଜିରାରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟିମାଇକ୍ରୋବିଆଲ୍ ଗୁଣ ଭରପୂର ମାତ୍ରାରେ ମିଳିଥାଏ, ଯାହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରେ । ନିୟମିତ ଭାବରେ ଜିରା ଖାଇବା ଦ୍ୱାରା ଆପଣ ଥଣ୍ଡା, କାଶ ଏବଂ ଅନ୍ୟାନ୍ୟ ସଂକ୍ରମଣରୁ ମଧ୍ୟ ରକ୍ଷା ପାଇପାରିବେ ।

ଡାଇବେଟିସ୍ ରୋଗୀଙ୍କ ପାଇଁ ଭଜା ଜିରା ବହୁତ ଭଲ । ଏହା ରକ୍ତ ଶର୍କରାର ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ଜିରାରେ ଥିବା କିଛି ତତ୍ତ୍ୱ ଇନସୁଲିନ୍ ସେନସିଟିଭିଟିକୁ ବଢ଼ାଏ, ଯାହାଦ୍ୱାରା ଶରୀର ଗ୍ଲୁକୋଜକୁ ଉନ୍ନତ ଉପାୟରେ ବ୍ୟବହାର କରିପାରେ । ଭଜା ଜିରା ହୃଦୟ ପାଇଁ ମଧ୍ୟ ଅତ୍ୟନ୍ତ ଲାଭଦାୟକ । ଏହା ରକ୍ତଚାପ କମାଇବା ଏବଂ କୋଲେଷ୍ଟ୍ରଲର ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ, ଯାହାଦ୍ୱାରା ହୃଦୟ ସମ୍ବନ୍ଧୀୟ ରୋଗର ବିପଦ କମ୍ ହୋଇଯାଏ । ଜିରା କେବଳ ଭିତରୁ ନୁହେଁ ବାହାରୁ ମଧ୍ୟ ଆପଣଙ୍କ ତ୍ୱଚା ଏବଂ କେଶର ଯତ୍ନ ନିଏ । ଏହା ବ୍ରଣ, ଦାଗ-ଧଳା ଦାଗ ଏବଂ ତ୍ୱଚାର ଅନ୍ୟାନ୍ୟ ସମସ୍ୟାକୁ କମାଇବାରେ ସାହାଯ୍ୟ କରେ । ଏହା ସହିତ କେଶକୁ ମଜବୁତ ଏବଂ ଚମକଦାର କରିବାରେ ମଧ୍ୟ ସାହାଯ୍ୟକାରୀ ହୁଏ । ଆପଣ ପ୍ରତିଦିନ ସକାଳେ ଖାଲି ପେଟରେ ଏକ ଚାମଚ ଭଜା ଜିରା ପାଣି ସହିତ ସେବନ କରିପାରିବେ । ଏହାକୁ ଦହି, ସାଲାଡ୍ କିମ୍ବା କୌଣସି ଖାଦ୍ୟ ସାମଗ୍ରୀରେ ମିଶାଇ ମଧ୍ୟ ଖାଇପାରିବେ । ଭଜା ଜିରାର ପାଉଡର ତିଆରି କରି ମଧ୍ୟ ଖାଇପାରିବେ । ତେବେ ଗର୍ଭବତୀ ମହିଳା ଏବଂ ସ୍ତନ୍ୟପାନ କରାଉଥିବା ମହିଳାମାନେ ଭଜା ଜିରା ଖାଇବା ପୂର୍ବରୁ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଉଚିତ । ଏହା ବ୍ୟତୀତ ଯେଉଁମାନଙ୍କୁ ଜିରାରୁ ଆଲର୍ଜି ଅଛି ସେମାନେ ମଧ୍ୟ ଏହାର ସେବନ କରିବା ଉଚିତ ନୁହେଁ ।








ବିଭିନ୍ନ କାରଣ ନେଇ ଆଜିର ଜୀବନଶୈଳୀ ଅତ୍ୟନ୍ତ ଜଟିଳ ହୋଇଛି, ଯେଉଁଥିପାଇଁ ଲୋକ ଚାପଗ୍ରସ୍ତ ରହୁଛନ୍ତି । କିନ୍ତୁ ଛୋଟ କାରଣ ଭାବରେ ବିଚାର କରି ଟେନସନକୁ ଅଣଦେଖା କରନ୍ତୁ ନାହିଁ । ଏପରି କରିବା ଦ୍ୱାରା ଆପଣଙ୍କର ସମସ୍ୟା ଆହୁରି ବଢ଼ିବ । ଟେନସନ ଦୂର କରିବାର ଅର୍ଥ ନୁହେଁ ଯେ ଆପଣ ପ୍ରତିଯୋଗିତାର ଦୌଡ଼କୁ ଛାଡ଼ିଦିଅନ୍ତି । କିନ୍ତୁ କିଛି ଜୀବନଶୈଳୀରେ ପରିବର୍ତ୍ତନ ସହିତ, ଆପଣ ଆପଣଙ୍କ ଚାପକୁ ହ୍ରାସ କରି ଖୁସି ଏବଂ ଟେନସନ ମୁକ୍ତ ଜୀବନ ବିତାଇ ବାରେ ସହାଯ୍ୟ କରିବ । ଅନ୍ୟଥା ଷ୍ଟ୍ରେସ୍ ଭିତରେ ମୂଲ୍ୟବାନ ଜୀବନ ଛନ୍ଦି ହୋଇପଡ଼ିବ , ଆପଣ ଅସ୍ତବ୍ୟସ୍ତ ଭଳି ଅନୁଭବ କରିବେ । କାରଣ ଟେନସନ୍ ଶରୀର ପାଇଁ ସ୍ଲୋ ପଏଜନ୍ ଭଳି କାମ କରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କୁହନ୍ତି ।

ନିଜର ଯତ୍ନ ନିଅନ୍ତୁ : ନିଶା ସେବନ ଯେପରି ମଦ୍ୟପାନ, ନିଦ୍ରା ଜନିତ ଔଷଧ ନେବାରୁ ନିଜକୁ ଦୂରେଇ ରଖନ୍ତୁ । ବରଂ ସନ୍ତୁଳିତ ଆହାର ଗ୍ରହଣ କରିବା ସହ ୬ରୁ ୭ ଘଣ୍ଟା ଶୋଇବାକୁ ସମୟ ଦିଅନ୍ତୁ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ନିୟମିତ ବ୍ୟାୟାମ କରନ୍ତୁ ।

ଆତ୍ମବିଶ୍ୱାସକୁ ଆଧାର କରନ୍ତୁ : ଦୁର୍ଶ୍ଚିନ୍ତାରୁ ଦୂରେଇ ରହିବାକୁ ତଥା ମାଂସପେଶୀଗୁଡ଼ିକୁ ଆରାମ ଦେବାକୁ ଧ୍ୟାନ, ଯୋଗ , ପ୍ରାଣାୟାମ କରିବା ସହ ପ୍ରାକୃତିକ ପରିବେଶରେ ସମୟ ବିତାନ୍ତୁ । ସଠିକ୍ ବାଟ ବତାଉଥିବା ଜଣେ ବା କିଛି ସାଙ୍ଗଙ୍କ ସହ କଥାବାର୍ତ୍ତା ହୋଇ ସମୟ କାଟନ୍ତୁ । କିନ୍ତୁ ସବୁବେଳେ ଜଣେ ଭଲ ସାଙ୍ଗକୁ ବାଛିବା ବି ଗୁରୁତ୍ୱପୂର୍ଣ୍ଣ ।

ବ୍ରେକ୍ ନିଅନ୍ତୁ : ଲଗାତାର କାମ କରିବା ଅପେକ୍ଷା କାମ ମଝିରେ କିଛି ସମୟର ବ୍ରେକ୍ ନେବାକୁ ଭୂଲନ୍ତୁ ନାହିଁ । କାରଣ ଏପରି କଲେ ଆପଣଙ୍କ ମସ୍ତିଷ୍କକୁ ଆରାମ ମିଳିବା ସହ ତାର ରଚନାତ୍ମକ କ୍ଷମତା ବଢ଼ିଥାଏ ବୋଲି ବିଶେଷଜ୍ଞମାନେ କୁହନ୍ତି ।



ସାମାଜିକ ବ୍ୟବସ୍ଥାରେ ରୁହନ୍ତୁ : ଏହା କହିବାର ଅର୍ଥ ଆଜିକାର ବ୍ୟସ୍ତ ବହୁଳ ଜୀବନଶୈଳୀ ଅନେକ ସମୟରେ ଦୁର୍ଶ୍ଚିନ୍ତାକୁ ବରଣ କରୁଛି । କାମ ବ୍ୟସ୍ତତା ଯୋଗୁଁ କାହା ସହିତ ମିଳିମିଶା କରିବା ସାକ୍ଷାତ କରିବାକୁ ସମୟ ରହୁନି । କେବଳ କାମର ଚାପ ମସ୍ତିଷ୍କକୁ ଚାପଗ୍ରସ୍ତ କରୁଛି , ଅନେକ ସମୟରେ କାମର ଚାପ ହେଉ କି ବ୍ୟକ୍ତିଗତ କିଛି ସମସ୍ୟା ମଣିଷକୁ ଏଭଳି ଚାପଗ୍ରସ୍ତ କରେ ଯେ କିଛି ଜଣ ଆତ୍ମହତ୍ୟାର ବାଟ ବାଛିବା ଦେଖିବାକୁ ମିଳୁଛି । କିନ୍ତୁ ସମାଜିକ ବ୍ୟବସ୍ଥା ଭିତରେ ରହିଲେ ଅର୍ଥାତ୍ ଲୋକଙ୍କ ସହ ମିଳାମିଶା ଓ କଥାବାର୍ତ୍ତାରେ ଆପଣଙ୍କୁ ହୁଏତ ଏସବୁରୁ ମୁକୁଳିବାର ବାଟ ମିଳିଯିବ । ଏହା ବ୍ୟତୀତ କାହା ସହ ଟିକେ କଥାବାର୍ତ୍ତା ହୋଇଗଲେ ମନ ଅନେକ ମାତ୍ରାରେ ହାଲକା ହୋଇଯାଏ ।

ସାମାନ୍ୟ ଦିନଚର୍ଯ୍ୟା ପାଳନ କରନ୍ତୁ : ଜୀବନକୁ ଜଟିଳ କରନ୍ତୁ ନାହିଁ । ସବୁବେଳେ ଏକ ସାମାନ୍ୟ ଜୀବନଚର୍ଯ୍ୟାକୁ ପାଳନ କରିବାକୁ ଚେଷ୍ଟା କରନ୍ତୁ ।ପ୍ରତିଦିନ ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ଏବଂ ଶୀଘ୍ର ଉଠିବାକୁ ଚେଷ୍ଟା କରନ୍ତୁ ଏବଂ ରାତିରେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ସମୟରେ ଏବଂ ଶୀଘ୍ର ଶୋଇବାକୁ ଚେଷ୍ଟା କରନ୍ତୁ । ଏହାସହ ଠିକ ସମୟରେ ନିଜର ଖାଦ୍ୟ ଖାଇବାକୁ ଚେଷ୍ଟା କରନ୍ତୁ।

ଖାଲି ଏତିକି ନୁହେଁ ଆଉ ଏକ ଭଲ ଟିପ୍ସ ହେଉଛି କିଛି ସାମାଜିକ ହିତକର କାମରେ ନିଜକୁ ନିୟୋଜିତ ରଖନ୍ତୁ । ଯେମିତି ଗରୀବଙ୍କୁ ଖାଇବାକୁ ଦେବା, ବୁଲା ପଶୁଙ୍କ ସେବା କରିବା , ଗଛ ରୋପଣ କରିବା ଏଭଳି କାମ କରିବା ଦ୍ୱାରା ମନରେ ସକାରାତ୍ମକ ଭାବନା ଜାଗ୍ରତ ହୋଇଥାଏ ।

ସବୁଠୁ ଭଲ ସାଙ୍ଗ, ବହି ପଢ଼ିବାକୁ ଭୁଲନ୍ତୁ ନାହିଁ । କାରଣ ଗୋଟେ ଭଲ ବହି ଜୀବନର ଅନେକ ଭଲ କଥା ଶିଖାଇଦିଏ , ବଞ୍ଚିବାର ବାଟ ଦେଖାଇଦେବାରେ ସହାୟକ ହୋଇଥାଏ ।

# ଭେଡେନ ନଦୀରେ ବ୍ୟାରେଜ ଦାବି ନେଇ କୋଲାବିରା ତହସିଲ ଘେରାଉ

ଝାରସୁଗୁଡ଼ା, ୨୮/୦୪ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ଅନ୍ତର୍ଗତ ସମାସିଂହା ପଂଚାୟତର ଚାଷୀମାନେ ଭେଡେନ ନଦୀ ଉପରେ ବ୍ୟାରେଜ ନିର୍ମାଣ ଦାବୀରେ ସୋମବାର କୋଲାବିରା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରିଥିଲେ।

ଚାଷୀ ସଂଘର କହିବା ଅନୁଯାୟୀ, ୨୦୧୭ ମସିହାରେ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟରେ ପାର୍ବତୀଗିରି ମେଗା ଜଳସେଚନ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ଏହା ମାଧ୍ୟମରେ ପ୍ରାୟ ୨ ହଜାର ଏକର ଜମିକୁ ଜଳସେଚନ ଯୋଗାଇବା ଲକ୍ଷ୍ୟ ରହିଥିଲା। କିନ୍ତୁ ଯୋଜନାର ତ୍ରୁଟି ଓ ଉଚ୍ଚ ସ୍ଥାନରେ ପ୍ରକଳ୍ପ ସ୍ଥାପନ କରାଯାଇଥିବାରୁ ବର୍ଷା ଋତୁ ବ୍ୟତୀତ ଅନ୍ୟ ସମୟରେ ଚାଷୀମାନେ ଜଳସେଚନ ସୁବିଧା ପାଉନାହାନ୍ତି। ଏହା ଫଳରେ ପ୍ରକଳ୍ପଟି ପ୍ରାୟ ଅକାର୍ଯ୍ୟକାରୀ ହୋଇପଡ଼ିଛି।

ଚାଷୀମାନଙ୍କ ଅଭିଯୋଗ, ପ୍ରକଳ୍ପରେ କାମ କରୁଥିବା କର୍ମଚାରୀମାନେ ବିନା କାମରେ ଦରମା ପାଉଥିବାବେଳେ ସରକାରଙ୍କ ଅପରିମିତ ଅର୍ଥ ବ୍ୟୟ ହେଉଛି। ଯଦି ଏହି ସ୍ଥାନରେ ବ୍ୟାରେଜ ନିର୍ମାଣ କରାଯାଏ, ତେବେ ଅଂଚଳର ଚାଷୀମାନଙ୍କ ଜଳସେଚନ ସମସ୍ୟା ସମାଧାନ ହେବ ବୋଲି ସେମାନେ କହିଛନ୍ତି। ବହୁବର୍ଷ ଧରି ଏହି ଦାବୀ ଉଠିଆସୁଥିବା ସତ୍ତ୍ୱେ ପୂର୍ବତନ ଓ ବର୍ତ୍ତମାନ ସରକାର ପକ୍ଷରୁ କେବଳ ପ୍ରତିଶ୍ରୁତି ମିଳିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାରେ ଅସନ୍ତୁଷ୍ଟ ହୋଇ ସେମାନେ ଧାରଣା ଦେଇଥିଲେ।

ଚାଷୀମାନେ ସତର୍କ କରିଛନ୍ତି ଯେ, ଆସନ୍ତା ୩ ତାରିଖ ମଧ୍ୟରେ ବ୍ୟାରେଜ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ନହେଲେ ସେମାନେ ରାଜପଥ ଅବରୋଧ କରି ଆନ୍ଦୋଳନକୁ ତୀବ୍ର କରିବେ।

କୃଷକ ସଂଘର ସଭାପତି ଚେତାନନ୍ଦ ପଟେଲଙ୍କ ନେତୃତ୍ୱରେ ଆୟୋଜିତ ଏହି ଧାରଣା କାର୍ଯ୍ୟକ୍ରମରେ ତୁଳାରାମ ସେନାପତି, ତୁଳେଶ୍ୱର ପଟେଲ, ଗୌତମ ନାଏକ, ଗୁରୁଚରଣ ସାହୁ, ହେମନ୍ତ ସାହୁ ସହ ବହୁ ସଂଖ୍ୟକ ଚାଷୀ ଯୋଗଦେଇଥିଲେ।

# ରୋଟାରୀ କ୍ଲବ୍ କେନ୍ଦୁଝରକୁ ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣରଙ୍କ କ୍ଲବ ପରିଦର୍ଶନ

କେନ୍ଦୁଝର, ୨୮/୦୪ (ନି.ପ୍ର): ରୋଟାରୀ ଭବନ ଠାରେ ରୋଟାରୀ କ୍ଲବ କେନ୍ଦୁଝରଗଡ଼ ଶାଖାକୁ ଅଫିସିଆଲ୍ ପରିଦର୍ଶନ କରିଛନ୍ତି ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ ମନୋଜ ତ୍ରିପାଠୀ ଓ ତାଙ୍କ ସହଧର୍ମିଣୀ ମଧୁସ୍ମିତା ତ୍ରିପାଠୀ। ରୋଟାରୀ କ୍ଲବ କେନ୍ଦୁଝରଗଡ଼ ଶାଖା ସଭାପତି ହରିହର ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆସିଷ୍ଟାଂଟ ଗଭର୍ଣ୍ଣର ମାନସ ରଞ୍ଜନ ଆଚାର୍ଯ୍ୟ, ଇନରହୁଇଲ କେନ୍ଦୁଝର ସଭାପତି ସୋନାଲି ସିଂହ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରୋଟାରିଆନ ନିରୁପମା ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।ରୋଟାରୀ କ୍ଲବ କେନ୍ଦୁଝରଗଡ଼ ଶାଖା ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ରୋଟାରୀ କ୍ଲବ କେନ୍ଦୁଝରଗଡ଼ ସମ୍ପାଦକ ବିଜୟ କୁମାର ବେହେରା ବିସ୍ତୃତ ଭାବେ ସୂଚନା ପ୍ରଦାନ କରିଥିବା ବେଳେ ରୋଟାରିଆନ ଇଂ ସୁରେଶ ଚନ୍ଦ୍ର ଖଟୋଇଙ୍କ ଦ୍ୱାରା ସମ୍ପାଦିତ ଗୋନାସିକା ସ୍ମରଣିକାକୁ ଅତିଥିଗଣ ଉନ୍ମୋଚିତ କରିଥିଲେ।ରୋଟାରୀ କ୍ଲବ କେନ୍ଦୁଝରଗଡ଼ ଶାଖା ପକ୍ଷରୁ ବୈଦ୍ୟରାଜ ସାହିର ରମେଶ ନାଏକଙ୍କୁ ଏକ ହୁଇଲ୍ ଚେୟାର,୮ ଜଣ ମହିଳାଙ୍କୁ ୱାଟର ଫିଲ୍ଟର୍ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ ମନୋଜ ତ୍ରିପାଠୀ ପ୍ରଦାନ କରିଥିଲେ। ଏହି ଅବସରରେ ୭ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଙ୍କର ଶିକ୍ଷାଦାନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ରୋଟାରୀ ନେସନ ବିଲଡର ଆୱାର୍ଡ଼ ପ୍ରଦାନ କରାଯାଇଥିଲା। ନିମନ୍ତ୍ରିତ ଅନ୍ୟ ରୋଟାରୀ କ୍ଲବର ସଦସ୍ୟଙ୍କୁ ମଧ୍ୟ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରୀ କ୍ଲବ କେନ୍ଦୁଝରଗଡ଼ ୪୭ ବର୍ଷ ଧରି କରି ଆସୁଥିବା ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଂଶସା କରିଥିଲେ।ତଦସହିତ ରୋଟାରୀ କ୍ଲବ କେନ୍ଦୁଝରଗଡ଼ର ନୂତନ ବ୍ୟବସାୟିକ ବିଲ୍ଡିଂ କୁ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଉଦଘାଟନ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ ରୋଟାରୀ କ୍ଲବ କେନ୍ଦୁଝରଗଡ଼ ଶାଖାର ସମସ୍ତ ସଦସ୍ୟ ଓ ସଦସ୍ୟା,ଇନରହୁଇଲ କ୍ଲବର ସମସ୍ତ ସଦସ୍ୟାଙ୍କ ସହଯୋଗରେ ସୁଚାରୁ ରୂପେ ସମ୍ପାଦନ କରାଯାଇଥିଲା। ଶେଷରେ ରୋଟାରିଆନ ଦେବବ୍ରତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ୟାପକ ଚୋରା ମଦ ଜବତ : ୬ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା, ୨୮/୦୪ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାପାଳ ଶ୍ରୀ ରଘୁରାମ ଆୟର ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ଶ୍ରୀ ବିପ୍ର ଚରଣ ମଣ୍ଡଳ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ କେନ୍ଦ୍ରାପଡ଼ା ଜିଲ୍ଲା ର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ରୋମିତା ଗ୍ରାମର ସଂଗ୍ରାମ ପ୍ରଧାନ ଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ, ନରହରିପୁର ଗ୍ରାମର ରଜନୀକାନ୍ତ ଦାସ ଙ୍କ ଠାରୁ ୩୪ ଲିଟର ବିଦେଶୀ ମଦ, ପାଟକୁରା ଗ୍ରାମର ରଞ୍ଜନ କୁମାର ପରିଡାଙ୍କ ଠାରୁ ୨୧ ଲିଟର ବଦେଶୀ ମଦ, ରାଜନଗର ଗ୍ରାମର ମଙ୍ଗୁଳି ଚରଣ ସ୍ୱାଇଁ ଙ୍କ ଠାରୁ ୨୨ ଲିଟର ବିଦେଶୀ ମଦ, କୁରନ୍ତି ଗ୍ରାମର ପ୍ରଦୀପ କୁମାର ନରେନ୍ଦ୍ରଙ୍କ ଠାରୁ ୨୯ ଲିଟର ବିଦେଶୀ ମଦ ଜବତ ଏବଂ ଡେରାବିଶି ଥାନା ଅନ୍ତର୍ଗତ କେଉଟ ଖଣ୍ଡିଆ ଗ୍ରାମର ସନ୍ତୋଷ କୁମାର ସେଠିଙ୍କ ଠାରୁ ୧୦ ଲିଟର ଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇ ଅଛି। ଏମାନଙ୍କ ପାକ୍ଷରୁ ସମୁଦାୟ ୧୪୮ ଲିଟର ବିଦେଶୀ ଓ ଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ ଜବତ କରାଯାଇ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି । ଏହି ଚଢ଼ାଉରେ ଅବକାରୀ ଉପ ନିରିକ୍ଷକ ଶ୍ରୀ ଛାୟାକାନ୍ତ ନାୟକ, ମିସ ଋତୁପ୍ରଭା ସ୍ୱାଇଁ, ଶ୍ରୀ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର ଓ ଅନ୍ୟ କର୍ମଚାରି ସାମିଲ ଥିଲେ ।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

କେନ୍ଦ୍ରାପଡ଼ା, ୨୮/୦୪ (ନି.ପ୍ର): ଆଳି ବ୍ଲକଠାରେ ଆଜି ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସାଧାରଣ ଲୋକମାନେ ନିଜ ନିଜ ସମସ୍ୟା ଓ ଅଭିଯୋଗ ଗୁଡ଼ିକୁ ଜିଲ୍ଲା ପ୍ରଶାସନଙ୍କ ନଜରକୁ ଆଣିଥିଲେ। ଆଜିର ଶିବିରରେ ମୋଟ ୬୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୪୮ଟି ବ୍ୟକ୍ତିଗତ ଏବଂ ୧୫ ଟି ସାମୂହିକ। ତନ୍ମଧ୍ୟରୁ ୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଏହି ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କାଟାରିଆ, ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଓ ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ) ସରୋଜ କୁମାର ବେହେରାଙ୍କ ସହ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନା ଯେ, ଆଳି ବ୍ଲକରେ ଗତ ୨ ଫେବୃଆରୀରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ମୋଟ ୯୩ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା, ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୬୩ ଟି ଅଭିଯୋଗର ସମାଧାନ ହୋଇସାରିଛି। ପ୍ରକାଶ ଥାଉ କି, ଆସନ୍ତା ଦିନଗୁଡ଼ିକରେ ବିଭିନ୍ନ ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ।

# ନିର୍ଗୁନଡିହିରେ ୧୫ ଦିନ ଧରି ବନ୍ଦ ମେଗା ଜଳଯୋଗାଣ: ପଡ଼ାବାସୀଙ୍କ ଅସନ୍ତୋଷ ବୃଦ୍ଧି

ଝାରସୁଗୁଡ଼ା, ୨୮/୦୪ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ କେଲେଣ୍ଡାମାଲ ପଂଚାୟତ ଅନ୍ତର୍ଗତ ଗୁଡିଗାଁ ଗ୍ରାମର ନିର୍ଗୁନଡିହି ପଡ଼ାରେ ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ ବ୍ୟବସ୍ଥା ଥିବା ସତ୍ତ୍ୱେ ଗତ ୧୫ ଦିନ ଧରି ପାଣି ଯୋଗାଣ ବନ୍ଦ ରହିଥିବା ଅଭିଯୋଗ ଉଠିଛି। ତୀବ୍ର ଖରା ସମୟରେ ପାଣି ନ ମିଳିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବଢ଼ୁଛି।

ଅଭିଯୋଗ ଅନୁଯାୟୀ, ପୂର୍ବରୁ ଏହି ପଡ଼ାରେ କୌଣସି ପାଇପ୍ ଜଳଯୋଗାଣ ବ୍ୟବସ୍ଥା ନଥିଲା। ପ୍ରାୟ ୫ ଶହ କୋଟି ଟଙ୍କା ବ୍ୟୟରେ ନିର୍ମିତ ମେଗା ଜଳଯୋଗାଣ ପ୍ରକଳ୍ପ ମାଧ୍ୟମରେ ପଡ଼ାର ପ୍ରତ୍ୟେକ ଘର ସମ୍ମୁଖରେ ଷ୍ଟାଣ୍ଡପୋଷ୍ଟ ସ୍ଥାପନ କରାଯାଇଥିଲା। ପ୍ରାୟ ଦେଢ଼ ମାସ ପୂର୍ବରୁ ଜଳଯୋଗାଣ ଆରମ୍ଭ ହେବା ପରେ ଲୋକମାନେ ଆଶ୍ୱସ୍ତ ହୋଇଥିଲେ ଓ ଏକ ମାସ ଧରି ସମ୍ୟକ୍ ଭାବେ ପାଣି ମିଳୁଥିଲା। କିନ୍ତୁ ହଠାତ୍ ଗତ ୧୫ ଦିନ ଧରି ଷ୍ଟାଣ୍ଡପୋଷ୍ଟରୁ ପାଣି ଆସିବା ବନ୍ଦ ହୋଇଯାଇଛି। ପଂଚାୟତ ପକ୍ଷରୁ ଏହି ପ୍ରକଳ୍ପ ଚାଲିନଥିବାରୁ ଲୋକମାନେ କାହା ପାଖରେ ଅଭିଯୋଗ କରିବେ ତାହା ନିଜେ ନିଶ୍ଚିତ କରିପାରୁନାହାନ୍ତି।

ଏନେଇ କୋଲାବିରା ଗ୍ରାମ୍ୟ ଜଳଯୋଗାଣ ବିଭାଗର ଅଧିକାରୀ ରଞ୍ଜିତାବାଲା ଦାସଙ୍କୁ ପଚାରାଯାଇଥିବାବେଳେ ସେ କହିଛନ୍ତି ଯେ, ମେଗା ଜଳଯୋଗାଣ ପ୍ରକଳ୍ପରେ ବର୍ତ୍ତମାନ ପରୀକ୍ଷାମୂଳକ ଭାବେ ଜଳ ଯୋଗାଣ କରାଯାଉଛି। ଏପର୍ଯ୍ୟନ୍ତ କୋଲାବିରା ବ୍ଲକର ୬ଟି ଗ୍ରାମକୁ ମାତ୍ର ପାଣି ଯୋଗାଣ ସମ୍ଭବ ହୋଇପାରିଛି। ନିର୍ଗୁନଡିହିରେ କାହିଁକି ପାଣି ବନ୍ଦ ହୋଇଛି, ସେଥିପାଇଁ ତଦନ୍ତ କରାଯାଇ ଶୀଘ୍ର ସମାଧାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସମସ୍ୟାର ଶୀଘ୍ର ସମାଧାନ ଦାବି କରି ସ୍ଥାନୀୟ ଲୋକମାନେ ପ୍ରଶାସନଙ୍କ ନଜର ଆକର୍ଷଣ କରିଛନ୍ତି।

# ବାଇଜା ପଡା ଗ୍ରାମରେ ଜଳ ସଙ୍କଟ

କେନ୍ଦୁଝର, ୨୮/୦୪ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ବକ୍ସିବାରିଗାଁ ଗ୍ରାମ ପଂଚାୟତର ବାଇଜା ପଡା ଗ୍ରାମରେ ଗ୍ରୀଷ୍ମ ଋତୁ ଆସିଲେ ଜନସାଧାରଣ ଭୟଙ୍କର ପାଣି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ୧୦୦ରୁ ଅଧିକ ପରିବାର ରହୁଥିବା ସତ୍ତ୍ୱେ, ସେମାନଙ୍କ ପାଇଁ ମାତ୍ର ଦୁଇଟି ନଳକୂପ ଉପରେ ନିର୍ଭର କରିବାକୁ ପଡୁଛି। ତଳସାହିରେ ଥିବା ଗୋଟିଏ ନଳକୂପ ଗ୍ରୀଷ୍ମ ଦିନରେ ପାଣି ଯୋଗାଇବାରେ ପ୍ରାୟ ଅସମର୍ଥ ହୋଇଯାଏ। ଫଳରେ, ସମଗ୍ର ଗ୍ରାମର ଲୋକମାନେ ଗୋଟିଏ ମାତ୍ର ନଳକୂପ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ପାଣି ପାଇଁ ଦୀର୍ଘ ସମୟ ଧରି ଲାଇନ୍ ଲଗାଇବାକୁ ପଡୁଥିବାରୁ ବିଶେଷକରି ମହିଳାମାନଙ୍କ ମଧ୍ୟରେ ଅସନ୍ତୋଷ ଓ ଗଣ୍ଡଗୋଳ ଘଟୁଥିବା ଦେଖାଯାଉଛି। ଗ୍ରାମବାସୀମାନେ ପ୍ରତିବର୍ଷ ଏହି ସମସ୍ୟାକୁ ମୁହାଁ ଦେଉଥିବା ସତ୍ତ୍ୱେ, ତଳସାହିରେ ନୂତନ ନଳକୂପ ଖନନ ପାଇଁ ପଂଚାୟତରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ କୌଣସି ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ ହୋଇନାହିଁ। ସରକାର ପାନୀୟ ଜଳ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ, ସେଥିର ସଠିକ୍ ଲାଭ ଗ୍ରାମ ସ୍ତରରେ ପହଂଚୁ ନାହିଁ ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି, ୱାର୍ଡ ମେମ୍ବର କାମେଶ୍ୱର ନାଏକ ଓ ସ୍ଥାନୀୟ ଲୋକମାନେ ଜିଲ୍ଲା ପ୍ରଶାସନଙ୍କୁ ଶୀଘ୍ର ହସ୍ତକ୍ଷେପ କରି ବାଇଜା ପଡ଼ା ତଳସାହିରେ ଏକ ନୂତନ ନଳକୂପ ଖନନ କରିବାକୁ ଦାବି କରିଛନ୍ତି।

# ପୋଡ଼ି ଯାଉଛି ମୂଲ୍ୟବାନ ଗଛ: ପ୍ରଶାସନ ନିରବ

ନୂଆପଡ଼ା, ୨୭ ଏପ୍ରିଲ (ହି.ସ.)- ପ୍ରବଳ ଖରା ସହ ନିଆଁ ଲଗାଇ ଦେଉଥିବାରୁ ଗଛପତ୍ର ସବୁ ପୋଡ଼ି ଯାଉଛି। ଯାହାଦ୍ୱାରା ପରିବେଶ ଖରାପ ହେବା ସହ ତାପମାତ୍ରା ବୃଦ୍ଧି ପାଉଛି। ନୂଆପଡ଼ା ଜିଲ୍ଲା ସହ ଖଡ଼ିଆଳ ଅଞ୍ଚଳର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗୁଥିବାରୁ ଜଙ୍ଗଲ ବିଭାଗ ନିଆଁ ନ ଲଗାଇବା ପାଇଁ ଲୋକଙ୍କୁ ସଚେତନ କରୁଛି। କିନ୍ତୁ ଲୋକେ ଏବେ ମଧ୍ୟ ସଚେତନ ହୋଇ ପାରୁ ନାହାନ୍ତି। ଖାଲି ଜଙ୍ଗଲ ନୁହଁ ବିଲରେ ମଧ୍ୟ ନିଆଁ ଲଗାଇ ଦେଉଛନ୍ତି। ବିଶେଷ କରି ରାସ୍ତା ପାଖ ବିଲ ସବୁରେ ନିଆଁ ଲଗାଇଲେ ତାହା ରାସ୍ତା କଡ଼ରେ ଥିବା ଗଛ ସବୁରେ ଲାଗି ଯାଉଅଛି। ପ୍ରବଳ ଗରମ ସହ ନିଆଁ ତାପରେ ଗଛ ସବୁ ପୋଡ଼ି ଯାଉଛି। ଖଡ଼ିଆଳ ଠାରୁ ଯାଇଥିବା ଭବାନୀପାଟଣା ରାସ୍ତା, ନୂଆପଡ଼ା ରାସ୍ତା, ବୋଡ଼େନ ରାସ୍ତା, ସିନାପାଲି ରାସ୍ତା କଡ଼ରେ ଥିବା ଗଛ ସବୁ ପୋଡ଼ି ଯାଉଥିବାରୁ ଅସୁବିଧା ସୃଷ୍ଟି ହେଉଛି। ଖରା ଦିନେ ଲୋକେ ଗଛ ଛାଇରେ ଆଶ୍ରୟ ନିଅନ୍ତି କିନ୍ତୁ ଗଛ ସବୁ ପୋଡ଼ି ଯାଉଥିବାରୁ ପଥିକ ମାନେ ଆଶ୍ରୟ ନେଇ ପାରୁ ନାହାନ୍ତି। ନିଆଁ ପାଇଁ ତାପମାତ୍ରା ବୃଦ୍ଧି ପାଉଛି। ଏନେଇ ଖଡ଼ିଆଳ ଏସିଏଫ୍ ପ୍ରସନ୍ନଜିତ୍ ନାଏକ ପଚାରିବାରୁ ଲୋକଙ୍କୁ ଏନେଇ ସଚେତନ କରାଯାଉଛି ବୋଲି କହିଛନ୍ତି।

# ଯାତାୟତ ରାସ୍ତା ଅବରୋଧ କରିବା ଅଭିଯୋଗରେ ସପରିବାରଙ୍କ ଧାରଣା

ଭଦ୍ରକ, ୨୮/୦୪ (ନି.ପ୍ର): ପାରିବାରିକ ଯାତାୟତ ରାସ୍ତାକୁ ଅବରୋଧ କରି ନିଜ ନାମରେ ଦରଜ କରିବା ସହ ନିର୍ଯ୍ୟାତନା ଦେଉଥିବା ଅଭିଯୋଗରେ ଆଜି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସପରିବାର ଧାରଣା ଦେଇଥିଲେ। ଏ ସଂପର୍କରେ ଏହି ଜିଲାର ବାଂଶଡା ଥାନା ଅଧୀନସ୍ଥ ଗୋପିନାଥପୁର ଗ୍ରାମନିବାସୀ ଗୌରାଙ୍ଗ ଜେନା, ଦୁର୍ଯ୍ୟୋଧନ ଜେନା, ନାରାୟଣ ଜେନା, ସୁକାନ୍ତ ଜେନା, ବାବୁଲି ଜେନା, ସୁଶିଳା ଜେନା, ବୁଦ୍ଧିରାମ ଜେନା ଓ ମାଧୁରୀ ଜେନା ପ୍ରମୁଖ ଜିଲାପାଳଙ୍କୁ ଦେଇଥିବା ଅଭିଯୋଗ ପତ୍ର ମୂଳେ ଏହି ପରିବାରର ୫ ଅଂଶର ଅଂଶୀଦାରମାନେ ବିଗତ ୧୦ ଦଶନ୍ଧି ଧରି 'ସିକିମ୍' ପ୍ରଜା ଥିଲେ। ସାମନ୍ତ ଜମିଦାର ସ୍ୱର୍ଗତଃ ଉମାଚଣ୍ଡ ଓ ତାଙ୍କ ପୁତ୍ର ଅଭିରାମ ବାର୍ଷିକ ଖଜଣା ନେଉଥିଲେ। ଏବଂ ଉପରୋକ୍ତ ଅଂଶୀଦାରମାନେ ସମାନ ଖଜଣା ଦେଇ ନିଜ ନିଜର ଦଖଲ ମୁତାବକ ଘରଦ୍ୱାର କରି ବସବାସ କରିଆସୁଥିଲେ। ମାତ୍ର ଗତ ୨୦୨୪ ମସିହାରେ ସରକାରଙ୍କ ପ୍ରବର୍ତିତ ଆଇନ୍ ଅନୁସାରେ ସେମାନଙ୍କର ଦଖଲ ମୁତାବକ ସ୍ଥାୟୀ ପଟ୍ଟା ଦିଆଯାଇଥିଲା। ମାତ୍ର ସାମନ୍ତ ଜମିଦାର ଅଭିରାମ ଚଣ୍ଡଙ୍କ କୁପରାମର୍ଶ ଯୋଗୁଁ ସ୍ଥାନୀୟ ଚାନ୍ଦବାଲି ତହସିଲଦାର କ୍ଷେତ୍ରୀୟ ତଦନ୍ତ ନକରି ସ୍ୱର୍ଗତଃ ପୁରୀ ଜେନାଙ୍କ ଦୁଇପୁତ୍ର ହାଡି ଓ କୃଷ୍ଣ ଜେନାଙ୍କ ନାମରେ ସମସ୍ତ ଅଂଶୀଦାରମାନଙ୍କ ଯାତାୟତ ରାସ୍ତାକୁ ହାଲ ପ୍ଲଟ୍ ୨୦୩୦ କୁ ଘରବାରୀ ରୂପେ ସେମାନଙ୍କ ଅଗୋଚରରେ କରି ପଟ୍ଟା ପ୍ରଦାନ କରିଛନ୍ତି। ଫଳରେ ୩ ବର୍ଷ ଧରି ନିରଞ୍ଜନ ଜେନା, ଅନାଦି ଜେନା, ବବୁଲ ଜେନାଙ୍କ ପରିବାର ସ୍ଥାନୀୟ ଥାନା ଓ ଫାଣ୍ଡିରେ ଅଭିଯୋଗ ଦେଇ ବିଭିନ୍ନ ଭାବେ ନିର୍ଯ୍ୟାତନା ଦେଉଥିଲେ। ଅଭିରାମ ଚଣ୍ଡ ନିଜର ରାଜନୈତିକ ଉଦ୍ଦେଶ୍ୟ ପୂରଣ ନିମନ୍ତେ ନିରଞ୍ଜନ, ଅନାଦି ଓ ବବୁଲ ଅନ୍ୟମାନଙ୍କ ଦ୍ୱାରା ମାରାଣସ୍ତ୍ର ଭୟ ଦେଖାଇ ଚଳପ୍ରଚଳରେ ବାଧା ଉପୁଯାଇବା ସହ ଗତ ୩ ଦିନ ଧରି ଉକ୍ତ ଯାତାୟତ ପ୍ଲଟ୍‌ଟିରେ ବାଡ ବସାଇବାରୁ ନିଜ ବାସଗୃହକୁ ଯାଇନପାରି ଶ୍ମଶାନ ଭୂଇଁରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରାତ୍ରୀ ଯାପନ କରୁଛନ୍ତି। ଏଣୁ ଉକ୍ତ ଘଟଣାର ଏକ ନିରପେକ୍ଷ କ୍ଷେତ୍ରୀୟ ତଦନ୍ତ କରି ସେମାନଙ୍କ ଯାତାୟତ ପାଇଁ ରାସ୍ତା ପ୍ରଦାନ କରିବା ସହ ଉପରୋକ୍ତ ଅସାମାଜିକ ଲୋକଙ୍କ ହିଂସା ଜନିତ ଆକ୍ରମଣରୁ ରକ୍ଷା ପାଇବା ପାଇଁ ପ୍ରଶାସନକୁ ଅନୁରୋଧ କରିଛନ୍ତି। ଏହି ଘଟଣାରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ସମସ୍ତ ବିଷୟ ଅବଗତ ହୋଇ ସ୍ଥାନୀୟ ତହସିଲଦାରଙ୍କୁ ଅଭିଯୋଗର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# କେନାଲରେ ଖସି ପଡ଼ିଲା ହାତୀ

କେନ୍ଦୁଝର, ୨୮/୦୪ (ନି.ପ୍ର): କେନାଲରେ ଖସି ପଡ଼ିଲା ହାତୀ । କେନ୍ଦୁଝର ଜିଲ୍ଲା କେନ୍ଦୁଝର ବନଖଣ୍ଡ ଚମ୍ପୁଆ ରେଞ୍ଜ ମଙ୍ଗଳପୁର ଗାଁ ରେ ରାସ୍ତା ଅତିକ୍ରମ କରୁଥିବା ବେଳେ କାନପୁର କେନାଲରେ ଖସି ପଡ଼ିଲା ଏକ ହାତୀ । କିଛି ସମୟର ସଂଘର୍ଷ ପରେ ହାତୀ ନିଜେ ଉଠି ପୁଣି ହାତୀପଲ ସହ ଚାଲିଯାଇଛି ହାତୀ। ସୂଚନାଯୋଗ୍ୟ କି ବଡ଼ବିଲ ରେଞ୍ଜର ମୁର୍ଗା ଜଙ୍ଗଲରେ ଥିବା ଛବିଶ ଟିକିଆ ହାତୀପଲ ମଧ୍ୟରୁ ଗତରାତି ଦଶଟି ହାତୀ ଝାଡ଼ଖଣ୍ଡକୁ ଚାଲିଯାଇଥିବା ବେଳେ ଷୋହଳଟି ହାତୀ ଚମ୍ପୁଆ ରେଞ୍ଜକୁ ପଶି ଆସିଥିଲେ । ଏହି ଷୋହଳ ଟିକିଆ ହାତୀପଲ ଆଜି ମିରିଗିସିଙ୍ଗା ଜଂଗଲରେ ରହି ଆଜି ସନ୍ଧ୍ୟାରେ ଯାମୁଦଳକ ମଧ୍ୟ ଦେଇ ମଙ୍ଗଳପୁର ଗାଁ ରେ ପଶି ଆସିଥିଲେ। ତେବେ ଗ୍ରାମବାସୀ ସହ ବନ ବିଭାଗ ହାତୀପଲ ଙ୍କୁ ଘଉଡେଇବାକୁ ଚେଷ୍ଟା କରିଥିଲେ। ହାତୀ ପଲ ମଙ୍ଗଳପୁର ମଧ୍ୟ ଦେଇ ଜଡିପଦା ଯିବାବେଳେ ମଙ୍ଗଳ ପୁର ଗାଁ ମୁଣ୍ଡରେ ଥିବା କାନପୁର ଡ୍ୟାମ କେନାଲ ଅତିକ୍ରମ କରୁଥିବା ବେଳେ ଗୋଟିଏ ହାତୀ କେନାଲ ଭିତରେ ପଡିଯାଇଥିଲା । ତେବେ କିଛି ସମୟ ପରେ ନିଜେ ଚେଷ୍ଟାକରି ହାତୀଟି କେନାଲରୁ ବାହାରି ଅନ୍ୟ ହାତୀପଲଙ୍କ ସହ ଜଡିପଦା ଜଙ୍ଗଲକୁ ଚାଲିଯାଇଥିବା ନେଇ ସୂଚନା।

# ବୁଦ୍ଧ ବିହାର, ଗୋପାଳ ଗାଁରେ ଅଷ୍ଟ ପ୍ରହରୀ ନାମଯଜ୍ଞ ଉଦ୍‌ଯାପିତ



ବାଲେଶ୍ୱର, ୨୮/୦୪ (ନି.ପ୍ର): ବୁଦ୍ଧ ବିହାର କଲୋନୀ ଗୋପାଳ ଗାଁ,ବାଲେଶ୍ୱରରେ ଅଷ୍ଟ ପ୍ରହରୀ ନାମଯଜ୍ଞ ଏପ୍ରିଲ ମାସ ୧୯ ତାରିଖ ମଧ୍ୟ ରାତ୍ରିରୁ ଆରମ୍ଭ ହୋଇ ୨୧ ତାରିଖ ରେ ଉଦଯାପିତ ହୋଇ ଯାଇଛି।ଅକ୍ଷୟ ତୃତୀୟା ଦିନ ପ୍ରାୟ ଦୁଇହଜାର ରୁ ଅଧିକ ଭକ୍ତ ପ୍ରସାଦ ସେବନ କରିଥିଲେ।୨୧ ତାରିଖ ଦିନ ୧୦ ଘଟିକା ରେ ନାମଯଜ୍ଞ ସମାପ୍ତ ପରେ ଘଟ ବିସର୍ଜନ କରାଯାଇଥିଲା।ଏଇଦିନ ସନ୍ଧ୍ୟା ୭ ଟାରେ ଏକ ସାଂସ୍କୃତିକ କାର୍ଯ୍ୟ ଆରମ୍ଭ କରିବା କରାଯାଇ ଜୁନିଅର୍ ଗ୍ରୁପ୍ ରେ ପ୍ରଥମ ଶ୍ରେଣୀରୁ ଷଷ୍ଠ ଶ୍ରେଣୀ ଯାଏ ଓ ସିନିୟର ଗ୍ରୁପ ରେ ସପ୍ତମ ଶ୍ରେଣୀରୁ ଦ୍ୱାଦଶ ପର୍ଯ୍ୟନ୍ତ ପିଲାଙ୍କ ମଧ୍ୟରେ ଗୀତ ଓ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା।ସଭା ପ୍ରାରମ୍ଭରେ ଅଷ୍ଟ ପ୍ରହରୀ ନାମଯଜ୍ଞ କମିଟିର ସଭାପତି ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ରାଉଳ ,ସମ୍ପାଦକ ଶ୍ରୀଯୁକ୍ତ ଭାସ୍କର ଚନ୍ଦ୍ର ବାରିକ,ବିଶିଷ୍ଟ ଅତିଥି ଭାବେ ସମାଜ ସେବି,କମିଟିର ସଭ୍ୟ ଶ୍ରୀଯୁକ୍ତ ସର୍ବେଶ୍ୱର ମହାନ୍ତି,ସମାଜ ସେବୀ , ଆଡ଼ଭୋକେଟ ଶ୍ରୀଯୁକ୍ତ ଶାନ୍ତନୁ କୁମାର ଦାସ ଅଷ୍ଟ ପ୍ରହରୀ ର ଆଧ୍ୟାତ୍ମିକ ଦିଗ ଉପରେ ବିଶଦ ଆଲୋକପାତ କରି କଲୋନୀରେ ନାମଯଜ୍ଞ କରିବାର ଶୁଭ ଉଦ୍ଦେଶ୍ୟ କଣ ଆଦି ବଖାଣି ଥିଲେ। ଶ୍ରୀଯୁକ୍ତ ପ୍ରଦୀପ କୁମାର ମହାନ୍ତି ଧନ୍ୟ ବାଦ୍ ଅର୍ପଣ କରିଥିଲେ।ସଭା ପରେ ବିଶିଷ୍ଟ କଣ୍ଠ ଶିଳ୍ପୀ ସୁଶ୍ରୀ ଶ୍ୱେତାଲିସା ଶୁଭଦର୍ଶିନି ଙ୍କୁ 'ବୁଦ୍ଧ ବିହାର ଶ୍ରେଷ୍ଠ କଣ୍ଠ ଶିଳ୍ପୀ' ଭାବେ ସମ୍ବର୍ଦ୍ଧିତ କରାଯାଇ ମାନ ପତ୍ର ପ୍ରଦାନ କରାଯାଇଥିଲା। ପ୍ରତି ଯୋଗିତାରେ ବିଚାରକ ଭାବେ ଡ. ଦିଲ୍ଲୀପ କୁମାର ଦାସ, ସୁ ସାହିତ୍ୟିକା, ଦେବଯାନୀ ଦାସ , କଣ୍ଠ ଶିଳ୍ପୀ ଶ୍ୱେତା ଲିସା ଶୁଭ ଦର୍ଶିନି ଭୂମିକା ନିଭାଇଥିଲେ। ସମଗ୍ର ମଞ୍ଚକୁ ପରିଚାଳନା କରିଥିଲେ ଶିଶୁ ସାହିତ୍ୟିକ , ଗୀତିକାର, ନାଟ୍ୟକାର ଶ୍ରୀଯୁକ୍ତ ପୀତାମ୍ବର ଦାସ। ବୁଦ୍ଧ ବିହାରର ବହୁ ମହିଳା ସହିତ ଅନ୍ୟ ଗଣ୍ୟ ମାନ୍ୟ ଲୋକ ସହଯୋଗ କରିଥିଲେ।

# ପଚା ସଢା ପାଣିରେ ଚାଲିଛି ଶ୍ରୀ ବଳଦେବଜୀଉଙ୍କ ଚନ୍ଦନଯାତ୍ରା

କେନ୍ଦ୍ରାପଡ଼ା, ୨୮/୦୪ (ନି.ପ୍ର): କେନ୍ଦ୍ରାପଡାର ଆରାଧ୍ୟ ଦେବ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ପବିତ୍ର ଚନ୍ଦନଯାତ୍ରା ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଯାଇଛି। ଏହି ଯାତ୍ରା ଦୀର୍ଘ ୨୧ ଦିନ ପର୍ଯ୍ୟନ୍ତ ଚାଲିବ। ପ୍ରବଳ ଗ୍ରୀଷ୍ମ ଋତୁରେ ଦିଅଁ ମାନଙ୍କୁ ମାନବିକ ବିଚାର ରେ ଶୀତଳତା ପ୍ରଦାନ ପାଇଁ ଚନ୍ଦନ ପୋଖରୀ ରେ ଡଙ୍ଗାରେ ବସାଯାଇ ଚାପ ଖେଳ କରାଯିବାର ପରମ୍ପରା ବହୁ ପ୍ରାଚୀନ କାଳରୁ ପାଳନ କରାଯାଇ ଆସୁଛି। ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ଠାରୁ ପ୍ରାୟ ଅଧ କିମି ଦୂରରେ ଥିବା ନୂଆ ଚନ୍ଦନ ପୋଖରୀରେ ଏବେ ପାଳନ କରାଯାଉ ଥିବାବେଳେ ସେହି ଚନ୍ଦନ ପୋଖରୀ ର ପାଣିର ଅବସ୍ଥା କୌଣସି ନର୍ଦ୍ଦମା ଠାରୁ କମ ନୁହେଁ । ନୀଳ ରଙ୍ଗର ଆସ୍ତରଣ ପାଣି ଉପରେ ଥିବାବେଳେ ପାଣିକୁ ସୁଙ୍ଘିଲେ ଦୁର୍ଗନ୍ଧ ବାସନା ଓ ବ୍ୟବହାର ଅନୁପଯୋଗୀ ବୋଲି ସମସ୍ତେ କହୁଛନ୍ତି। ପଚା ସଢା ପାଣି ଯାହା ମଣିଷ ବ୍ୟବହାର ପାଇଁ ଅନୁପଯୋଗୀ ସେଥିରେ ଦିଅଁ ମାନଙ୍କ ଧାର୍ମିକ ରୀତି ପାଳନ କରା ଯାଉଥିବାରୁ ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ମନରେ ଦାରୁଣ ଆଘାତ ଲାଗିଛି। ଅନେକ ଭକ୍ତ ଏହାକୁ ପ୍ରତିବାଦ କରିଛନ୍ତି। ତେବେ ସେହି ଚନ୍ଦନ ପୋଖରୀର ଅବସ୍ଥା ଚନ୍ଦନ ଯାତ୍ରା ପୂର୍ବରୁ ସୁଧାରିବା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ଉଦ୍ୟମ କରାଯାଇ ନାହିଁ। ଅପର ପକ୍ଷରେ ଏହି ପୋଖରୀକୁ ବାର୍ଷିକ ୩୦ ହଜାର ଟଙ୍କାରେ ମାଛ ଚାଷ ପାଇଁ ନିଲାମ ଦିଆଯାଇଛି। ସର୍ତ୍ତ ଅନୁଯାଇ ନିଲାମ ଧାରୀ ଏହି ପୋଖରୀର ପରିଚାଳନା କରିବା ସହ ଜଳର ଶୁଦ୍ଧତା ଓ ଅନ୍ୟ ଆନୁସଙ୍ଗିକ ଦିଗ ପ୍ରତି ଆଦୌ ଦୃଷ୍ଟି ନଦେଇ ଚୁପ ହୋଇ ବସି ରହିଛି। ମାଛର ଆକାର ବୃଦ୍ଧି ପାଇଁ ରାସାୟନିକ ସାର ପ୍ରୟୋଗ କରାଯାଉଥିବା କେତେକ ବ୍ୟକ୍ତି ଅଭିଯୋଗ କରିଛନ୍ତି। ବର୍ତ୍ତମାନ ପୋଖରୀରେ ପ୍ରାୟ ୧୦ ଫୁଟ ଉଚ୍ଚର ପଙ୍କ ଭରି ଯାଇ ଥିବାରୁ ପାଣି ଅତ୍ୟନ୍ତ ଦୁର୍ଗନ୍ଧ ଓ ବ୍ୟବହାର ଅନୁପଯୋଗୀ ହୋଇ ପଡିଛି। ତଥାପି ଶ୍ରଦ୍ଧାଳୁ ଭକ୍ତମାନେ ଦିଅଁମାନଙ୍କ ଚନ୍ଦନଯାତ୍ରା ସମୟରେ ଧାର୍ମିକ ନୀତି ପାଳନ ପାଇଁ ଏହି ଜଳରେ ବୁଡ ପକାଇବା ଆଦି କରୁଥିବାରୁ ଚର୍ମରୋଗ ବ୍ୟାପିବାର ଆଶଙ୍କା ଦେଖା ଦେଲାଣି। ମନ୍ଦିର ପ୍ରଶାସନ ତୁରନ୍ତ ଏନେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ରାଜ୍ୟ ସ୍ତରୀୟ କରାଟେ ପ୍ରତିଯୋଗିତା ଉଦ୍‌ଯାପିତ

ଭୁବନେଶ୍ୱର, ୨୮/୦୪ (ନି.ପ୍ର): ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଗତ ୨୪ ତାରିଖରୁ ଚାଲିଥିବା ରାଜ୍ୟ ସ୍ତରୀୟ ୩୭ତମ ଜୁନିୟର, କ୍ୟାଡେଟ୍ ଏବଂ ୩୮ ତମ ସବ୍ ଜୁନିୟର କରାଟେ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ମୋଟ ୬୫୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ୫୮ଟି ସ୍ୱର୍ଣ୍ଣ ସହ ମୋଟ ୧୮୨ ପଦକ ସହ ଭୁବନେଶ୍ୱର ପ୍ରଥମ ସ୍ଥାନ,୯ଟି ସ୍ୱର୍ଣ୍ଣ ସହ ମୋଟ ୨୬ ପଦକ ସହ କୋରାପୁଟ ଜିଲ୍ଲା ଦ୍ୱିତୀୟ ସ୍ଥାନ ଓ ୮ଟି ସ୍ୱର୍ଣ୍ଣ ମୋଟ ୩୦ ପଦକ ସହ ବାଲେଶ୍ୱର ଜିଲ୍ଲା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶା କରାଟେ ସଂଘର ପୂର୍ବତନ ସଂପାଦକ ପ୍ରକାଶ ପଟ୍ଟନାୟକ, ଉପଦେଷ୍ଟା ସନକ ନାୟକ, ସଭ୍ୟ ହିମାଂଶୁ ଶେଖର ଦାସ ପ୍ରମୁଖ ପୁରସ୍କାର ବିତରଣ କରିଥିଲେ। ଓଡ଼ିଶା ରାଜ୍ୟ କରାଟେ ସଂଘର ସଭାପତି ଡକ୍ଟର ହରିପ୍ରସାଦ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ସଂପାଦକ ଡକ୍ଟର ଗୌରି ମହାନ୍ତି ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତା ପରିଚାଳନାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୩୫ ଜଣ ବିଚାରକ ଭାବରେ ଭାଗ ନେଇଥିଲେ। ଉତ୍କଳ କରାଟେ ସ୍କୁଲର କାର୍ଯ୍ୟକର୍ତ୍ତା ଅବିନାଶ ପୁନ୍ଦିର, ସଂଦିପ ଦାଶ, ସଂନ୍ତୋଷ ମହାରଣା , ଦିଲ୍ଲିପ ଜେନା, ସପନ ମିଶ୍ର, ରଜନୀ ବିଶି, ସଂଜୀବ ପୁଟେଲ୍ ଓ ସମସ୍ତ ସଭ୍ୟ ଉପରୋକ୍ତ ପ୍ରତିଯୋଗିତାକୁ ସଫଳତାର ସହ ପରିଚାଳନା କରିବାରେ ସହଯୋଗ କରିଥିଲେ। ସମସ୍ତ ବିଚାରକ ବୃନ୍ଦ ଓ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ପ୍ରକାଶଯୋଗ୍ୟ ଯେ ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ପ୍ରତିଯୋଗି ମାନେ "କରାଟେ ଇଣ୍ଡିଆ ଅର୍ଗାନାଇଜେସନ୍" ଦ୍ୱାରା ଆୟୋଜିତ ଜାତୀୟ କରାଟେ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

# ଉତ୍କଳ ସମ୍ମିଳନୀ ବାଲେଶ୍ୱର ଶାଖା ପକ୍ଷରୁ ମଧୁସୂଦନ ଦାସଙ୍କ ୧୭୯ତମ ଜୟନ୍ତୀ ପାଳିତ




ବାଲେଶ୍ୱର, ୨୮/୪ (ନି.ପ୍ର): ଉତ୍କଳ ସମ୍ମିଳନୀ ବାଲେଶ୍ୱର ଶାଖା ଆନୁକୂଲ୍ୟରେ ସଭାପତି ଦୀନବନ୍ଧୁ ଲେଙ୍କାଙ୍କ ପୌରୋହିତ୍ୟରେ ପୂର୍ବାହ୍ନ ୮ଟା ୩୦ମିନିଟ୍‌ରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୯ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅବସ୍ଥିତ ମଧୁସୂଦନ ଦାସ, ଗୋପବନ୍ଧୁ ଦାସ ଓ ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ଅଧ୍ୟକ୍ଷ ଡ. ଦୀନେଶ କୁମାର ଦାସ, ଶିକ୍ଷାବିତ୍ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର ଯଥାକ୍ରମେ ମୁଖ୍ୟଅତିଥି ଓ ବକ୍ତାଭାବେ ଯୋଗଦେଇ ପୁଷ୍ପମାଲ୍ୟାର୍ପଣ ସହ ଜୟନ୍ତୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟାନ୍ୟ ବକ୍ତାମାନଙ୍କ ମଧ୍ୟରେ ବାଲେଶ୍ୱର ଶାଖା ଉପସଭାପତି ଡ. କ୍ଷିତୀଶ୍ୱର ଦାଶ, ଡ. କାଳୀପଦ ପଣ୍ଡା, ଶିକ୍ଷାବିତ୍ ଶତ୍ରୁଘ୍ନ ମଲ୍ଲିକ୍, ଡ. ଅନିରୁଦ୍ଧ ବେହେରା, ସଭ୍ୟା ସ୍ନେହଲତା ଦାଶ ପତି ଅନ୍ତର୍ଭୁକ୍ତ ଥିଲେ। ତତ୍ପରେ ବାଲେଶ୍ୱର ଜିଲ୍ଲାସ୍କୁଲ୍ ପରିସରରେ ଥିବା ମଧୁସୂଦନ ଦାସ ଓ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପ୍ରଧାନଶିକ୍ଷକ ଆଦିକନ୍ଦ ରାଉତଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା। ସର୍ବଶେଷରେ ବାଲେଶ୍ୱର କଚେରୀ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ପୁଷ୍ପାର୍ଘ୍ୟ ପ୍ରଦାନ କରାଯାଇଥିଲା। ସଂଗଠନର ସଂପାଦକ ଉତ୍ପଳ ମହାନ୍ତି, ଯୁଗ୍ମ ସମ୍ପାଦକ ଦୀପ୍ତିକାନ୍ତ ମିଶ୍ର, ସଭ୍ୟ/ ସଭ୍ୟା ପ୍ରଫୁଲ୍ଲ କୁମାର ଦାସ, ରତ୍ନାକର ଦାସ, ରାଜେଶ ଗିରି, ହରେନ୍ ଚନ୍ଦ୍ର ରଣା, ରମେଶ ଚନ୍ଦ୍ର ଜେନା, ସୁଧାଂଶୁ ଦାସ, ବିଜୟ କୁମାର ବେହେରା, ଅଜିତ୍ କୁମାର ବରାଳ, ଅନୁସୂୟା ନାୟକ, କଲ୍ୟାଣୀ ନନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ନିରଞ୍ଜନ ପରିଡ଼ା, ସମାଜସେବୀ ଅରୁଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସଭ୍ୟ ଗୌରାଙ୍ଗ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଇନରହୁଇଲ ତରଫରୁ ଥଣ୍ଡା ପାନୀୟ ବଂଟନ କାର୍ଯ୍ୟକ୍ରମ

ଉଦଳା, ୨୮/୪ (ନି.ପ୍ର): ଉଦଳାରେ ଗଢ଼ି ଉଠିଥିବା କ୍ଲବ ଇନରହୁଇଲ ତରଫରୁ ପ୍ରତିବର୍ଷ ପରି ଚଳିତ ବର୍ଷ ବାଟୋଇ ମାନଙ୍କୁ ଥଣ୍ଡା ପାନିୟ ବଂଟନ କାର୍ଯ୍ୟକ୍ରମର ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଗ୍ରୀଷ୍ମ ପ୍ରବାହ ଯୋଗୁଁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ଇନରହୁଇଲ କ୍ଲବର ଏଭଳି ଏକ କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । କ୍ଲବର ସଭାପତି ଜୟନ୍ତି ପଟ୍ଟନାୟକଙ୍କ ନେତୃତ୍ୱରେ ବର୍ଷ ତମାମ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରକାର ସେବା ମୂଳକ କାମ ହାତକୁ ନିଆଯାଇଥାଏ । ଆଗାମୀ ଦିନରେ ଏହି ସେବାକୁ ଅଧିକ ବ୍ୟାପକ କରିବା ପାଇଁ କ୍ଲବ ତରଫରୁ ସମସ୍ତଙ୍କର ସହଯୋଗ କାମନା କରାଯାଇଛି । ତେବେ ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହରରେ ଥିବା ପଟ୍ଟନାୟକ ମୋଟର୍ସ ସବୁପ୍ରକାର ସହଯୋଗ କରିଥିବାରୁ କ୍ଲବ ତରଫରୁ କୃତଜ୍ଞତା ଜଣାଯାଇଛି ।

# ହାତିଆଡିହା ଶିବ ମୁନି ଯୋଗାଶ୍ରମର ୨୯ ତମ ବାର୍ଷିକ ଅଧିବେଶନ ପାଳନ ସହିତ ନୂତନ ପକ୍କା ଆଶ୍ରମ ଗୃହର ଗୃହ ପ୍ରବେଶ



ରୂପସା , ୨୮/୪ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ, ମୁନି ସମାଜର ପୂର୍ବତନ ପ୍ରାନ୍ତୀୟ ଅଧ୍ୟକ୍ଷ,ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଲେଖକ ଶ୍ରୀ ଶଶଧର ମୁନିଜୀଙ୍କ କରକମଳରେ ସତ୍ୟ ପତାକା ଉତ୍ତୋଳନ କରାଯାଇ,ମୁନି ସମାଜର ଜ୍ୟୋତି,ଜିଲ୍ଲା ଅଧ୍ୟକ୍ଷ, ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀଙ୍କ ଅଧ୍ୟକ୍ଷତାରେ,୨୯ ତମ ବାର୍ଷିକ ଅଧିବେଶନ ପାଳନ ଏବଂ ଗୃହ ପ୍ରବେଶ ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରଥମେ ସମୂହ ପ୍ରଣବ,ବେଦ ପାଠ ,ଶାନ୍ତି ପାଠ କରାଯାଇ ଥିଲା । ଶିବମୁନିଜୀଙ୍କ ଫଟୋଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ମୁନି ସଙ୍ଗୀତ ଗାନ କରିଥିଲେ, ଆଶ୍ରମର କଣ୍ଠଶିଳ୍ପୀ ଯୋଗ ଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା, ଶକୁନ୍ତଳା ପରିଡ଼ା,ମୁନି ଜଗଦୀଶ ପରିଡ଼ା ପ୍ରମୁଖ ।ମୁଖ୍ୟ ଅତିଥି ଥିଲେ ଲେଖକଶ୍ରୀ ଶଶଧର ମୁନି ।ମୁଖ୍ୟ ବକ୍ତା ଥିଲେ,ଆଶ୍ରମର ଆତ୍ମା ସଦୃଶ,ଉପଦେଷ୍ଟା,ଆତ୍ମଜ୍ଞାନୀ ମୁନି ରତ୍ନ ଯୋଗୀ ତ୍ରିଲୋଚନ ମୁନିଜୀ ମହୋଦୟ ।ବାଖରାବାଜ୍ ଆଶ୍ରମରୁ ଆତ୍ମଜ୍ଞାନୀ ଯୋଗୀ ଶଙ୍କର ପାଲ,ମୁନି ରାସ ବିହାରି ବାରିକ ପ୍ରମୁଖ ବହୁ ମୁନି ମୁନିମତୀ ମାନେ ଆସିଥିଲେ। ସାନଖୁଡି ଆଶ୍ରମରୁ ଆତ୍ମଜ୍ଞାନୀ ଯୋଗ ଶିକ୍ଷୟତ୍ରୀ ସୁବାସିନୀ ମହାନ୍ତୀ, ମୁନିରାଜ ଚନ୍ଦ୍ରମୋହନ ମହାନ୍ତି,ମୁନି ମତୀ ବାସନ୍ତୀ ବେହେରା,ମାଳତୀ ଗିରି, ମାଳତୀ ଲତା ଗିରି, ଗୀତାଞ୍ଜଳୀ ଭୂୟାଁ,ଅଥର୍ବ ଗିରି, କନକଲତା ମଲ୍ଲିକ ପ୍ରମୁଖ ବହୁ ମୁନି ମୁନି ମତୀମାନେ ଆସିଥିଲେ ।ଉପସ୍ଥିତ ଥିଲେ ଆଶ୍ରମର ଉପାଧ୍ୟକ୍ଷା କନକଲତା ମହାପାତ୍ର,ମୁନିରାଜ୍ଞୀ ବିମଳା ଲେଙ୍କା, ସୁମତୀ ଦଳାଇ, ଯମୁନା ପାତ୍ର, ସୁଷମା ପରିଡ଼ା, ମୁନିକୁମାରୀ ମିନତୀ ଦଳାଇ, ଆତ୍ମଜ୍ଞାନୀ ଯୋଗୀ ରାମଚନ୍ଦ୍ର ବେହେରା, ଯୋଗ ଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା,ମୁନି ରାଜ ଅମୂଲ୍ୟ ମୁନିଜୀ ମହୋଦୟ, ଗୋରହରି ବାରିକ ପ୍ରମୁଖ ଶତାଧିକ ମୁନି ମୁନି ମତୀମାନେ । ଆଶ୍ରମର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନିଜୀ ମହୋଦୟ ଆଶ୍ରମର ବିକାଶ ଉପରେ ନାତୀ ଦୀର୍ଘ ବୀବରଣୀ ମାନ ପ୍ରଦାନ କରିଥିଲେ । ଆଶ୍ରମର କୋଷାଧ୍ୟକ୍ଷ ଯୋଗୀ ଭିକାରି ଚରଣ ମୁନିଜୀ ମହୋଦୟ ବାର୍ଷିକ ବୀବରଣୀ ପାଠ କରିଥିଲେ ଏବଂ ଶେଷରେ ସମସ୍ତଙ୍କୁ ଧନ୍ୟବାଦ୍ ପ୍ରଦାନ କରିଥିଲେ ।

# ଜନପଦ ମୁହାଁ ବଣୁଆ ହାତୀ

ବାଲେଶ୍ୱର , ୨୮/୪ (ନି.ପ୍ର): ସଦର ବ୍ଲକ ଶାସଙ୍ଗ, ଗେଙ୍ଗୁଟି ପଞ୍ଚାୟତରେ ଛଅରୁ ଅଧିକ ବଣୁଆ ହାତୀଙ୍କ ଉପଦ୍ରବ୍ୟ ଦେଖାଯାଇଛି। ନୀଳଗିରି ବ୍ଲକ କୁଲଡିଆ ଅଭୟାରଣ୍ୟରୁ ପ୍ରଥମ ଥର ରେମୁଣାର ଟିଣା, ମଣ୍ଡଗାଁ, ଚାଉଳଛଡା, ବରୁଣସିଂ ଦେଇ ସଦର ବ୍ଲକ ଶାସଙ୍ଗ ଗେଙ୍ଗୁଟିରେ ଭଙ୍ଗା ରୁଜା କରିବା ସହ ସାମ୍ନାରେ ପଡିବା କିଛିଲୋକଙ୍କୁ ସାମାନ୍ୟ ଆଘାତ ମଧ୍ୟ କରିଥିବାର ଖବର ମିଳିଛି । ସ୍ଥାନୀୟ ବାସିନ୍ଦା କଣ୍ଡାବଣିଆ ଗ୍ରାମର କମଳଲୋଚନ ରାଉତ କୁହନ୍ତି ରାତି ସାଢେ ଛଅ ସାଢେ ଛଅ ହେବ ହୋଲା ହେବାରୁ ଯାଇ ଦେଖିବାରୁ ଛଅରୁ ଅଧିକ ବଣୁଆ ହାତି ପାଖ ଶାସଙ୍ଗ ଗାଁ ଭିତରେ ପଶି ଏପଟେ ସେପଟେ ଦୌଡୁଥିବାର ଦେଖିବାକୁ ପାଇଲୁ କିଛି ଆମ ପଞ୍ଚାୟତ ଗେଙ୍ଗୁଟିର ମୁହାଁ ହେଉଥିବାର ଦେଖିବାକୁ ମିଳିଲା। ଆମେ ସବୁ ଭୟ ଭିତ ଅଛୁ। କିଛି ଏବେ ସାରଙ୍ଗା ମୁହାଁ ହେଲେଣି। ଧାନ ଚାଷ ପାଇଁ ବ୍ୟାହୃତ ସୌର ବାଡ଼ ସେମାନଙ୍କ ଗତିପଥ ବଦଳାଇବାକୁ ଚେଷ୍ଟା କରୁଛନ୍ତି। ଜଙ୍ଗଲ ବିଭାଗ ସଜାଗ ଥିବା ବେଳେ ସ୍ଥାନୀୟ ଲୋକଙ୍କ ଭିଡ଼ ସମସ୍ୟା କରୁଛି ବୋଲି ଜଣେ ନିୟୋଜିତ ଜଙ୍ଗଲ ବିଭାଗର କର୍ମଚାରୀ ଜଣାଇ ଛନ୍ତି। ସମସ୍ତଙ୍କୁ ନିଜଘରେ ରହିବାକୁ ବିଭାଗ ତରଫରୁ ଜଣାଇ ଛନ୍ତି। ଗରମ ଦିନରେ ଜଙ୍ଗଲରେ ପାଣି ଖାଦ୍ୟର ସଙ୍କଟ, ଏହାଛଡା ବହୁଳ ମାତ୍ରାରେ ଜଙ୍ଗଲର ହ୍ରାସ, ସ୍ଥଳ ବିଶେଷରେ ଜଙ୍ଗଲରେ ନିଆଁ ସେମାନଙ୍କୁ ଜନପଦ ମୁହାଁ ହେବାକୁ ବିବେଶ ପଡୁଛି ବୋଲି ପରିବେଶ ପ୍ରେମୀ ସୁଧାକର ସେଠୀ ଜଣାଇଛନ୍ତି। ଜଙ୍ଗଲରୁ ଜନପଦ ମୁହାଁ ପଶୁପକ୍ଷୀ ହେବ ଶୁଭଙ୍କର ନୁହେଁ, ଯାହା ଜଣା ପଡୁଛି ଜଙ୍ଗଲ ଅସୁସ୍ଥ। ନିଶ୍ଚିତ ଭାବରେ ଆମ ପଡୋଶୀ କୁଲଡିଆ ଅଭୟାରଣ୍ୟ ଜଙ୍ଗଲ ବିକାଶ ଆବଶ୍ୟକ ବୋଲି ଶ୍ରୀ ସେଠୀ ଜଣାଇଛନ୍ତି।

## ବୃଦ୍ଧଙ୍କୁ ଗଳାକାଟି ହତ୍ୟା

ଜୟପୁର, ୨୮/୪ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ସଦର ଥାନା ଅଞ୍ଚଳ ରେ ବୃଦ୍ଧଙ୍କୁ ଗଳାକାଟି ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି । ଏପରି ଘଟଣାଟି ଜୟପୁର ସଦର ଥାନା ଅନ୍ତର୍ଗତ ଫାମ୍ପୁଣି ନିକଟସ୍ଥ କୁମୁଲିପୁଟ ଗ୍ରାମରେ ଘଟିଛି । ମୃତ ବୃଦ୍ଧ ଜଣକ ହେଲେ ରଘୁନାଥ ଗୌଡ (୬୦) । ସୁଚନା ଅନୁଯାଇ ଜୟପୁର ସଦର ଥାନା ଅନ୍ତର୍ଗତ ଫାମ୍ପୁଣି ନିକଟସ୍ଥ କୁମୁଲିପୁଟ ଗାଁ ନାଳ ଭିତରେ ରଘୁନାଥଙ୍କ ମୃତ ଦେହ ପଡିଥିଲା । ଯାହାକି ବେକରେ କ୍ଷତ ବିକ୍ଷତ ଚିହ୍ନ ରହିଛି। ଏହାକୁ ନେଇ ରଘୁ ନାଥଙ୍କ ପୁଅ ଭଗବାନ ଗୌଡ ଜୟପୁର ସଦର ଥାନା ରେ ଲିଖିତ ଅଭିଯୋଗ କରିଥିଲେ ।

## ସମାଜସେବୀଙ୍କ ବିୟୋଗରେ ଶୋକ

ବସ୍ତା, ୨୮/୪ (ନି.ପ୍ର): ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ପଣ୍ଡରୁଙ୍ଗି ଗ୍ରାମର ଅବସରପ୍ରାପ୍ତ ଶିକ୍ଷାବିତ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କର ସହଧର୍ମିଣୀ ସତ୍ୟବତୀ ମିଶ୍ର (୭୯)ବର୍ଷରେ ମୃତ୍ୟୁ ବରଣ କରିଛନ୍ତି । ସେଜଣେ ଧର୍ମପରାୟଣ ଭଗବତ ପ୍ରେମି ପରୋପକାରୀ ମହିଳା ଭାବେ ବେଶ ପରିଚିତଥିଲେ ।ହଠାତ ତାଙ୍କ ଦେହ ଅସୁସ୍ଥ ହେବାରୁ ଡାକ୍ତରଖାନାଙ୍କୁ ନେବା ଆଗରୁ ତାଙ୍କ ମୃତ୍ୟୁ ଘଟିଥିଲା ।ମୃତ୍ୟୁ ସମୟରେ ପୁତ୍ର ରମାକାନ୍ତ ପୁତ୍ରବଧୁ ପରିବାରଲୋକେ ଉପସ୍ଥିତଥିଲେ ।ଖବର ପ୍ରଚାରିତ ହେବାପରେ ଅଞ୍ଚଳର ବହୁ ମାନ୍ୟଗନ୍ୟ ବ୍ୟକ୍ତି ପଣ୍ଡିତ ଜୟକୃଷ୍ଣ ପଣ୍ଡା ପ୍ରଦୀପ ପଣ୍ଡା ପ୍ରଶାନ୍ତ ପଣ୍ଡା ସାମ୍ବାଦିକ ବିଜୟକୁମାରଭୂୟାଁ ସରପଞ୍ଚ ମମତାରାଣୀସିଟ. ଦେବେନ୍ଦ୍ର ବେହେରା ଯୁବନେତା ସୁଧାଂଶୁ ସେଖର ଯେନା. ସୃଷ୍ଟିଧରଯେନା ସମେତ ବହୁ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିବା ସହିତ ପରିବାରକୁ ସମବେଦନା ଦେଇଥିଲେ । ପୁତ୍ର ରମାକାନ୍ତ ମୁଖାଗ୍ନୀ ଦେଇଥିଲେ ।

# ହୋଟେଲ ସ୍ନେହାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ




ବାସୁଦେବପୁର, ୨୮/୪ (ନି.ପ୍ର): ବାସୁଦେବପୁର ସହରରେ ହୋଟେଲ ସ୍ନେହାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଲୁଙ୍ଗା ଗ୍ରାମ ପଞ୍ଚାୟତର ବ୍ୟକ୍ତିଗତ ଭୂ ସମ୍ପତ୍ତିକୁ ଲୁଂଗା ଶ୍ରୀଧର ଏକାଦଶୀ ହାଇସ୍କୁଲର ଦର୍ଶାଇ କିଛି ଲୋକ ବାସୁଦେବପୁର ତହସିଲ ଓ ଥାନାରେ ଗତ ତା ୨୫.୪.୨୦୨୬ ରିଖ ଦିନ ପ୍ରତିବାଦ କରିଥିଲେ। ଏହାର ଜବାବରେ ଲୁଙ୍ଗା ଗ୍ରାମ ପଞ୍ଚାୟତର ଅଧିବାସୀଙ୍କ ଅବଗତି ନିମନ୍ତେ ଜମିର ଉତ୍ତରାଧିକାରୀଙ୍କ ଏହି ଅବସରରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଶିକ୍ଷାବିତ୍ ଓ ସମାଜ ସେବୀ ମୃତ୍ୟୁଞ୍ଜୟ ନାୟକ, ଲୁଙ୍ଗା ପଞ୍ଚାୟତର ପୂର୍ବତନ ସରପଞ୍ଚ କାହ୍ନୁ ଚରଣ ମଲ୍ଲିକ, କୈଳାସ ଚନ୍ଦ୍ର ନାୟକ, ସୁବାସ ଚନ୍ଦ୍ର ନାୟକ, ଲକ୍ଷ୍ମୀକାନ୍ତ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ ଏବଂ ଜମି ସମସ୍ୟା ସମ୍ପର୍କରେ ଗଭୀର ଆଲୋଚନା କରିଥିଲେ। ଏହି ସମ୍ମିଳନୀର ଆବାହକ ଶ୍ରୀଯୁକ୍ତ ମୃତ୍ୟୁଞ୍ଜୟ ନାୟକ ଜମି ବାଡ଼ି ସମ୍ପର୍କିତ ବିଭିନ୍ନ ସମସ୍ୟା ଅବଗତ କରାଇ ଥିଲେ ତଥା ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ। ଶେଷରେ ଶ୍ରୀ ନାୟକ ସମସ୍ତ ସାମ୍ବାଦିକ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ

ଭଦ୍ରକ, ୨୮/୪ (ନି.ପ୍ର): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଭଦ୍ରକ ଜିଲ୍ଲା ପ୍ରଶାସନ , ଜିଲ୍ଲା ଉତ୍କଳ ସମ୍ମିଳନୀ, ଗାନ୍ଧୀ ବିଚାର ମଞ୍ଚ, ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଭଦ୍ରକରେ ଗମ୍ଭୀର ପରିବେଶରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ପାଳିତ ହୋଇଯାଇଏହି ଅବସରରେ ଭଦ୍ରକପୁରୁଣାକୋର୍ଟ କଚେରୀ ପ୍ରାଙ୍ଗଣରେ ସ୍ଥାପିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ଜଜ୍ ଶ୍ରୀ ଲଲା ଟେନ୍ଦୁ ଜେନା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ଦତ୍ତ, ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଶ୍ରୀ ପ୍ରଭାତ କୁମାର ରାଜଗୁରୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ମଧୁସ୍ମିତା ମହାପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀମତୀ ତନୁଜା ସିର୍କାଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ, ଆଇନଜୀବୀ, ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା, ବରିଷ୍ଠ ନାଗରିକ ସଂଘର ସଦସ୍ୟ ,ବରିଷ୍ଠ ନାଗରିକ ମହାସଂଘ ର ସମ୍ପାଦକ କୈଳାଶ ମହାପାତ୍ର, ଅମର ପାଣିଗ୍ରାହୀ, ମୁକ୍ତିକାନ୍ତ ମହାପାତ୍ର, ଦିଲ୍ଲୀପ ନାୟକ, ବାବୁଲାଲ ଦାସ ଗୌରାଙ୍ଗ ବାରିକ, ଓ ସାଧାରଣ ଜନସାଧାରଣ ଶ୍ରଦ୍ଧାଞ୍ଜଳି ଜଣାଇ ମଧୁବାବୁଙ୍କ ସ୍ମୃତିଚାରଣ କରି ଓଡ଼ିଶାର ସ୍ୱାଭିମାନ, ଶିକ୍ଷା ଓ ସମାଜ ସଂସ୍କାର କ୍ଷେତ୍ରରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

# ସେବା ଓ ସମାଜ ସଂସ୍କାରକ ସମ୍ମାନରେ ସମ୍ମାନିତ ହେଲେ ତ୍ରିଲୋଚନ ଓ ସୁମିତ୍ରା

ଭଦ୍ରକ, ୨୮/୪ (ନି.ପ୍ର): ବିଭିନ୍ନ ସମୟରେ ସେବା କାର୍ଯ୍ୟ କରି ସମାଜ ର ସମସ୍ତ ମହଲ ରୁ ଉଚ୍ଚ ପ୍ରଶଂସିତ ହୋଇଥିବା। ସମାଜସେବୀ ତ୍ରିଲୋଚନ ଓ ତାଙ୍କ ଧର୍ମପତ୍ନୀ ସୁମିତ୍ରା ଙ୍କୁ ସେବା ଓ ସମାଜ ସଂସ୍କାରକ ସମ୍ମାନ ରେ ସମ୍ମାନୀତ କରାଯାଇଛି। ଆପଣ ମାନେ ଜାଣିଥିବେ ବୃକ୍ଷ ରୋପଣ, କମ୍ବଳ ବଣ୍ଟନ, ଜଳଛତ୍ର , ରକ୍ତଦାନ, ସବୁବେଳେ ସାମାଜିକ କାର୍ଯ୍ୟକ୍ରମ ରେ ବ୍ୟସ୍ତ ରହୁଥିବା ତଥା ଯକ୍ଷ୍ମା ରୋଗ ର ନିରାକରଣ ପାଇଁ ସଚେତନତା ବାର୍ତ୍ତା ନେଇ ସାଇକେଲ ରେ ଭାରତ ଭ୍ରମଣ କରିଥିବା ତ୍ରିଲୋଚନ ମହାଲିକ ଓ ତାଙ୍କ ଧର୍ମପତ୍ନୀ ସୁମିତ୍ରା ମହାଲିକ ଙ୍କୁ ନବଜୀବନ ଫାଉଣ୍ଡେସନ ତରଫରୁ ସେବା ଓ ସମାଜ ସଂସ୍କାରକ ସମ୍ମାନ ରେ ସମ୍ମାନୀତ କରାଯାଇଛି। ତେବେ ନବଜୀବନ ଫାଉଣ୍ଡେସନ ଓଡ଼ିଶା ତରଫରୁ ହୃଦାନନ୍ଦ କଲ୍ୟାଣ ମଣ୍ଡପ , ହସନାବାଦ୍ , ଧୁଷୁରି ଠାରେ ଅନୁଷ୍ଠିତ ନବମ ବାର୍ଷିକ ଉତ୍ସବ ରେ ଉଭୟ ନବ ଦମ୍ପତି ଙ୍କୁ ସେବା ଓ ସମାଜ ସଂସ୍କାରକ ସମ୍ମାନ ରେ ସମ୍ମାନୀତ କରାଯାଇଥିଲା। ସମାଜ ରେ ଥିବା କୁସଂସ୍କାର ଓ କୁ ରିତି କୁ ହଟାଇବା ସହ। ସମାଜ ପରିବର୍ତ୍ତନ ପାଇଁ ଏମିତି ଦୃଢ଼ ନିଷ୍ପତ୍ତି ଆବଶ୍ୟକ ବୋଲି ଆୟୋଜକ ମଣ୍ଡଳୀ ଆଲୋଚନା କରିବା ସହ ଉଭୟ ନବ ଦମ୍ପତି ଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ସ୍ୱାମୀ ବସୁପ୍ରଦାନନ୍ଦ ଜୀ ମହାରାଜ, ସାମ୍ବାଦିକ ତଥା ଟିଭି ଉପସ୍ଥାପକ ଭବାନୀ ଶଙ୍କର ମହାପାତ୍ର, ସାମ୍ବାଦିକ ତଥା ସ୍ତମ୍ଭକାର ସତୀଶ ମିଶ୍ର, ଓଡ଼ିଶା ସରକାର ଙ୍କ ଉଚ୍ଚ ଶିକ୍ଷା ମନ୍ତ୍ରୀ ଙ୍କ ପ୍ରତନିଧି ଅଶୋକ ପୁହାନ, ଓଡ଼ିଶା ପ୍ରଦେଶ କଂଗ୍ରେସ ର ସାଧାରଣ ସମ୍ପାଦିକା ମଧୁମିତା ସେଠୀ, ନବଜୀବନ ଫାଉଣ୍ଡେସନ ଓଡ଼ିଶା ର ମୁଖ୍ୟ ମାନସ ରଞ୍ଜନ ସାହୁ ପ୍ରମୁଖ ମାନ୍ୟ ଗଣ୍ୟ ବ୍ୟକ୍ତି ଅତିଥି ଭାବେ ଯୋଗଦାନ କରି ତ୍ରିଲୋଚନ ଓ ତାଙ୍କ ଧର୍ମପତ୍ନୀ ସୁମିତ୍ରା ଙ୍କୁ ସେବା ଓ ସମାଜ ସଂସ୍କାରକ ସମ୍ମାନ ରେ ସମ୍ମାନୀତ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ସାରା ରାଜ୍ୟରେ ପାଳନ...

ମନେ ପକାଇଛନ୍ତି ମଧୁବାବୁ କେମିତି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଉ କିମ୍ବା ଓଡ଼ିଶାର ଅସ୍ମିତା ଜଗନ୍ନାଥ ମହାପ୍ରଭୁଙ୍କ ପରମ୍ପରାର ସୁରକ୍ଷା ପାଇଁ ଲଢ଼େଇର କଥା। ବିଜେପି, ବିଜେଡି, କଂଗ୍ରେସ, ଓଡ଼ିଶା ନାଗରିକ ମଞ୍ଚର ବରିଷ୍ଠ ନେତୃତ୍ୱଙ୍କ ସମେତ ବହୁ ସଂଗଠନର କର୍ମକର୍ତ୍ତା ଭୁବନେଶ୍ୱର ରାଜଭବନ ସମ୍ମୁଖରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେଇ ଓଡ଼ିଆ ଜାତି ପାଇଁ ମଧୁବାବୁଙ୍କ ଅବଦାନକୁ ମନେ ପକାଇଛନ୍ତି। ଓଡ଼ିଆ ଜାତିର ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି ହୋଇଥିବା ସମୟରେ ମଧୁବାବୁ ଚଟାଣ ଭଳି ସାମନାରେ ଛିଡା ହୋଇଥିଲେ। ପ୍ରଥମ ଓଡ଼ିଆ ଭାବେ ବିଦେଶ ଯାଇ ପାଠ ପଢିଥଲେ ବି ରାଜ୍ୟ ତଥା ଦେଶ ବାହାରେ ନିଜକୁ ପ୍ରତିଷ୍ଠିତ କରିବାର ସବୁ ସୁଯୋଗକୁ ଏଡାଇ ନିଜ ଜନ୍ମଭୂମିକୁ କର୍ମକ୍ଷେତ୍ର କରିବାର ସଂକଳ୍ପ ନେଇ ଓଡ଼ିଶା ଫେରି ଆସିଥିଲେ। ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନର ବିନ୍ଧାଣି ସାଜିଥିଲେ। ହେଲେ, ରାଜ୍ୟରେ କଂଗ୍ରେସ, ବିଜେଡି, ବିଜେପି ସବୁ ଦଳ କ୍ଷମତାରେ ରହି ସାରିଥିଲେ ବି କାହାର ମଧୁବାବୁଙ୍କ କଥା ମନେ ପଡିନି। କେବଳ ଜୟନ୍ତୀ ଓ ପୁଣ୍ୟତିଥି ପାଳନରେ ସୀମିତ ରହିଯାଇଛି ଉତ୍କଳ ଗୌରବଙ୍କ ପ୍ରତି ଏ ଜାତିର ଋଣ ପରିଶୋଧ। କିନ୍ତୁ ଏବେ ଦଳମତ ନିର୍ବିଶେଷରେ ମଧୁବାବୁଙ୍କୁ ଭାରତରତ୍ନ ଦେବାକୁ ଦାବି ଉଠିଛି।

## ଦୋଷ ସ୍ୱୀକାର କଲାନି ...

ନିଜର ମୃତ ଭଉଣୀର ଗଳିତ ଶବକୁ ମାଟିତଳୁ ଖୋଳି କାନ୍ଧରେ ବୋହିବୋହି ବ୍ୟାଙ୍କକୁ ଆଣିବାକୁ ବାଧ୍ୟ ହୋଇଥିଲେ, ଆଜି ସେହି କର୍ମଚାରୀମାନଙ୍କୁ କ୍ଲିନଚିଟ୍ ଦେଇଛନ୍ତି ସମ୍ପୃକ୍ତ ବ୍ୟାଙ୍କ କର୍ତ୍ତୃପକ୍ଷ। ଆଉ ଏହା ହିଁ ଆମ ବ୍ୟବସ୍ଥାରେ ଥିବା ଅମାନବିକ ଚେହେରାର ନିଷ୍ଠୁର ପ୍ରତିଫଳନ ବୋଲି ପୁଣିଥରେ ପ୍ରମାଣିତ ହୋଇଛି। ନିଜର ନିରକ୍ଷରତା ପାଇଁ ହେଉ ଅବା ସଚେତନତା ଅଭାବରୁ ହେଉ ଅବାପୁଣି ବ୍ୟବସ୍ଥା ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ ଥିବା ଆଦିବାସୀ ଜିତୁ ମୁଣ୍ଡାଙ୍କୁ ତାଙ୍କ ମୃତ ଭଉଣୀର ଆକାଉଣ୍ଟରେ ଥିବା ଟଙ୍କାକୁ ଫେରି ପାଇବା ନିମନ୍ତେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର କର୍ମଚାରୀମାନେ ଯେଉଁ ସମ୍ବେଦନହୀନତା ଦେଖାଇଥିଲେ, ଆଜି ସେହି ବ୍ୟାଙ୍କର ପ୍ରାୟୋଜକ ବ୍ୟାଙ୍କ 'ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ' କର୍ତ୍ତୃପକ୍ଷଙ୍କ ସ୍ପଷ୍ଟୀକରଣ ମଧ୍ୟ ବ୍ୟବସ୍ଥା ପ୍ରତି ଉପହାସ ସଦୃଶ ହୋଇଛି। ମୃତ ଭଉଣୀର କଙ୍କାଳ ଧରି ବ୍ୟାଙ୍କକୁ ଜିତୁ ମୁଣ୍ଡା ଆସିବାର ଅଭାବନୀୟ ଘଟଣାକୁ ନେଇ ଚାରିଆଡ଼େ ଆଲୋଡ଼ନ ସୃଷ୍ଟି ହୋଇଥିବାବେଳେ ବ୍ୟାଙ୍କ କର୍ତ୍ତୃପକ୍ଷ ନିଜର ଦୋଷ ସ୍ୱୀକାର କରିନାହାନ୍ତି। ଓଲଟା ଜିତୁ ମୁଣ୍ଡାଙ୍କ ବ୍ୟକ୍ତିଗତ ଓ ନିଶାସକ୍ତ ଆଚରଣ ସମେତ ଡେଥ୍ ସାର୍ଟଫିକେଟ୍ ନଥିବା ଏବଂ ବ୍ୟାଙ୍କିଙ୍ଗ ନିୟମ ଓ ସଚେତନତାର ଅଭାବକୁ ଦାୟୀ କରିଛନ୍ତି। ଗଣମାଧ୍ୟମରେ ପ୍ରକାଶିତ ଖବର ସଂପୂର୍ଣ୍ଣ ସତ୍ୟ ନୁହେଁ ଓ କୌଣସି ବି ପରିସ୍ଥିତିରେ ଜଣେ ମୃତ ଗ୍ରାହକଙ୍କୁ ବ୍ୟାଙ୍କକୁ ଆଣିବା ପାଇଁ ବାଧ୍ୟ କରାଯାଇ ନଥିଲା। ଜିତୁ ମୁଣ୍ଡା ନିଶାସକ୍ତ ଅବସ୍ଥାରେ ଗଣ୍ଡଗୋଳ କରିଥିଲେ ଓ ମୃତଦେହର ଅବଶେଷକୁ ବ୍ୟାଙ୍କ ସମ୍ମୁଖରେ ରଖି ତାହା ତାଙ୍କ ଭଉଣୀର ବୋଲି ଦାବି କରି ଟଙ୍କା ଉଠାଇବାକୁ ଜିଦ୍ ଧରିଥିଲେ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ନିଜର ସ୍ପଷ୍ଟୀକରଣରେ ଉଲ୍ଲେଖ କରିଛନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଏଭଳି ସ୍ପଷ୍ଟୀକରଣ ହିଁ ଡିଜିଟାଲ ଯୁଗରେ ଆମ ବ୍ୟବସ୍ଥାରେ ଥିବା ଅମାନବିକତା ଚେହେରାର ପ୍ରତିଫଳନ ବୋଲି ଚର୍ଚ୍ଚା ହେଉଛି । ଏପଟେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ଘଟଣାକୁ ନେଇ ଗଭୀର ଉଦବେଗ ବ୍ୟକ୍ତ କରିଛନ୍ତି । ଏହି ଘଟଣା ସହ ଜଡ଼ିତ ଅଧିକାରୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଶ୍ରୀ ପୂଜାରୀ କହିଛନ୍ତି ଯେ, ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏହି ଦୁଃଖଦ ଦୃଶ୍ୟ ଦେଖିବା ପରେ ସେ ଅତ୍ୟନ୍ତ ମର୍ମାହତ। ଏହା ସମ୍ବେଦନହୀନତାର ଏକ ଚରମ ଉଦାହରଣ ଓ ଦାନ ମାଝୀ ଘଟଣାର ପୁନରାବୃତ୍ତି ସଦୃଶ। ଜଣେ ଗରିବ ଆଦିବାସୀ ବ୍ୟକ୍ତି ନିଜ ଭଉଣୀର ଗଳିତ ମୃତଦେହ(କଙ୍କାଳ)କୁ ଟଙ୍କା ଉଠାଇବା ପାଇଁ ଆସିବା ଅତ୍ୟନ୍ତ ନିନ୍ଦନୀୟ। ଯେଉଁ ଅଧିକାରୀମାନେ ଏଭଳି ଅମାନବୀୟ ବ୍ୟବହାର ପ୍ରଦର୍ଶନ କରିଛନ୍ତି ସେମାନଙ୍କର ପଦବୀରେ ରହିବାର ନୈତିକ ଅଧିକାର ନାହିଁ। ଏ ସମ୍ପର୍କରେ ସେ ନିଜେ ଜିଲ୍ଲାପାଳ ଓ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। କେନ୍ଦୁଝର ଜିଲ୍ଲାପାଳଙ୍କୁ ରିପୋର୍ଟ ମଗାଯାଇଛି ଓ ରିପୋର୍ଟ ଆସିବା ପରେ ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଯାହା ସମଗ୍ର ସମାଜ ପାଇଁ ଏକ ଚେତାବନୀ ହେବ ବୋଲି ସେ ସତର୍କ କରାଇ ଦେଇଛନ୍ତି। ଭବିଷ୍ୟତରେ କୌଣସି ଜାତୀୟକରଣ ବ୍ୟାଙ୍କ କିମ୍ବା ସରକାରୀ ଅଫିସରେ ଯଦି କେହି ଏଭଳି ଦୁର୍ବ୍ୟବହାର ଓ ଅମାନବିକ ଆଚରଣ କରନ୍ତି ତାହା କଦାପି ସହ୍ୟ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରି ଦେଇଛନ୍ତି।

## ବନ୍ଦ ହେବା ଦ୍ୱାରରେ...

ତେବେ ବିମାନ କମ୍ପାନିଗୁଡ଼ିକ କେତେକ ପଦକ୍ଷେପ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି । ପଶ୍ଚିମ ଏସିଆରେ ଉତ୍ତେଜନା ମଧ୍ୟରେ ବିଶ୍ୱବ୍ୟାପୀ ଅଶୋଧିତ ତୈଳ ମୂଲ୍ୟର ବଢ଼ିବା ଯୋଗୁଁ ଏଟିଏଫ୍ ମୂଲ୍ୟରେ ବୃଦ୍ଧି ଚିନ୍ତାର କାରଣ ପାଲଟିଛି। ଗତ କିଛି ସପ୍ତାହ ମଧ୍ୟରେ ଏହା ପ୍ରତି କିଲୋଲିଟରରେ ୨ ଲକ୍ଷ ଟଙ୍କା ଅତିକ୍ରମ କରିଛି । ଶିଳ୍ପ ସଂଗଠନ ଅନୁଯାୟୀ, ଇନ୍ଧନ, ଯାହା ସାଧାରଣତଃ ବିମାନ ଖର୍ଚ୍ଚର ପ୍ରାୟ ୩୦-୪୦% ହୋଇଥାଏ, ବର୍ତ୍ତମାନ ପରିଚାଳନା ଖର୍ଚ୍ଚର ୫୫-୬୦% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏହି ପରିବର୍ତ୍ତନ ଲାଭ ସ୍ତରକୁ ଯଥେଷ୍ଟ ସଙ୍କୁଚିତ କରିଛି। ଚିଠିରେ, ଏଫ୍‌ଆଇଏ ଦର୍ଶାଇଛି ଯେ, ବିମାନ କମ୍ପାନିଗୁଡ଼ିକ ବୃଦ୍ଧିର ଭରଣା କରିବା ପାଇଁ ସଂଘର୍ଷ କରୁଛନ୍ତି, ବିଶେଷକରି ଅନ୍ତର୍ଜାତୀୟ ରୁଟ୍‌ରେ ଇନ୍ଧନ ମୂଲ୍ୟ ଅଧିକ ରହିଛି। ଶିଳ୍ପ ସଂଗଠନ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛି। ଏହା ସରକାରଙ୍କୁ ଏଟିଏଫ୍ ଉପରେ ୧୧% ଉତ୍ପାଦ ଶୁଳ୍କକୁ ଅସ୍ଥାୟୀ ଭାବରେ ପ୍ରତ୍ୟାହାର କରିବାକୁ ଏବଂ ରାଜ୍ୟସ୍ତରୀୟ ଭାଟ୍ ହ୍ରାସ ପାଇଁ ଅନୁରୋଧ କରିଛି, ଯାହା କିଛି ସ୍ଥାନରେ ୨୫% ପର୍ଯ୍ୟନ୍ତ ଯାଇପାରେ। ବିମାନ କମ୍ପାନିଗୁଡ଼ିକ ମଧ୍ୟ ଜେଟ୍ ଇନ୍ଧନ ପାଇଁ ଏକ ଅଧିକ ପୂର୍ବାନୁମାନଯୋଗ୍ୟ ମୂଲ୍ୟ ନିର୍ଦ୍ଧାରଣ ବ୍ୟବସ୍ଥା ଫେରାଇ ଆଣିବାକୁ ଆହ୍ୱାନ କରିଛନ୍ତି, ଯୁକ୍ତି ଦେଇଛନ୍ତି ଯେ ବିଶୋଧନ ମାର୍ଜିନରେ ଅସ୍ଥିରତା କିମ୍ବା କ୍ରାକ୍ ସ୍ପ୍ରେଡ୍, ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଇଲେ ଏଟିଏଫ୍ ମୂଲ୍ୟରେ ବୃଦ୍ଧି ହେଉଛି। ଅଶୋଧିତ ତେଲ ଏବଂ ଜେଟ୍ ଇନ୍ଧନ ମୂଲ୍ୟ ମଧ୍ୟରେ ଏହି ଅସମାନତା ଏକ ପ୍ରମୁଖ ଚିନ୍ତାର ବିଷୟ ପାଲଟିଛି । ଏୟାରଲାଇନ୍ସମାନେ ସରକାରଙ୍କୁ କହିଛନ୍ତି ଯେ ଅଶୋଧିତ ତୈଳ କମ୍ ଥିବା ସମୟରେ ମଧ୍ୟ ଏଟିଏଫ୍ ମୂଲ୍ୟ ଉଚ୍ଚ ରହିଥାଏ, ଯାହା ଆର୍ଥିକ ଚାପକୁ ବୃଦ୍ଧି କରିଥାଏ। ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ବିଶ୍ୱବ୍ୟାପୀ ତୈଳ ମୂଲ୍ୟକୁ ବୃଦ୍ଧି କରିଛି, ହର୍ମୁଜ୍ ପ୍ରଣାଳୀ ଭଳି ଯୋଗାଣ ମାର୍ଗ ସମ୍ପର୍କରେ ଚିନ୍ତା ଅନିଶ୍ଚିତତାକୁ ବଢାଇ ଦେଇଛି।

# ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ପକ୍ଷରୁ ମଧୁବାବୁଙ୍କ ୧୭୯ ତମ ଜୟନ୍ତୀ ପାଳିତ



ଜଳେଶ୍ୱର, ୨୮/୪ (ନି.ପ୍ର): ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ପକ୍ଷରୁ ମଧୁବାବୁଙ୍କ ୧୭୯ ତମ ଜୟନ୍ତୀ ପିଏମଶ୍ରୀ ଜଳେଶ୍ୱର ହାଇସ୍କୁଲ ପରିସରରେ ପୂର୍ବାହ୍ନରେ ପାଳିତ ହୋଇ ଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖାର ସଭାପତି ତଥା ବରିଷ୍ଠ ସମାଜସେବୀ କମଳ କୁମାର ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଉତ୍କଳ ସମ୍ମିଳନୀର ସମ୍ପାଦକ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁନିଲ କୁମାର ନାୟକ, ସମ୍ମାନୀତ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ଲଳିତ ରଞ୍ଜନ ସେନାପତି, ପ୍ରାକ୍ତନ ଅଧ୍ୟକ୍ଷ ଜିତାରାମ ଦେ, ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ରମାକାନ୍ତ ଭଞ୍ଜ ଓ ପ୍ରାକ୍ତନ ଅଧ୍ୟକ୍ଷ ସୁଧିର କୁମାର କର, ପିଏମଶ୍ରୀ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୂର୍ଯ୍ୟକାନ୍ତ ଜେନା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଡକ୍ଟର ଅଜିତ କୁମାର ମହାନ୍ତି, କଟକ ଉଚ୍ଚ ନ୍ୟାୟଳୟର ବରିଷ୍ଠ ଆଇନଜୀବି ରାମଚନ୍ଦ୍ର ଜେନା, ବରିଷ୍ଠ ସମାଜସେବୀ ଦିଲ୍ଲୀପ କୁମାର ଗିରି, ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, କୋଷାଧ୍ୟକ୍ଷ ରବିନ୍ଦ୍ର ନାଥ ବାରିକ ପ୍ରମୁଖ ଅତିଥି ମାନେ ଉପସ୍ଥିତ ରହି ମଧୁବାବୁଙ୍କ ଜୀବନି ବାବଦରେ ବକ୍ତବ୍ୟ ରଖିଥିଲେ ।ସଭା ପ୍ରାରମ୍ଭରେ ସ୍ୱାଗତ ସଙ୍ଗୀତ ସହକାରୀ ଶିକ୍ଷୟତ୍ରୀ ସୁଶ୍ରୀ ସବିତା ପାଠୀଙ୍କ ସହିତ ପିଲାମାନେ ଗାନ କରିଥିବା ବେଳେ ସହକାରୀ ଶିକ୍ଷକ ରାଧାଗୋବିନ୍ଦ ଜେନା ଓ ସହକାରୀ ଶିକ୍ଷୟତ୍ରୀ ସୁଶ୍ରୀ ସବିତା ପାଠୀ ମିଳିତ ଭାବେ ମଞ୍ଚ ଆହ୍ୱାନ କରିଥିଲେ ।ଶେଷରେ ଆଇନଜୀବି ଅଶୋକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।ପରେ ୨୦ ଜଣ ପିଲାଙ୍କ ମଧ୍ୟରେ ମଧୁବାବୁଙ୍କ ଜୀବନି ବାବଦରେ ବକ୍ତୃତା ପ୍ରତିଯୋଗିତା ହୋଇ ସେମାନଙ୍କ ମଧ୍ୟରୁ ନବମ ଶ୍ରେଣୀ ଛାତ୍ରୀ ନମିତା ଦାସ ପ୍ରଥମ, ସପ୍ତମ ଶ୍ରେଣୀ ଛାତ୍ରୀ ଅଭିଲିପ୍ସା ସାହୁ ଦ୍ୱିତୀୟ, ଷଷ୍ଠ ଶ୍ରେଣୀ ଛାତ୍ରୀ ଦିବ୍ୟାଶା ପାଠୀ ତୃତୀୟ ସ୍ଥାନ ଗ୍ରହଣ କରି ସେମାନଙ୍କୁ ପୁରସ୍କାର ସହିତ ମଧୁବାବୁ ଜୀବନୀ ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରା ଯାଇଥିବା ବେଳେ ଅନ୍ୟ ୧୭ ଜଣ ପ୍ରତିଯୋଗୀଙ୍କୁ ମଧୁବାବୁ ଜୀବନୀ ପୁସ୍ତକ ପ୍ରଦାନ କରା ଯାଇଥିଲା ।ଉକ୍ତ ପ୍ରତିଯୋଗିତାରେ ପ୍ରାକ୍ତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କପିଳେଶ୍ୱର ମହାନ୍ତି, ପ୍ରାକ୍ତନ ଗୋଷ୍ଠୀ ଶିକ୍ଷଧିକାରୀ ବନମାଳୀ ଧଳ ଓ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରାଣକୃଷ୍ଣ ଗିରି ପ୍ରମୁଖ ବିଚାରକ ଭାବେ ଉପସ୍ଥିତ ରହି ଚୟନ କରିଥିଲେ ।ପ୍ରଥମେ ସକାଳ ୮ ଘଟିକା ସମୟରେ ଜଳେଶ୍ୱର ପୁରୁଣା କୋର୍ଟ ପାଖରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ସମୂହ ମାଲ୍ୟାର୍ପଣ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ପ୍ରମୁଖ ସହଯୋଗ କରିଥିଲେ ।

ବୁଧବାର, ଏପ୍ରିଲ ୨୯, ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର

ଖୋର୍ଦ୍ଧା , ୨୮/୪ (ନି.ପ୍ର):ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଏବଂ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଓଡ଼ିଆ ଭାଷା ପ୍ରତିଷ୍ଠାନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ନେଇ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଶ୍ରୀ ଜ୍ୟୋତି ଶଙ୍କର ସାହୁ ଓ ସଭାପତି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ଉଭୟ ପ୍ରଶିକ୍ଷଣ ଶିବିର କୁ ଉଦଘାଟନ କରି ନିଜ ଉଦବୋଧନରେ କହିଲେ ଯେ ପ୍ରଶାସନରେ ଓଡ଼ିଆ ଭାଷା ପ୍ରୟୋଗ ଦ୍ୱାରା ସମସ୍ତଙ୍କୁ ସେବା ଦେଇହେବ । ସେହି ପରି ମୁଖ୍ୟ ଅତିଥି ଓଡ଼ିଆ ଭାଷା ବ୍ୟବହାର ଦ୍ୱାରା ଆମେ ତୃଣ ମୂଳ ସ୍ତରରେ ସେବାଦେଇ ବିକଶିତ ଗ୍ରାମ, ବିକଶିତ ଗ୍ରାମ ପଞ୍ଚାୟତ, ବିକଶିତ ସମାଜ, ବିକଶିତ ଓଡ଼ିଶା ଓ ବିକଶିତ ରାଷ୍ଟ୍ର ନିର୍ମାଣ ନିମନ୍ତେ ଓଡିଆ ଭାଷାରେ ସମସ୍ତେ କାର୍ଯ୍ୟାଳୟର ନଥିପତ୍ର କାର୍ଯ୍ୟ ଶତପ୍ରତିଶତ ନିର୍ବାହ ପାଇଁ ଆହ୍ୱାନ ଦେଇଥିଲେ । ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ପ୍ରଶିକ୍ଷକ ଭାବେ ଡ଼ଃ ସନ୍ତୋଷ କୁମାର ରଥ, ଶ୍ରୀ ସୁରେନ୍ଦ୍ର ମୋହନ ଦାସ,ଶ୍ରୀ ବୈଷ୍ଣବ ଚରଣ ମହାନ୍ତି, ପ୍ରଫେସର ରମେଶ ଚନ୍ଦ୍ର ମଲ୍ଲିକ, ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ ଏବଂ ସ୍ୱତନ୍ତ୍ର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଓଡ଼ିଆ ଭାଷା ପ୍ରତିଷ୍ଠାନ ଡ଼ଃ ସିଦ୍ଧାର୍ଥ ଶଙ୍କର ପାଢ଼ୀ ସରକାରୀ ନଥି ପତ୍ର,ଚିଠି ଆଦି କାର୍ଯ୍ୟ ସମ୍ପାଦନରେ ଓଡ଼ିଆ ଭାଷାର ପ୍ରୟୋଗ ସମ୍ବନ୍ଧରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଉକ୍ତ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଆସନ୍ତା କାଲି ଶେଷ ହେବ । ପ୍ରଶିକ୍ଷଣ ଶିବିରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମସ୍ତ ଅଧିକାରୀ ଏବଂ କର୍ମଚାରୀ, ଜିଲ୍ଲା ପରିଷଦ ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଏବଂ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀ ମାନେ ପ୍ରଶିକ୍ଷଣ ଆଜି ନେଇଥିବା ବେଳେ ଆସନ୍ତା କାଲି ମଧ୍ୟ ପ୍ରଶିକ୍ଷଣ ନେବେ । ଏହି ପ୍ରଶିକ୍ଷଣ ଶିବିର ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ଓ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ର କର୍ମଚାରୀ ମାନେ ସହଯୋଗ କରିଥିଲେ।

## ଅଗ୍ନିବିପନ୍ନ ପରିବାରବର୍ଗଙ୍କୁ ଭେଟିଲେ ବିଧାୟକ ଓ ପୂର୍ବତନ ବିଧାୟକ



ନୀଳଗିରି , ୨୮/୪ (ନି.ପ୍ର): ନୀଳଗିରି ଥାନା ଅଧୀନ ଭାଲୁକାଶୁଣୀ ଗ୍ରାମର ସ୍ୱର୍ଗତ ରବୀନ୍ଦ୍ର ସିଂଙ୍କ ପତ୍ନୀ ବୀଣାପାଣି ଓ ପୁଅ ଆଲନ ସିଂଙ୍କ ଘରେ ସୋମବାର ମଧ୍ୟାହ୍ନ ସମୟରେ ହଠାତ୍ ନିଆଁ ଲାଗିଯାଇଥିଲା । ପୁଅ ଆଲାନ ପରିବାର ସହ ଖାଉଥିବା ସମୟରେ ହଠାତ ଚାଳରୁ ଧୂଆଁ ବାହାରୁଥିବା ଦେଖି ପଡୋଶୀ ଅବଗତ କରିଥିଲେ ।ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ ନିଆଁର ପ୍ରକୋପ ଅତ୍ୟଧିକ ଥିବା କାରଣରୁ ନିଆଁକୁ ସ୍ଥାନୀୟ ଲୋକେ ଆୟତ୍ତ କରିପାରିନଥିଲେ । ଖବରପାଇ ନୀଳଗିରି ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତକରିବା ବେଳକୁ ଚାରିବଖରା ଘର ଓ ଲକ୍ଷାଧିକ ଟଙ୍କାର ଆସବାପତ୍ର ପୋଡିଜଳି ପାଉଁଶ ହୋଇଯାଇଥିଲା ।ନିଆଁର କାରଣ ସ୍ପଷ୍ଟ ହୋଇନଥିବା ବେଳେ ସରକାରୀ ସହାୟତା ଯୋଗାଇ ଦେବାକୁ ପରିବାରବର୍ଗ ଅନୁରୋଧ କରିଥିଲେ । ଆଜି ସକାଳେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ଅଗ୍ନିବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ସହାୟତା ପ୍ରଦାନ କରିଥିବା ବେଳେ ଯଥାଶୀଘ୍ର ସରକାରୀ ନିୟମ ଅନୁଯାୟୀ ସହାୟତାରାଶି ଏବଂ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇଦେବା ପାଇଁ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଅନୁରୂପ ଭାବେ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ବିଜେଡ଼ି ଲୋକସଭା ପ୍ରାର୍ଥୀନୀ ତଥା ବରିଷ୍ଠନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର, ଗଙ୍ଗାଧର ମିଶ୍ର, ଉପେନ୍ଦ୍ର ନାୟକ, କୃଷ୍ଣଚନ୍ଦ୍ର ବାଗ, ନାରାୟଣ ବେହେରା, ରବୀନ୍ଦ୍ର ମହାଳିକ ପ୍ରମୁଖ ବିପନ୍ନ ପରିବାରକୁ ଭେଟି ସହାନୁଭୂତି ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଥିବା ଜଣାଯାଇଛି ।

## ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ଦ୍ୱାରା ଏରସାମା, ଜଗତସିଂହପୁରରେ ଛାତ୍ରଛାତ୍ରୀଙ୍କ ସୁରକ୍ଷିତ ପାଠଶାଳା ଓ ଯାତାୟାତ ପାଇଁ ପାୱାରବୋଟ ଉଦ୍ଘାଟନ

ଭୁବନେଶ୍ୱର, ୨୭/୪ (ନି.ପ୍ର): ଛାତ୍ରଛାତ୍ରୀଙ୍କ ସୁରକ୍ଷା ଏବଂ ସମୁଦାୟ ଯାତାୟାତ ସୁବିଧାକୁ ବଢ଼ାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ଆଜି ଜଗତସିଂହପୁର ଜିଲ୍ଲାର ଏରସାମା ବ୍ଲକ ଅନ୍ତର୍ଗତ ଦାହିବରା ଘାଟରେ ୨୪-ଆସନ ବିଶିଷ୍ଟ ପାୱାରବୋଟ ଉଦ୍ଘାଟନ କରିଛି । ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଧୋବେଇ ଜଙ୍ଗଲ ରେଭେନ୍ୟୁ ଭିଲେଜ୍ ଅନ୍ତର୍ଗତ ଜାପା ଗ୍ରାମ ପଞ୍ଚାୟତର ଝାଟିପାରି ଏବଂ ଦାହିପାରି ଗ୍ରାମର ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଓ ନିର୍ଭରଯୋଗ୍ୟ ଯାତାୟାତ ସୁବିଧା ପ୍ରଦାନ କରିବା । ଏହି ଛାତ୍ରଛାତ୍ରୀମାନେ ପ୍ରତିଦିନ ଅମ୍ବିକି ଗ୍ରାମ ପଞ୍ଚାୟତରେ ଅବସ୍ଥିତ ଅମ୍ବିକି ହାଇସ୍କୁଲ ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାତ୍ରା କରନ୍ତି । ଦୀର୍ଘଦିନ ଧରି, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକମାନେ ହାନସୁଆ ନଦୀ ପାର ହେବା ପାଇଁ ଅସୁରକ୍ଷିତ ଦେଶୀ ଡୁଙ୍ଗାରୁ ନିର୍ଭର କରୁଥିଲେ, ଯେଉଁଥିରେ କୌଣସି ସୁରକ୍ଷା ବ୍ୟବସ୍ଥା ନଥିଲା । ଏହି ଦୈନିକ ଯାତ୍ରା କେବଳ ଛାତ୍ରଛାତ୍ରୀଙ୍କ ପାଇଁ ନୁହେଁ, ସାଧାରଣ ଲୋକମାନେ ଯେଉଁମାନେ ଦୁଇଚକା ଯାନ ନେଇ ନଦୀ ପାର କରୁଥିଲେ, ସେମାନଙ୍କ ପାଇଁ ମଧ୍ୟ ବଡ଼ ଝୁମ୍ପ ହେଉଥିଲା । ନୂତନ ୨୪-ଆସନ ବିଶିଷ୍ଟ ପାୱାରବୋଟଟି ସୁରକ୍ଷା ମାନକ ଅନୁସାରେ ତିଆରି ହୋଇଛି ଏବଂ ଜୀବନରକ୍ଷା ଜାକେଟ୍ (ଲାଇଫ୍ ଜାକେଟ୍) ସହିତ ସଜିତ । ଏହା ଏହି ଝୁମ୍ପକୁ ଦୂର କରିବା ସହ ଅଧିକ ସୁବିଧାଜନକ ଏବଂ ନିର୍ଭରଯୋଗ୍ୟ ଯାତାୟାତ ବ୍ୟବସ୍ଥା ଯୋଗାଇବ । ଏହା ଛାତ୍ରଛାତ୍ରୀଙ୍କ ସହ ଏକାଧିକ ସ୍ଥାନୀୟ ଲୋକଙ୍କୁ ଲାଭାନ୍ୱିତ



କରିବ । ଏହି କାର୍ଯ୍ୟକ୍ରମର ଉଦ୍ଘାଟନ ଜଗତସିଂହପୁର ଜିଲ୍ଲାପାଳ ଓ ଜିଲ୍ଲା ମେଜିଷ୍ଟ୍ରେଟ୍ ଶ୍ରୀ ଜେ. ସୋନାଲ, ଆଇଏଏସଙ୍କ ଦ୍ୱାରା କରାଯାଇଥିଲା । ଏହାରେ ଶ୍ରୀ ଅକ୍ଷୟ ପିଲ୍ଲାୟ, ଆଇଏଏସ (ଚିଫ୍ ଡିଭେଲପମେଣ୍ଟ ଅଫିସର-କମ୍-ଏକ୍ସିକ୍ୟୁଟିଭ ଅଫିସର, ଜିଲ୍ଲା ପରିଷଦ), ଶ୍ରୀ ଅଙ୍କିତ କୁମାର ୱର୍ମା, ଓପିଏସ (ପୁଲିସ ସୁପରିଣ୍ଟେଣ୍ଡେଣ୍ଟ, ଜଗତସିଂହପୁର) , ଶ୍ରୀ ଦାସରଥୀ ଜେନା, ଓଏଏସ (ବ୍ଲକ ଡିଭେଲପମେଣ୍ଟ ଅଫିସର, ଏରସାମା), ଶ୍ରୀ ମନୋଜ ସିଂହ (ଭାଇସ୍ ପ୍ରେସିଡେଣ୍ଟ,ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍, ପାରାଦୀପ), ଶ୍ରୀମତୀ ବିଦୁଲତା ରାଉତ (ସରପଞ୍ଚ, ଜାପା ଗ୍ରାମ ପଞ୍ଚାୟତ) ଓ ଶ୍ରୀ ଅଭିଜିତ ମହାନ୍ତି (ଲୋକେସନ୍ ହେଡ୍, ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍, ପାରାଦୀପ) ସହ ଧୋବେଇ ଜଙ୍ଗଲ ଗ୍ରାମର ବହୁ ସଂଖ୍ୟକ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ । ସ୍ଥାନୀୟ ଲୋକମାନେ ଏହି ପଦକ୍ଷେପକୁ ହୃଦୟପୂର୍ବକ ସ୍ୱାଗତ କରିଥିବା ସହ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ପ୍ରତି ଦୀର୍ଘଦିନର ସମସ୍ୟାର ସମାଧାନ କରିଥିବା ପାଇଁ କୃତଜ୍ଞତା ଜଣାଇଛନ୍ତି । ଏହି ପ୍ରୟାସ ଗ୍ରାମୀଣ ଅଞ୍ଚଳରେ ଶିକ୍ଷା ପ୍ରାପ୍ତି ପାଇଁ ସୁରକ୍ଷିତ ପାଇପାଇଁ ଆବଶ୍ୟକ ଢାଞ୍ଚାର ଗୁରୁତ୍ୱକୁ ଉଦ୍ଘାଟିତ କରିଥାଏ ଏବଂ ସମୂହିକ ପ୍ରୟାସ ଦ୍ୱାରା କିପରି ମୂଳସ୍ତରରେ ପରିବର୍ତ୍ତନ ଆଣାଯାଇପାରେ, ତାହାର ଏକ ଉଦାହରଣ ସୃଷ୍ଟି କରିଛି ।

## ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ଇନୋଭେସନ୍ ଓ ଷ୍ଟାଟ୍ଅପ୍ ପ୍ରୋଗ୍ରାମ ଉଦ୍ୟାପିତ




ଭଦ୍ରକ, ୨୮/୪ (ନି.ପ୍ର): ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ଇନୋଭେସନ୍ ଓ ଷ୍ଟାଟଅପ୍ ପ୍ରୋଗ୍ରାମ୍‌ର ଉଦ୍ୟାପନ ସମାରୋହ ଅଧ୍ୟକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ସମାରୋହରେ ମୁଖ୍ୟ ଅତିଥିଭାବେ ସମାଜସେବୀ ତଥା ଫେଲୋସିପ୍‌ର ସଭାପତି ଶ୍ରୀଯୁକ୍ତ ଲଲାଟେନ୍ଦୁ ମହାନ୍ତି, ମୁଖ୍ୟବକ୍ତା ପଣ୍ଡିତ ଦୈତ୍ୟାରି ମହାପାତ୍ର, ବିଶିଷ୍ଟ ଅତିଥି ଶିକ୍ଷାବିତ୍ ଡ଼ଃ ପ୍ରଭାତ କୁମାର ମହାନ୍ତି ଓ ସମ୍ମାନିତ ଅତିଥି ପ୍ରାକ୍ତନ ଅଧ୍ୟକ୍ଷ ଡ଼ଃ କୃପାସିନ୍ଧୁ ନାୟକ ପ୍ରମୁଖ ଯୋଗଦେଇ ଇନୋଭେସନ୍ ଓ ଷ୍ଟାଟ୍ ଅପ୍ ପ୍ରୋଗ୍ରାମ୍‌ର ଆଭିମୁଖ୍ୟ ପ୍ରଦାନ କରିବା ସଂଗେ ସଂଗେ କିପରି ଛାତ୍ରସମାଜ ଆତ୍ମନିର୍ଭରଶୀଳ ହୋଇପାରିବ ଉକ୍ତ ବିଷୟରେ ଅତିଥିମାନେ ପୃଥକ ପୃଥକ ବକ୍ତବ୍ୟମାନ ରଖିଥିଲେ । ପ୍ରୋଗ୍ରାମର ସଂଯୋଜକ ଅଧ୍ୟାପକ ଶୁକଦେବ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲା ବେଳେ ପଣ୍ଡିତ ମଧୁସୂଦନ ତ୍ରିପାଠୀ ବେଦପାଠ କରିଥିଲେ । ମୁଖ୍ୟ ଅତିଥି ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସର୍ବଶ୍ରୀ ଅଧ୍ୟାପିକା ସ୍ୱର୍ଣ୍ଣଲତା ପାକଳ, ଗୌରାଙ୍ଗ ଦାସ ଓ ଆଶୁତୋଷ ସିଂ ପ୍ରମୁଖ ମଞ୍ଚ ପରିଚାଳନା କରିଥିବା ବେଳେ ଶ୍ରୀ ଅକ୍ଷୟ କୁମାର ପାଣିଗ୍ରାହୀ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜେପି ବାଲେଶ୍ୱର ସାଂଗଠନିକ ଜିଲ୍ଲା ପକ୍ଷରୁ ଜନ ଆକ୍ରୋଶ ମହିଳା ସମାବେଶ




ବାଲେଶ୍ୱର, ୨୮/୪ (ନି.ପ୍ର): ଆଜି ବାଲେଶ୍ୱର ମିଶନ ପଡ଼ିଆରେ ବାଲେଶ୍ୱର ସଦର, ରେମୁଣା, ନୀଳଗିରି, ସୋର ଓ ସିମୁଳିଆ ବିଧାନସଭା କ୍ଷେତ୍ରକୁ ନେଇ ବାଲେଶ୍ୱର ସାଂଗଠନିକ ଜିଲ୍ଲା ବିଜେପି ପକ୍ଷରୁ ଜନ ଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି, ଗତ ଏପ୍ରିଲ ମାସ ୧୬,୧୭ ଓ ୧୮ ତାରିଖରେ ଲୋକସଭାରେ ସ୍ୱତନ୍ତ୍ର ଅଧିବେଶନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ନାରୀ ଶକ୍ତି ବନ୍ଦନ ଅଧିନିୟମ ବିଲ୍ ଆଗତ ହୋଇଥିବା ବେଳେ ଏନ୍ ଡି ଏ ସପକ୍ଷ ରେ ୨୯୮ ଭୋଟ ମିଳିଥିବା ବେଳେ ବିଲ୍ ବିରୋଧ ରେ ୨୩୦ ଭୋଟ ମିଳିଥିଲା, ଦୁଇ ତୃତୟାଂଶ ସପକ୍ଷ ଭୋଟ ନପାଇବାରୁ ଏହି ବିଲ୍ ପାରିତ ହୋଇ ପାରିନଥିଲା । ଗତ ୧୫ ତାରିଖରେ ବାଲେଶ୍ୱରରେ ମହିଳା ରାଲି, ପ୍ରେସ୍ ମିଟ ଭଳି ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଆଜି ଉକ୍ତ ସଭା ଆୟୋଜନ କରାଯାଇଥିଲା ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଷମା ରାଣୀ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ । ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତାଙ୍କ ଉଦବୋଧନରେ ବିରୋଧୀ କଂଗ୍ରେସ ଓ ବିଜେଡି କଟୁ ଭାଷାରେ ସମାଲୋଚନା କରିଥିଲେ ସେ ତାଙ୍କ ବକ୍ତବ୍ୟରେ ବିଜେଡିକୁ କହିଲେ କି ଯେଉଁ ଦଳ ସରକାର ଥିବା ସମୟରେ କୁମ୍ଭୀର କାନ୍ଦଣା କାନ୍ଦୁଥିଲେ ସେମାନେ ଆଜି ଏହି ବିଲକୁ ସଂସଦରେ ବିରୋଧ କରିବା ନାରୀ ମାନଙ୍କ ପ୍ରତି ଅପମାନ ବୋଲି କହିଥିଲେ । ଆଗାମୀ ସ୍ଥାନୀୟ ନିର୍ବାଚନରେ ଏହି ନାରୀ ବିରୋଧୀ ଦଳମାନଙ୍କୁ ଉପଯୁକ୍ତ ଜବାବ ଦେବାକୁ ଆହ୍ୱାନ ଦେଇଥିଲେ । ଆଗାମୀ ଦିନରେ ମଣ୍ଡଳ ସ୍ତରରେ ଏହି ଜନ ଆକ୍ରୋଶ ମହିଳା ସମାବେଶ କରାଯିବ ବୋଲି ସେ ତାଙ୍କ ବକ୍ତବ୍ୟ କହିଥିଲେ ଓ ଏହାକୁ ସଫଳ କରିବା ପାଇଁ ମହିଳାମାନଙ୍କୁ ପ୍ରେରିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ସଦର ବିଧାୟକ ମାନସ ଦତ୍ତ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ତଥା ରେମୁଣା ସଂଯାଯୋକ ସିପ୍ରା ରେଖା ମହାପାତ୍ର, ରାଜ୍ୟ ଉପ ସଭାପତି ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ତଥା ସାଂଗଠନିକ ସଂଯୋଜକ ମମତା ମହାପାତ୍ର, ଜିଲ୍ଲା ଉପ ସଭାପତି ତଥା ସିମୁଳିଆ ସଂଯୋଜକ ଭାରତୀ ମଲ୍ଲିକ୍, ଜିଲ୍ଲା ସମ୍ପାଦିକା ତଥା ସୋର ସଂଯୋଜକ ସୁଭଦ୍ରା ପାଢ଼ୀ ନଗର ସଭାନେତ୍ରୀ ସଦର ସଯୋଜକ ସୁସ୍ମିତା ପଣ୍ଡା, ନୀଳଗିରି ସଂଯୋଜକ ନିବେଦିତା ପଣ୍ଡା ପ୍ରମୁଖ ନିଜ ନିଜର ମତ ରଖିଥିଲେ ଓ ବିରୋଧୀ ଦଳଙ୍କ ନାରୀ ବିରୋଧୀ ଆଚରଣରେ କ୍ଷୋଭ ପ୍ରକାଶ କରିଥିଲେ । ପରିଶେଷରେ ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ସମାରୋପ ବ୍ୟକ୍ତବ୍ୟ ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ପେଟ୍ରୋଲପମ୍ପ ମାଲିକଙ୍କ ପୋଖରୀରେ ପଡ଼ି ମୃତ୍ୟୁ: ଅଞ୍ଚଳରେ ଶୋକର ଛାୟା

ନୀଳଗିରି, ୨୮/୪ (ନି.ପ୍ର): ନୀଳଗିରି ଏନଏସି ୭ନଂ ୱାର୍ଡର ବିଶିଷ୍ଟ ବ୍ୟବସାୟୀ ତଥା ବାଲିଗୋହିରି ସ୍ଥିତ ସତ୍ୟସାଇ ପେଟ୍ରୋଲପମ୍ପର ମାଲିକ ନିରଞ୍ଜନ ମହାପାତ୍ର ଓରଫ୍ ବାବୁଲା ନନାଙ୍କ ୬୬ବର୍ଷ ବୟସରେ ପୋଖରୀ ରେ ପଡ଼ି ମୃତ୍ୟୁ ଘଟିଛି । ତାଙ୍କ ମୃତ୍ୟୁ ଖବର ଶୁଣିବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଏହି ଅବସରରେ ପେଟ୍ରୋଲପମ୍ପ ବନ୍ଦ ରହିଥିଲା । ସୂଚନା ଅନୁଯାୟୀ ବାଲିଗୋହିରି ଗ୍ରାମର ନିରଞ୍ଜନ ମହାପାତ୍ର ଓରଫ୍ ବାବୁଲା ନନା ମଙ୍ଗଳବାର ଦିନ ପ୍ରାୟ ସାଢ଼େ ବାରଟା ସମୟରେ ନିଜ ପୋଖରୀରେ ଖଡା ପକାଉଥିବା ବେଳେ ହଠାତ୍ ପୋଖରୀ ଭିତରକୁ ପଡ଼ିଯାଇଥିଲେ । ଫେରିବାରେ ବିଳମ୍ବହେବାରୁ ପତ୍ନୀ ସୁମିତ ଏବଂ ପୁଅ ଜନ୍ମେଜୟ ଓରଫ ଲୁଲୁ ଖୋଜାଖୋଜି ପୋଖରୀରୁ ଉଦ୍ଧାର କରି ନୀଳଗିରି ମେଡ଼ିକାଲକୁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କର ଗୋଟାଏ ପୁଅ ଓ ଗୋଟିଏ ଝିଅ ଥିବା ବେଳେ ମରଶରୀର ନିକଟରେ ବନ୍ଧୁ, ପରିଜନ, ପୋଢ଼ଶି, ଝିଅ, ଜ୍ୱାଇଁ, ନାତିନାତୁଣୀ ମାନେ ଉପସ୍ଥିତ ଥିଲେ । ତାଙ୍କର ବାଲିଗୋହିରୀ ଠାରେ ଗୋଟିଏ ପେଟ୍ରୋଲପମ୍ପ ଥିବାବେଳେ ବାଇପାସ ଠାରେ ହିରୋ ମଟରସାଇକେଲ ସୋରୁମ୍ ଅଛି । ମରଶରୀରକୁ ନୀଳଗିରି ବଜାର ପରିକ୍ରମା କରାଯିବାପରେ ଘରବାଡିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ପୁଅ ଜନ୍ମେଜୟ ମୁଖାଗ୍ନି ଦେଇଥିଲେ ।

## ମହିଳା ସଂରକ୍ଷଣ ବିଲର ବିରୋଧକୁ ବିଜେପି ନାରୀନେତ୍ରୀଙ୍କ ତୀବ୍ର ନିନ୍ଦା




ବାରିପଦା, ୨୮/୪ (ନି.ପ୍ର): ନିକଟରେ ଦେଶର ସଂସଦରେ ମହିଳା ସଂରକ୍ଷଣ ବିଲ (ନାରୀ ଶକ୍ତି ବନ୍ଦନ ଅଧିନିୟମ-୨୦୨୬)କୁ ଇଣ୍ଡି-ମେଣ୍ଟ-ଭୁକ୍ତ ଦଳଗୁଡ଼ିକ ପକ୍ଷରୁ ହୋଇଥିବା ବିରୋଧକୁ ବିଜେପି ନାରୀନେତ୍ରୀମାନେ ତୀବ୍ର ନିନ୍ଦା କରିଛନ୍ତି । ବିରୋଧୀ ଦଳଗୁଡିକର ଏହି ବିରୋଧରୁ ଏମାନଙ୍କ ମୁଖା ଖୋଲିଯାଇଛି ଏବଂ ଏମାନଙ୍କ ମହିଳା-ବିରୋଧୀ ମନୋଭାବ ସ୍ପଷ୍ଟ ବାରି ହୋଇ ପଡୁଛି ବୋଲି ଏହି ମହିଳା ବିଲ-ସପକ୍ଷବାଦୀ ବିଜେପି ନାରୀନେତ୍ରୀମାନେ ଏଠାରେ ପ୍ରକାଶ କରିଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ବିଜେପି ମୟୂରଭଞ୍ଜ (ପୂର୍ବ) ସାଂଗଠନିକ ଜିଲ୍ଲା ମହିଳା ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ଦିନ ସ୍ଥାନୀୟ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ଭାବେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି ଏବଂ ବିଜେପି ରାଜ୍ୟ ଉପସଭାନେତ୍ରୀ ତଥା ବିଶିଷ୍ଟ ନାରୀନେତ୍ରୀ ଶ୍ରୀମତୀ ସିପ୍ରା ବାଜପେୟୀ ଏଥିରେ ଯୋଗ ଦେଇ ଏହି ମର୍ମରେ ନିଜର ମତ ବ୍ୟକ୍ତ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଶୋଭାବତୀ ଓତା, ସୁଜାତା ମୁର୍ମୁ, ସୁମନ ସିଂ, ସରୋଜିନୀ କିସ୍କୁ, ମମତା ମଣ୍ଡଳ ପ୍ରମୁଖ ନାରୀନେତ୍ରୀମାନଙ୍କ ସାଙ୍ଗକୁ ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ ଯୋଗ ଦେଇ ସାମ୍ବାଦିକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । ଏହି ଅବସରରେ ବିଜେପି ଜିଲ୍ଲା ପ୍ରବକ୍ତା ନରୋତ୍ତମ ପାଣିଗ୍ରାହୀ ଓ ବାରିପଦା ବିଜେପିର ଅନ୍ୟତମ ନେତା ବୀରକିଶୋର ପଟ୍ଟନାୟକ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ ।

## କୋଲାବିରାରେ ବିଜେପି ମହିଳା ମୋର୍ଚ୍ଚାର ଜନଆକ୍ରୋଶ ପଦଯାତ୍ରା

ଝାରସୁଗୁଡ଼ା, ୨୮/୪ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାର କୋଲାବିରା ମଣ୍ଡଳରେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ଜନଆକ୍ରୋଶ ସମାବେଶ ଓ ପଦଯାତ୍ରା ଆୟୋଜିତ ହୋଇଥିଲା । ମଣ୍ଡଳ ସଭାପତି ଲତିକା ସାହୁଙ୍କ ନେତୃତ୍ୱରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖ ପଡିଆ ପର୍ଯ୍ୟନ୍ତ ଏହି ପଦଯାତ୍ରା ହୋଇଥିଲା । ନାରୀ ଶକ୍ତି ବନ୍ଦନ ଅଧିନିୟମ ସହିତ ନାରୀ ସଶକ୍ତିକରଣ ପ୍ରସଙ୍ଗରେ ବିରୋଧୀ ଦଳଙ୍କ ଭୂମିକାକୁ ନେଇ ଏହି କାର୍ଯ୍ୟକ୍ରମରେ ତୀବ୍ର ସମାଲୋଚନା କରାଯାଇଥିଲା ।

## ସମର ଷ୍ଟଡ଼ି ସେଂଟରର ଉଦ୍‌ଘାଟନ ଉତ୍ସବ

ଉଦଳା, ୨୮/୪ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁସାରେ ଜନଜାଗୃତି ମଂଚର ନେତୃତ୍ୱରେ ମୟୂରଭଂଜର ଚାରିଗୋଟି ବ୍ଲକ ଯଥା-(କପ୍ତିପଦା, ଉଦଳା, ଖୁଂଟା ଓ ଗୋପବନ୍ଧୁନଗର) ଅଂଚଳ ମଧ୍ୟରେ ଖୋଲାଯାଇଥିବା ସମର ଷ୍ଟଡ଼ି ସେଂଟର ମାନଙ୍କରେ ଚଳିତ ଏପ୍ରିଲ ୨୭ ତାରିଖ ସୋମବାର ଠାରୁ ସ୍ୱେଚ୍ଛାସେବି ମାନଙ୍କ ଦ୍ୱାରା ପାଠପଢ଼ା ଆରମ୍ଭ ହୋଇଛି । ସ୍ୱେଚ୍ଛାସେବି ମାନେ କିଭଳି ଢ଼ଙ୍ଗରେ ଓ କେଉଁ ବିଷୟରେ ପାଠପଢ଼ାଇବେ ସେ ସମ୍ପର୍କରେ ପୂର୍ବରୁ 'ଶିକ୍ଷାଗ୍ରହ' ଓ 'ମନ୍ତ୍ରା ଫର ଚେଂଜ' ସଂଗଠନ ତାଲିମ ପ୍ରଦାନ କରିଛନ୍ତି । ସରକାର ବିଦ୍ୟାଳୟ ଗୁଡ଼ିକୁ ଗ୍ରୀଷ୍ମଛୁଟି ଘୋଷଣା କରିବା ପରେ ଏହି ସମର ଷ୍ଟଡ଼ି ସେଂଟର ଗୁଡ଼ିକ ଖୋଲିବା ଆରମ୍ଭ ହୋଇଛି । ଜାତୀୟ ଶିକ୍ଷା ନୀତି- ୨୦୨୦ ସହିତ ଏଠାକାର ପାଠ୍ୟ ଖସଡ଼ା ଗୁଡ଼ିକ ସମ୍ପର୍କିତ ବୋଲି କୁହାଯାଉଛି । ଏହିଭଳି ମୋଟ ୫୩ ଜଣ ସ୍ୱେଚ୍ଛାସେବି ବିଭିନ୍ନ




ସ୍ଥାନରେ ନିୟୋଜିତ ଥିବାର ଜଣାଯାଇଛି । ଆଗାମି ୬ ସପ୍ତାହ ପର୍ଯ୍ୟନ୍ତ ଏହି ଷ୍ଟଡ଼ି ସେଂଟର ଗୁଡ଼ିକ ଖୋଲା ରହିବ ବୋଲି ମଂଚର ଟିମ ଲିଡ଼ର ଗଦାଧର ଦାଶ ଜଣାଇଛନ୍ତି । ପିଲାଙ୍କ କୋଳାହଳପୂର୍ଣ୍ଣ ପରିବେଶ ସାଙ୍ଗକୁ ହସଖୁସିର ମାହୋଲ ଷ୍ଟଡ଼ି ସେଂଟର ଗୁଡ଼ିକରେ ଏକ ଭିନ୍ନ ସ୍ୱାଦର ବାତାବରଣ ଖେଳାଇ ଦେଇଛି । ଫିତା କାଟି, ନଡ଼ିଆ ଫଟାଇ ସ୍ୱେଚ୍ଛାସେବି ଓ ଛାତ୍ର ଛାତ୍ରୀ ମାନେ ମିଳିତ ଭାବରେ ଏହି ଷ୍ଟଡ଼ି ସେଂଟର ଗୁଡ଼ିକ ଉଦ୍‌ଘାଟନ କରିଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଆଗାମି ୬ ସପ୍ତାହ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସ୍ୱେଚ୍ଛାସେବି କୈଳାଶ ଚନ୍ଦ୍ର ନାୟକ, ସୁଦର୍ଶନ ଦଳେଇ, ଆରତୀ ଖଣ୍ଡାପାତ୍ର, ଭାରତୀ ଖଣ୍ଡାପାତ୍ର, ନିରୁପମା ଦାସ, ମୋନାଲି ମୁର୍ମୁ, ରୁପାଏ ବାସ୍କେ ପ୍ରମୁଖ ସହଯୋଗ କରୁଛନ୍ତି । ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଏକକାଳିନ ଏହି କାର୍ଯ୍ୟକ୍ରମ ଚାଲୁ ରହିଥିବା ବେଳେ ଆତ୍ମଶକ୍ତି ଟ୍ରଷ୍ଟ ଦ୍ୱାରା ଏହା ପରିଚାଳିତ ହେଉଥିବାର ଜଣାଯାଇଛି ।

## ସାମାଜିକ କର୍ମୀଙ୍କ ଜଳଛତ୍ର ଶିବିର

ଭଦ୍ରକ, ୨୮/୪ (ନି.ପ୍ର): ଭଦ୍ରକ ବ୍ଲକ ବରପଦା ସୈନିକ ନିବାସ ସମ୍ମୁଖରେ ଜଳଛତ୍ର ଶିବିର ଖୋଲାଯାଇଛି । ଏହି ଶିବରକୁ ରୋଟାରୀ ଗଭର୍ଣ୍ଣର ଇନ୍ଦ୍ରଜିତ୍ ସାହୁ ଉଦ୍‌ଘାଟନ କରିଛନ୍ତି । କାର୍ଯ୍ୟକ୍ରମରେ ରୋଟାରିଆନ୍ ପ୍ରଣବ କୁମାର ସାହୁ, ଭାସ୍କର ଚନ୍ଦ୍ର ପାଢୀ, ନାସିର୍ ବକ୍ସ ଉପସ୍ଥିତ ଥିଲେ । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସରକାରୀ ସ୍ତରରେ ଜଳଛତ୍ର ଶିବିର ମାନ ଖୋଲାଯାଉ ନାହିଁ ।

## ଅଜଣା ଗାଡି ଧକ୍କାରେ ବାଇକ ଆରୋହୀ ମୃତ

ବୈଶିଙ୍ଗା , ୨୮/୪ (ନି.ପ୍ର): ବୈଶିଙ୍ଗା ଥାନା ଅଧିନ ୧୮ନଂ ଜାତୀୟ ରାଜପଥର ଆଗ୍ରିଆ ନିକଟସ୍ଥ ରେଳ ଓଭର ବ୍ରିଜ ଉପରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଅଜଣା ବାଇକ ଆରୋହୀ ଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି । ଖବର ନେବାରେ ଜଣାଯାଇଛି ସୋମବାର ସୂର୍ଯ୍ୟ ଉଦୟ ପୂର୍ବରୁ ଜଣେ ବାଇକ ଆରୋହୀ ହିରୋ ପେସନ ବାଇକ ନଂ ଓଡି ୧୧ ଏସ ୩୪୦୧ ରେ ବୈଶିଙ୍ଗା ଅଭିମୂଖେ ଆସୁଥିବା ବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା । ଧକ୍କା ହେବା ଫଳରେ ଆରୋହୀ ଜଣଙ୍କ ବାଇକ ରୁ ଛିଟିକି ପଡିଥିଲେ । ଫଳରେ ତାଙ୍କ ଉପରେ ଗାଡି ମାଡି ଯିବା ଯୋଗୁଁ ଶରୀରଟି ସଂପୂର୍ଣ୍ଣ ଖଣ୍ଡ ଖଣ୍ଡ ହୋଇଯାଇଥିଲା । ସକାଳେ ବୈଶିଙ୍ଗା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ ସନ୍ଧ୍ୟା ସୁଦ୍ଧା ବାଇକ ଆରୋହୀ ର ପରିଚୟ ମିଳିପାରି ନଥିଲା । ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାଯାଇଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida